

ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମର୍ସନ



## ସଂକ୍ଷେପରେ

### ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ଚିପିଲିମା,୨୭।୮(ଡି.ଏନ୍.ଏ.):** ସମ୍ବଲପୁର ଜିଲା ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଆନୁକୂଲ୍ୟରେ ବୁର୍ଲା ସରକାରୀ ହାଇସ୍କୁଲରେ ମଙ୍ଗଳବାର ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଚିନ୍ତାମଣି ମେହେର, ଏନ୍‌ଟିପିସି ସଂଯୋଜିକା ସୁଶ୍ରୀ ସ୍ୱାଗତିକା ବେହେରା, ସାଇକୋଲୋଜିଷ୍ଟ ବନ୍ଦନାମୟୀ ନାଗ ପ୍ରମୁଖ ଯୋଗଦେଇ ତମାଖୁ ବ୍ୟବହାର ଶରୀରରେ କିପରି କ୍ଷତି କରିଥାଏ ସେ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଶିକ୍ଷକ ରାମକୃଷ୍ଣ ରଥ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ପରମାଣପୁରରେ ଆଇନ ସଚେତନତା ଶିବିର

**ସମ୍ବଲପୁର,୨୭।୮(ବ୍ୟୁରୋ):** ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପରମାଣପୁର ପଞ୍ଚାୟତ ଅଫିସ ସଭାଗୃହରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଆଇନଜୀବୀ ବେଦବ୍ୟାସ ସାଥୁଆ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ସୂଚୀସ୍ମିତା ପଟ୍ଟନାୟକ, ମାନେଶ୍ୱର ବ୍ଲକ ଶିଶୁ ବିକାଶ ଓ ସୁରକ୍ଷା ଅଧିକାରୀ ମିତା ଶର୍ମା, ପରମାଣପୁର ସରପଞ୍ଚ ରଶ୍ମିତା ତରିଆ ବକ୍ତା ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ବୁଢ଼ାରଜା ଏସ୍‌ବିଆଇରେ ସେବା ବିପର୍ଯ୍ୟସ୍ତ, ବରିଷ୍ଠ ନାଗରିକ ହଟହଟା

**ସମ୍ବଲପୁର,୨୭।୮(ବ୍ୟୁରୋ):** ବୁଢ଼ାରଜା ଏସ୍‌ବିଆଇ ଶାଖାରେ ଗ୍ରାହକ ସେବା ବିପର୍ଯ୍ୟସ୍ତ ହୋଇଛି। କର୍ମଚାରୀ ଅଭାବ ଯୋଗୁ ଗ୍ରାହକ ସେବା ପାଇପାରୁ ନାହାନ୍ତି। ଦୁଇଟି କାଉଣ୍ଟରରେ ଟଙ୍କା ଜମା ସହ ଅନ୍ୟ କାମ ମଧ୍ୟ ହେଉଛି। ଫଳରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏହି ଶାଖାରେ ୮ ହଜାରରୁ ଉର୍ଦ୍ଧ୍ୱ ପେନସନଭୋଗୀ କାରବାର କରୁଛନ୍ତି। ସେମାନଙ୍କ ପାଇଁ ମଧ୍ୟ କୌଣସି ସୁବିଧା ଯୋଗାଇ ଦିଆଯାଉନାହିଁ। ଫଳରେ ସେମାନେ ହଟହଟା ହେଉଥିବା ପ୍ରକାଶ କରିଛନ୍ତି। ମଙ୍ଗଳବାର କେତେଜଣ ବରିଷ୍ଠ ନାଗରିକ ଓ ଗ୍ରାହକ ବ୍ୟାଙ୍କ ଅଧିକାରୀଙ୍କୁ ଏ ନେଇ ଅଭିଯୋଗ କରିଥିଲେ। କର୍ମଚାରୀ ଅଭାବ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ସେମାନେ ଦାବି କରିଥିଲେ। ଖୁବ୍‌ଶୀଘ୍ର ଅସୁବିଧା ଦୂର କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

### ବୁଢ଼ାରଜା ହାଇସ୍କୁଲରେ ଗଙ୍ଗାଧର ଜୟନ୍ତୀ

**ସମ୍ବଲପୁର,୨୭।୮(ବ୍ୟୁରୋ):** ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଙ୍ଗଳବାର ବୁଢ଼ାରଜା ସରକାରୀ ହାଇସ୍କୁଲ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଶିକ୍ଷାବିତ୍ ଶେଫାଳିରାଣୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ କାବ୍ୟଧାରା ଓ ପ୍ରାକୃତିକ ଉତ୍ସ ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୟକୃତୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦିତଚନ୍ଦ୍ର ପାଙ୍ଗଯୋଶୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାନାରେ ସମାଧାନ ପରେ ପୁଣି ଛାତ୍ରୀଙ୍କୁ ଦୁର୍ବ୍ୟବହାର

**ସମ୍ବଲପୁର,୨୭।୮(ବ୍ୟୁରୋ)**

ସମ୍ବଲପୁର ମହାନଗର ନିମଗ ରାସନପୁର ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ମାରପିଟ ଓ ଦୁର୍ବ୍ୟବହାର ଅଭିଯୋଗ ନେଇ ଅଭିଭାବକ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କୁ ଭେଟିଏ ନେଇ ଅଭିଯୋଗ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି।

ରବିବାର ଥାନାରେ ଆପୋସ ବୁଝାମଣା ପରେ ମଧ୍ୟ ଶିକ୍ଷୟିତ୍ରୀ ସୋମବାର ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ତାଙ୍କୁ ପାଠ ପଢ଼ାଇବାକୁ ବାରଣ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଛାତ୍ରୀଙ୍କ ମାତାପିତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ହୋଇଛି। ବିଇଓ ସନାତନ ବିଶ୍ୱାଳ ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି



ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ପୀଡ଼ିତା ଛାତ୍ରୀଙ୍କ ଅଭିଭାବକ।

**ଅତିରିକ୍ତ ଜିଲାପାଳଙ୍କୁ ଭେଟିଲେ ଅଭିଭାବକ**

ଦେଇଛନ୍ତି। ସୂଚନାଯୋଗ୍ୟ, ଛାତ୍ରୀଙ୍କୁ ମାରପିଟ ଓ ଏହାର ବିରୋଧ କରିବାରୁ ଅଭିଭାବକଙ୍କୁ ଜାତିଆଣ ଆକ୍ଷେପ କରି ଗାଳି ଦେଇଥିବା ଅଭିଯୋଗ ହୋଇଥିଲା। ରବିବାର ଅପରାହ୍ନରେ ଏ ନେଇ ଶିକ୍ଷକ, ସ୍କୁଲ ପରିଚାଳନା କମିଟି, ଅଭିଭାବକଙ୍କୁ ନେଇ ଏକ ବୈଠକ ହୋଇଥିଲା। ହେଲେ ବୈଠକରେ କୌଣସି ସମାଧାନ ହୋଇ ପାରି ନ ଥିଲା। ପରେ ଏହି ମାମଲା ସଦର ଥାନାରେ ପହଞ୍ଚିଥିଲା। ସେଠାରେ ଉଭୟ ପକ୍ଷ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲେ ମଧ୍ୟ ସୋମବାର ଛାତ୍ରୀଙ୍କୁ ପୁନର୍ବାର ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି।

■ ମୁରା ହାଇସ୍କୁଲ ଛାତ୍ରୀ ହଷ୍ଟେଲରେ ବିଭିନ୍ନ ସମସ୍ୟା

# ଅଭିଯୋଗ ପରେ ତଦନ୍ତ ହେଲା

**ସମ୍ବଲପୁର,୨୭।୮(ବ୍ୟୁରୋ)**

ମାନେଶ୍ୱର ବ୍ଲକ ମୁରା ନୋଡାଲ ହାଇସ୍କୁଲ ବାଳିକା ହଷ୍ଟେଲରେ ଛାତ୍ରୀ ଅସୁରକ୍ଷିତ। ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ହଷ୍ଟେଲ। ଏପରିକି ବ୍ୟାପକ ଅନିୟମିତତା ମଧ୍ୟ ହେଉଥିବା ଅଭିଯୋଗ ହେବା ପରେ ମଙ୍ଗଳବାର ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପଞ୍ଚାନନ ବେହେରା, ବିଇଓ ସନାତନ ବିଶ୍ୱାଳ ଓ ଜିଲାସ୍ତରୀୟ ଜଣେ ଅଧିକାରୀ ସ୍କୁଲ ପରିଦର୍ଶନ କରି ତଦନ୍ତ କରିଥିଲେ। ଛାତ୍ରୀମାନଙ୍କୁ ରହିବା ଓ ଖାଇବା ସମ୍ପର୍କରେ ଅଧିକାରୀମାନେ ପଚାରି ବୁଝିଥିଲେ। ଲାଇଟ ବ୍ୟବସ୍ଥା, ପାଇଖାନା ସଫା ସୁତୁରା, ପାଣି ଭଳି ସମସ୍ୟା ରହିଛି। ମୁଖ୍ୟତଃ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ହେବାରୁ ଛାତ୍ରୀମାନେ ଅନ୍ଧାରରେ ରହୁଛନ୍ତି। ଏଥିପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ସ୍କୁଲକୁ ଆସୁଥିବା ବିଭିନ୍ନ ଅନୁଦାନରେ ମଧ୍ୟ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ହଷ୍ଟେଲରେ ମାତ୍ର ଜଣେ ରୋଷେୟା ଓ ୱାର୍ଡେନ ରହୁଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ ହଷ୍ଟେଲରେ ରହୁନାହାନ୍ତି। ବାରମ୍ବାର ଅଭିଯୋଗ ପରେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ କରାଯାଇଛି। ହେଲେ ମୋ ପାଖରେ ରିପୋର୍ଟ ଦାଖଲ କରାଯାଉ ନାହିଁ। ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ବେହେରାଙ୍କୁ ପଚାରିବାରୁ କହିଲେ, ଏକ ଟିମ୍ ସ୍କୁଲ ପରିଦର୍ଶନରେ ଆସିଥିଲେ। ହେଲେ ଅନିୟମିତତା ସମ୍ପର୍କରେ ପଚାରିବାକୁ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ବ୍ୟସ୍ତ ଥିବା କହିଥିଲେ।

# ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ

**ନାକଟିଦେଉଳ,୨୭।୮(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ କଲେଜ ପରିସରରେ ମଙ୍ଗଳବାର ନବାଗତ ଛାତ୍ରୀଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦ୍ୱିତୀୟ ଏବଂ ଶେଷବର୍ଷ ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ କଲେଜ ପରିସରରେ ସ୍ୱାଗତ କରିଥିଲେ। କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟାପକ ଦେବେଶ ବିଶ୍ୱାଳ, ଶେଷଦେବ ବିଶ୍ୱାଳ, ଭଜମୋହନ ପ୍ରଧାନ, ବିନୋଦ ବିହାରୀ ପ୍ରଧାନ, ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ଜୟନ୍ତୀ ପ୍ରଧାନ, ଲିଟିନା ପ୍ରିୟଦର୍ଶିନୀ, ଶ୍ୱେତାଶ୍ରୀ ପ୍ରଧାନ, ସୁଦାମ ଚରଣ ସାହୁ, ବିଭୂତି ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରୀଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ଛାତ୍ରୀ ନମିତା ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ନମିତା ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ବର୍ଷ କଳା ଛାତ୍ରୀ ସିଲୁପମା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ଭବାନୀ ଏବଂ ଦେବଜାନୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ଶୁଭସ୍ମିତା ସାହୁ, ନମିତା ମହାପାତ୍ର ଏବଂ ଛାତ୍ର ପୁରେନ ମାଝି ନୃତ୍ୟଗୀତ ପରିବେଷଣ କରିଥିଲେ। ଶେଷବର୍ଷ ଛାତ୍ରୀ ଦୀପ୍ତିମୟୀ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍ସବରେ ଉପସ୍ଥିତ ଛାତ୍ରୀ ଓ ଅଧ୍ୟାପକ।

### ଧନକଉଡ଼ା ଦୁର୍ଗାପୂଜା କମିଟି ନୂତନ କର୍ମକର୍ତ୍ତା ଦିବାକର ଖୁଣ୍ଟିଆ ସଭାପତି

**ସମ୍ବଲପୁର,୨୭।୮(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନକଉଡ଼ା ସାର୍ବଜନୀନ ଦୁର୍ଗାପୂଜା କମିଟି ଗଠିତ ହୋଇଛି। ନୂତନ ସଭାପତି ଦିବାକର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ରତ୍ନାକର ଯୁବକ ସଂଘ ସଭାଗୃହରେ ସାଧାରଣ ପରିଷଦ ବୈଠକ ହୋଇଥିଲା। ସମ୍ପାଦକ ଶ୍ରୀକାନ୍ତ ପାଣ୍ଡେ, କୋଷାଧ୍ୟକ୍ଷ ଚତୁର୍ଭୁଜ ବିଶି, କାର୍ଯ୍ୟକାରୀ ସଭାପତି ସୀତରାମ ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ମହେଶ ଭବାନୀ ବରଗ୍ରିଡ଼ ଓ କାର୍ଯ୍ୟକାରୀ କୋଷାଧ୍ୟକ୍ଷ ସାନନ୍ଦ କୁମାର ସାହୁ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେହିପରି ରାବଣପୋଡ଼ି ଉତ୍ସବ ସଭାପତି ଧନୁର୍ଦ୍ଧର ବିଶ୍ୱାଳ ଓ ସମ୍ପାଦକ ପର୍ଶୁରାମ ପଣ୍ଡା, ସୁଜିତ କୁମାର ରାଉତ, ସତ୍ୟନାରାୟଣ ସାହୁ, ମୀନକେତନ ବିଶି, ଉମାକାନ୍ତ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ପ୍ରମୋଦ କୁଅଁର, ଧନେଶ୍ୱର ପଣ୍ଡା, ଚକ୍ରଧର ସାହୁ, ନେହେରୁ ଓରାମ, ନାରାୟଣ ପାତ୍ର, ଭୋଳାନାଥ ସାହୁ, ବିକାଶ ଜେନା ଆଲୋଚନାରେ ଭାଗ ନେଇଥିଲେ।




ଗଙ୍ଗାଧର ମେହେର ଜୟନ୍ତୀ କାର୍ଯ୍ୟକ୍ରମରେ ପ୍ରଜ୍ଞା ପଣ୍ଡା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ଡା. ଝସକେତନ ସାହୁ କଲେଜରେ ଗଙ୍ଗାଧର ଜୟନ୍ତୀ

**ସମ୍ବଲପୁର,୨୭।୮(ବ୍ୟୁରୋ)**

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଙ୍ଗଳବାର ପରମାଣପୁରସ୍ଥିତ ଡା. ଝସକେତନ ସାହୁ କଲେଜ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଶୁକମୁନି ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ଜଗନ୍ନାଥ ଜଣାଣ ଆବୃତ୍ତି ପୂର୍ବକ ଶବ୍ଦ ବିନ୍ୟାସରୁ ଜୀବଶକ୍ତି ଜ୍ଞାନ ଆହାରଣ କରି ବୁଦ୍ଧିମନ୍ତ ହୋଇଥାନ୍ତି ବୋଲି କହିଥିଲେ। କଲେଜ ଅଧ୍ୟକ୍ଷା ସନ୍ଧ୍ୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଅଶୋକ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶିଷ୍ଟ ସଞ୍ଚାର କଳାକାର ଦୁଃଖନାଶନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ପ୍ରଜ୍ଞା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶଶାଙ୍କ, ନିଗମ ଓ ସତ୍ୟବତି ଗଙ୍ଗାଧରଙ୍କ ଉପରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଫି' ବୃଦ୍ଧି ନେଇ ସେଣ୍ଟ୍ ଯୋଶେଫ୍ ସ୍କୁଲକୁ ନୋଟିସ

**ସମ୍ବଲପୁର,୨୭।୮(ବ୍ୟୁରୋ)**

**ରିପୋର୍ଟ ନ ଦେଲେ ରଦ୍ଦ ହେବ ଏନ୍‌ଓସି**

ସମ୍ବଲପୁର ସାକ୍ଷୀପଡ଼ାସ୍ଥିତ ସେଣ୍ଟ୍ ଯୋଶେଫ୍ ସ୍କୁଲକୁ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ସରକାରଙ୍କ ନିୟମ ପାଳନ ନ କରି ସ୍କୁଲ କର୍ତ୍ତୃପକ୍ଷ ମନମୁଖି ଫି' ବୃଦ୍ଧି କରିଛନ୍ତି। ଚିଠି ନଂ ୩୨୫୩୭, ତା. ୨୨।୮।୧୯ ଜରିଆରେ ୧୫ ଦିନ ଭିତରେ ନୋଟିସର ଉତ୍ତର ରଖିବାକୁ କୁହାଯାଇଛି। ନ ହେଲେ ଏନ୍‌ଓସି ବାତିଲ କରାଯିବ ବୋଲି ଉଲ୍ଲେଖ ରହିଛି। ଅହେତୁକ ଫି' ବୃଦ୍ଧି ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଭାବକମାନେ ପ୍ରଥମେ ଏ ନେଇ ସ୍କୁଲ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ହେଲେ କୌଣସି ସମାଧାନ ହୋଇ ନ ଥିଲା। ପରେ ଜିଲା ଅଭିଭାବକ ସଂଘ ଅନୁରୋଧ କ୍ରମେ ରାଜ୍ୟ ଅଭିଭାବକ ସଂଘ ଶିକ୍ଷା ବିଭାଗ ସଚିବ ପ୍ରଦୀପ ମହାପାତ୍ରଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଶିକ୍ଷା ବିଭାଗ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ଅଭିଯୋଗ ଅନୁଯାୟୀ ସ୍କୁଲ କର୍ତ୍ତୃପକ୍ଷ ସରକାରୀ ନିୟମ ପାଳନ ନ କରି ୩୪ ପ୍ରତିଶତ ଫି' ବୃଦ୍ଧି କରିଛନ୍ତି। ଶୀତତାପ ନିୟନ୍ତ୍ରିତ କୋଠରିରେ ପାଠ ପଢ଼ିବା ପାଇଁ ପ୍ରତ୍ୟେକ ପିଲାଠାରୁ କର୍ତ୍ତୃପକ୍ଷ ୨୪ ଶହ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି। ଯାହା ସବୁ ବର୍ଗର ପିଲା ଦେବାକୁ ସକ୍ଷମ ନୁହନ୍ତି ବୋଲି ଏକ କ୍ଲବ ପରିସରରେ ଜିଲା ଅଭିଭାବକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ରାଜ୍ୟ ମହାସଂଘ ସମ୍ପାଦକ ପୁଣ୍ୟଶ୍ଳୋକ ମହାନ୍ତି, ବିଶ୍ୱଜିତ ମିଶ୍ର, ଉପସଭାପତି ସୁବ୍ରତ କୁମାର ବାବୁ, ସମ୍ପାଦକ ଅମିତ ମହାନ୍ତି, କୋଷାଧ୍ୟକ୍ଷ ଅଜୟ ନନ୍ଦ, ସାମସନ ରସେଲ, ଅକ୍ଷୟ କୁମାର ଦାଶ, ଭାବନୀ ଶଙ୍କର ଭୋଇ ଉପସ୍ଥିତ ଥିଲେ।





ଏଏନ୍‌ଏମ୍ ଆଣ୍ଡ ଜିଏନ୍‌ଏମ୍ ନର୍ସିଂ ସ୍କୁଲ ପରିସରରେ ନିର୍ଦ୍ଦେଶକ ଡା. ବସନ୍ତ କୁମାର ବିଶୋଇ ଚାରାରୋପଣ କରୁଛନ୍ତି(ବାମ)। ଛାତ୍ରୀଛାତ୍ର ଚାରାରୋପଣ କରୁଛନ୍ତି।

# ନର୍ସିଂ ଛାତ୍ରୀଛାତ୍ରଙ୍କ ପରିବେଶ ଚିନ୍ତା

■ ଏଏନ୍‌ଏମ୍, ଜିଏନ୍‌ଏମ୍ ପରିସରରେ ଚାରାରୋପଣ

**ସମ୍ବଲପୁର,୨୭।୮(ବ୍ୟୁରୋ)**

ବିଶ୍ୱ ଜଳବାୟୁରେ ପରିବର୍ତ୍ତନ ହେଉଛି। ସମୁଦ୍ର ଜଳ ଉପରକୁ ଉଠିବା, ବନ୍ୟା, ବାତ୍ୟା, ବରଫ ତରଳିବା ଭଳି ଘଟଣା ବଢ଼ିବାରେ ଲାଗିଛି। ଏହା ସମଗ୍ର ବିଶ୍ୱରେ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଏହାକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି କୋଶଳ ଏଏନ୍‌ଏମ୍ ଆଣ୍ଡ ଜିଏନ୍‌ଏମ୍ ନର୍ସିଂ ସ୍କୁଲ ନିର୍ଦ୍ଦେଶକ ଡା. ବସନ୍ତ କୁମାର ବିଶୋଇ କହିଛନ୍ତି। ସ୍କୁଲ ଅଧ୍ୟକ୍ଷା କେ. ଜୟଶ୍ରୀଙ୍କ ପରିଚାଳନାରେ ନକ୍ସାପାଲିସ୍ଥିତ ସ୍କୁଲ ପରିସରରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ଶାଳ, ଲିମ୍ବ, ଆମ୍ବ, ଜାମୁ, କରଞ୍ଜ, ଅଁଳା, ବାହାଡ଼ା, ହରିଡ଼ା, ତୁଳସୀ ଚାରାରୋପଣ କରିଥିଲେ। ୧୮୦ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କ୍ଷୀରୋଦ ଚନ୍ଦ୍ର ଓଝା, ପ୍ରତିମା ପୃଷେଠ, ମିନାକ୍ଷୀ ଡିଲା, ସୁଦୀପ୍ତ ଦୀପ, ଶିଖା ସୋନାଲି ଏକ୍କା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫଟୋରେ ଖବର




ମଙ୍ଗଳବାର ସମ୍ବଲପୁର ସୋସିଆଲ ଷ୍ଟାର କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଅଭିଭାବକ ମହାସଂଘ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।



ସମ୍ବଲପୁର ବସ୍ତି ପଞ୍ଚାୟତ ମାରୱାଡି ଧର୍ମଶାଳାରେ ଆୟୋଜିତ ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞରେ ଶ୍ରୀତାରାମଜୀ ଶାସ୍ତ୍ରୀ ପ୍ରବଚନ ଦେଉଛନ୍ତି।



ସମ୍ବଲପୁର ବସ୍ତି ପଞ୍ଚାୟତ ମାରୱାଡି ଧର୍ମଶାଳାରେ ଆୟୋଜିତ ଶ୍ରୀମଦ୍ ଭାଗବତ କଥାଜ୍ଞାନ ଯଜ୍ଞରେ ଭକ୍ତମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୮ ଅଗଷ୍ଟ, ୨୦୧୯



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଗୋଡ଼ଭଗା ନାଗରିକ କମିଟି ବୈଠକ

ଅତାବିରା, ୨୭।୮ (ଡି.ଏନ.ଏ)
ଅତାବିରା ବ୍ଲକ ଗୋଡଭଗା ନାଗରିକ କମିଟିର ବାର୍ଷିକ ବୈଠକ ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି । କମିଟି ସଭାପତି ହାରାଧର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୂତନ କମିଟି ଗଠନ କରାଯାଇଥିଲା। ହାରାଧନ ବାରିକ ସଭାପତି, ଏମ. ସତ୍ୟନାରାୟଣ ଉପସଭାପତି, ଉପେନ୍ଦ୍ର ପଣ୍ଡା ସାଧାରଣ ସମ୍ପାଦକ, ହାଡୁ କର୍ଣ୍ଣ ସଙ୍ଗଠନ ସଂଯୋଜକ, କୁନୁବାବୁ ଗଡତିଆ ସହ ସମ୍ପାଦକ, ଲକ୍ଷ୍ମଣ ଭୋଇ କୋଷାଧକ୍ଷ ଭାବେ ମନୋନିତ ହୋଇଛନ୍ତି । ରାମନାରାୟଣ ରଥ, ଶେଷଦେବ ପ୍ରଧାନ, ମିତ୍ରଭାନୁ ମିର୍ଦ୍ଧା, ନାଭିଦତ୍ତ ବୁଡେକ, ଶିବଶଙ୍କର ମହାକୁର ସଦସ୍ୟ ଓ ସୌକିଲାଲ ମିଶ୍ର, କେଶବ ପ୍ରଧାନ ଉପଦେଷ୍ଟା ରହିଛନ୍ତି । ଶ୍ରୀନିବାସ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ଅତାବିରା, ୨୭।୮ (ଡି.ଏନ.ଏ)
ଅତାବିରା ବ୍ଲକ ଗୋଡଭଗା ନାଗରିକ କମିଟିର ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ହାରାଧନ ବାରିକଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କରାଯାଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ନୂଆଁଖାଇ ଭେଟଘାଟ ଦିନ ଅଞ୍ଚଳର ଜଣେ ଶିକ୍ଷାବିତ୍‌ଙ୍କୁ ସାରସ୍ୱତ ନାଗରିକ ସମ୍ମାନ, ୫ଜଣ ବରିଷ୍ଠ ନାଗରିକଙ୍କୁ ନାଗରିକ ସମ୍ମାନ, ଯୁକ୍ତ ୨ ଓ ଯୁକ୍ତ ୩ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ର ଏବଂ ମାଟ୍ରିକ ପରୀକ୍ଷାରେ ଅଞ୍ଚଳର ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ନାଗରିକ କମିଟି ସଭାପତି ବାରିକ ଜଣାଇଛନ୍ତି ।

### ଜ୍ଞାନବିଜ୍ଞାନ ମେଳାରେ ୨୪୫ ପ୍ରକଳ୍ପ ପ୍ରଦର୍ଶିତ

ଅତାବିରା, ୨୭।୮ (ଡି.ଏନ.ଏ)
ଭେଡେନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । କାଦୋବାହାଲ କଲେଜ ଅଧକ୍ଷ ସୁରେନ୍ଦ୍ର କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଶିଳ୍ପପତି ପୁଞ୍ଜା ସୁରୁବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଙ୍କୁଳ ସଂଯୋଜକ ଅଶୋକ ସାହୁ, ସଙ୍କୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ, ପରିଚାଳନା କମିଟି ଉପସଭାପତି ଶମ୍ଭୁରାମ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ମେଳାରେ ୨୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଆଚାର୍ଯ୍ୟ ସାନ୍ତ୍ୱନା ପୁରୋହିତ, ସୁଜିତ ଆଚାର୍ଯ୍ୟ, ନିଶାନ୍ତ ମହାରଣା, ଅଶୋକ ଧର, ସୁରେନ୍ଦ୍ର ବିଶି, ଗଜରାଜ ଦୁୱାନ ପ୍ରମୁଖ ମେଳା ପରିଚାଳନା କରିଥିଲେ । ଶେଷରେ ପରିଚାଳନା କମିଟି ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ୯ଟି ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

### ଦୁର୍ଗାପୂଜା କମିଟି ଗଠିତ

ଭେଡ଼େନ,୨୭।୮(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆସନ୍ତା ଦୁର୍ଗାପୂଜାକୁ ସୁଚାରୁ ଭାବେ ପାଳନ କରିବା ପାଇଁ ନୂତନ କମିଟି ମାନ ଗଠିତ ହୋଇଛି । ଭେଡ଼େନ ଗ୍ରାମରେ ଆସନ୍ତା ୫୩ ତମ ଦୁର୍ଗାପୂଜା ପାଇଁ ସୋମବାର ସ୍ଥାନୀୟ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଏକ ସଭାରେ ନୂତନ କମିଟି ଗଠିତ ହୋଇଛି । ଏହି କମିଟିରେ ଦଶରଥ ମେହେର ସଭାପତି, ସ୍ୱାଧୀନ କୁମାର ରଥ ଉପସଭାପତି, ନିତ୍ୟାନନ୍ଦ ମେହେର, ମାନଭଞ୍ଜନ ମଡ଼ପାଚି ସମ୍ପାଦକ, ଗୌରଚନ୍ଦ୍ର ଅଦାବର ସହ ସମ୍ପାଦକ, ରାଜେଶ ଅଗ୍ରୱାଲ କୋଷାଧକ୍ଷ ଭାବେ ପ୍ରମୁଖ ମନୋନିତ ହୋଇଥିଲେ। ଉପଦେଷ୍ଟା କମିଟିରେ ୯ ଜଣ ସଦସ୍ୟ ଅଛନ୍ତି । ରେମଣ୍ଡା ଦୁର୍ଗାପୂଜା ସକାଶେ ପୂର୍ବତନ ସଭାପତି ଆଶିଷ କୁମାର ମାହାରଙ୍କ ପରିଚାଳନାରେ ହୋଇଥିବା ବୈଠକରେ ନୂତନ କମିଟିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଦୀପକ ଭୋଇ, ଉପସଭାପତି ଟିଟୁ ପଟେଲ, ସମ୍ପାଦକ ସୁଦାମ ସାହୁ, ସହ ସମ୍ପାଦକ ଯଦୁମଣି ପ୍ରଧାନ, କୋଷାଧକ୍ଷ ପ୍ରଭଞ୍ଜନ ଶତପଥି ଏବଂ ସହ କୋଷାଧକ୍ଷ ଭାବେ ହେମନ୍ତ କୁମାର ନାୟକ ମନୋନିତ ହୋଇଛନ୍ତି ।

## ■ ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ଚାଷୀ ପ୍ରତିନିଧି

# ୯ ସୁଦ୍ଧା ବୀମା କ୍ଷତିପୂରଣ ନ ଦେଲେ ଆନ୍ଦୋଳନ

ବରଗଡ଼ ଅଫିସ୍,୨୭।୮

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି । ସମ୍ପୃକ୍ତ ବୀମା କମ୍ପାନୀ ନାନା ଆଳ ଦେଖାଇ ଚାଷୀଙ୍କୁ ଠିକ୍ ଭାବେ ବୀମା କ୍ଷତିପୂରଣ ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ସୋମବାର ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେପ୍ଟେମ୍ବର ୯ତାରିଖ ସୁଦ୍ଧା ଚାଷୀମାନଙ୍କୁ ସେମାନଙ୍କ ବୀମା କ୍ଷତିପୂରଣ ପ୍ରଦାନ କରା ନ ଗଲେ ଚାଷୀ ସଙ୍ଗଠନ ପକ୍ଷରୁ



ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କୁ ଫେରାଦ ହେଉଛନ୍ତି ।

ବରଗଡ଼ସ୍ଥିତ ବୀମା ଅଫିସକୁ ଅଚଳ କରି ଦିଆଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି । ପ୍ରକାଶ ଯେ, ବୀମା ସମସ୍ୟା ନେଇ ଚାଷୀ ସଙ୍ଗଠନ ସମନ୍ୱୟ ସମିତି ବାରମ୍ବାର ଜିଲାପାଳ, ବୀମା କର୍ତ୍ତୃପକ୍ଷଙ୍କୁ ଫେରାଦ ହେବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି । ମାତ୍ର ନାନା ଆଳ ଦେଖାଇ ବୀମା କମ୍ପାନୀ ସମୟ ଗଡ଼ାଇ ଚାଲିଥିବାବେଳେ ପ୍ରଶାସନ ପକ୍ଷରୁ ମଧ୍ୟ ଠୋସ୍ ପଦକ୍ଷେପ ନିଆଯାଉନାହିଁ । ଗତ ମାସ ୩୦ତାରିଖରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏ ନେଇ ଏକ ବୈଠକ ବସିଥିଲା । ବୈଠକର ନିଷ୍ପତ୍ତିକ୍ରମେ ମଧ୍ୟ ବୀମା କମ୍ପାନୀ କ୍ଷତିପୂରଣ ରାଶି ପ୍ରଦାନ କରୁ ନ ଥିବା ଚାଷୀ ସଙ୍ଗଠନ ଅଭିଯୋଗ କରି ସେଭଳି ଆନ୍ଦୋଳନ ଚେତାବନୀ ଦେଇଛି । ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ପଞ୍ଚାନନ ଦଳପତି, ହେମଚନ୍ଦ୍ର ପ୍ରଧାନ, ମୁକେଶ କେଡ଼ିଆ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ସୋହେଲାରେ ଫଟୋଗ୍ରାଫି କର୍ମଶାଳା

ସୋହେଲା,୨୭।୮(ଡି.ଏନ.ଏ)

ବରଗଡ ଜିଲା ସୋହେଲା ଅଗ୍ରସେନ ଭବନରେ ମଙ୍ଗଳବାର ରାଜବୋରାସମ୍ବର ଫଟୋଗ୍ରାଫି ଆସୋସିଏଶନ ତରଫରୁ ଏକ ଫଟୋଗ୍ରାଫି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନିକନ ଇଣ୍ଡିଆର ଓଡ଼ିଶା ମେଣ୍ଟର ଆଶୁତୋଷ ସାହୁ ଓ ଦେବେଶ ମାଝି କର୍ମଶାଳା ପରିଚାଳନା କରିଥିଲେ। ରାଜବୋରାସମ୍ବର ଫଟୋଗ୍ରାଫି ଆସୋସିଏଶନ ସଭାପତି ସୁବାଷ ମେହେର, ସମ୍ପାଦକ ବିକ୍ରମ ପ୍ରଧାନ, ସହ ସମ୍ପାଦକ ସୁନୀଲ ଦାଶ, କୋଷାଧ୍ୟକ୍ଷ ରାଜେଶ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ସୋହେଲା, ବରପାଲି, ବରଗଡ, ପଦ୍ମପୁର ଅଞ୍ଚଳର ଶତାଧିକ ଫଟୋଗ୍ରାଫର ଯୋଗଦେଇ ଫଟୋଗ୍ରାଫି ଉପରେ ଜ୍ଞାନ କୌଶଳ ଶିକ୍ଷାଲାଭ କରିଥିଲେ।

## ମାଟିମୂର୍ତ୍ତି କାମ ଦେଇଛି ପରିବାରକୁ ଦାନା



ଜଣେ କାରିଗର ମାଟି ମୂର୍ତ୍ତି ତିଆରି କାମରେ ବ୍ୟସ୍ତ ।

ବରପାଲି, ୨୭।୮ (ଡି.ଏନ.ଏ)

ଗଣେଶ ପୂଜାକୁ ଆଉ କିଛି ଦିନ ବାକି ଥିବାବେଳେ କାରିଗର ମୂର୍ତ୍ତିଗଢ଼ି ରଙ୍ଗ କରିବାରେ ଲାଗିପଡିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବରପାଲି କୁମ୍ଭାରପଡାର ଜିତେନ୍ଦ୍ର ରଣା (୪୫)। ସେ ତାଙ୍କ ବାପ, ଅଜା ଅମଳରୁ ଏହି ମୂର୍ତ୍ତି ନିର୍ମାଣ କରି ନିଜର ଜୀବନ ଜିବିକା ନିର୍ବାହ କରି ଆସୁଛନ୍ତି। ଏଥିପାଇଁ ସେ ବର୍ଷସାରା ସଂଘର୍ଷ ଜାରି ରଖିଛନ୍ତି। ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଗଲାଣି। ଗଣେଶ ପୂଜା ପରେ ବିଶ୍ୱକର୍ମା, ଅନନ୍ତ ପୂଜା ଓ ଦୁର୍ଗାପୂଜା ଆଦି ଲାଗି ରହିବ। ଏଥିପାଇଁ କୁମ୍ଭାରପଡାର ମୂର୍ତ୍ତି କାରିଗର ଦେବରାଜ, ରୋହିତ, ପ୍ରେମା ଓ ଜିତୁ ମୂର୍ତ୍ତି ଗଢ଼ିବାରେ ଦିନ ରାତି ଏକ କରିଦେଇଛନ୍ତି। ସେମାନେ ଜୁଲାଇ ମାସରୁ ମୂର୍ତ୍ତି ଗଢ଼ିବା କାମ ଆରମ୍ଭ କରିଛନ୍ତି। ଏହାପରେ ଆଗକୁ ଅଛି ଦୁର୍ଗା ଓ କାଳୀପୂଜା। ଏଥିପାଇଁ ସେମାନଙ୍କୁ ଆଉ ଫୁରସତ ନାହିଁ ବୋଲି କୁହନ୍ତି ଏହି ମୂର୍ତ୍ତି କାରିଗର। ମୂର୍ତ୍ତି ନିର୍ମାଣ କାମ ସରିବା ପରେ ତାକୁ ଖରାରେ ଶୁଖାଇ ରଙ୍ଗ ଦେବାକୁ ହୋଇଥାଏ। ଏହାକୁ ବର୍ଷ ବର୍ଷ ଧରି ନିଜ ପେଶା ଭାବେ ଆଦରି ନେଇଥିବା ମୂର୍ତ୍ତି କାରିଗରଙ୍କ ପାଇଁ ଆବଶ୍ୟକ ମାଟି, ବାଉଁଶ ଓ ନଡାପୁଆଲ ମିଳୁ ନ ଥିବାରୁ ମୂର୍ତ୍ତି ଗଢ଼ିବାରେ ସମସ୍ୟା ହେଉଛି। ସେହିପରି ଆଖପାଖ ଅଞ୍ଚଳରେ ଚିଟିକା ମାଟି ମିଳୁ ନ ଥିବାରୁ ଦୂର ଦୂରାନ୍ତରୁ ଟ୍ରାକ୍ଟର ଯୋଗେ ମାଟି ଆଣିବାକୁ ପଡିଥାଏ। ଏଥିପାଇଁ ଟ୍ରାକ୍ଟର ପିଛା ହଜାରେ ଟଙ୍କା ଦେବାକୁ ପଡିଥାଏ। ଏହା କୌଳିକ ବୃତ୍ତି ହୋଇଥିବାରୁ ପର୍ବ ପର୍ବାଣୀରେ ମୂର୍ତ୍ତି ଗଢ଼ିବା ପେଷାକୁ ଛାଡି ପାରୁନାହାନ୍ତି ବୋଲି ଏହି କାରିଗରମାନେ କୁହନ୍ତି। ହେଲେ ପ୍ରୋତ୍ସାହନ ମିଳିଲେ ଏହି ମାଟିଶିଳ୍ପ ଆଗକୁ ବଢ଼ି ପାରନ୍ତା ବୋଲି ସେମାନେ କହିଛନ୍ତି। ତେବେ ପ୍ରୋତ୍ସାହନ ମିଳୁ ନ ଥିବାରୁ କେବଳ ମାଟିରେ ଘାଣ୍ଟି ହେବା ସାର ହେଉଛି ବୋଲି କାରିଗର ଜିତେନ୍ଦ୍ର କୁହନ୍ତି।

## ଦଦ୍‌ରା ଅବସ୍‌ତାରେ ଫେରିଘାଟ ଯାତ୍‌ରି ଆଶ୍ରୟସ୍ଥଳୀ

ଅତାବିରା, ୨୭।୮ (ଡି.ଏନ୍.ଏ)
ଭେଡ଼େନ ବ୍ଲକ ଉଦେପୁର-ଦେଓଗାଁ ମହାନଦୀ ଡଂଗା ଘାଟରେ ବହୁତ୍ ବଛର ତଲେ ଗୁଟେ ବନ୍ୟା ଆଶ୍ରୟସ୍ଥଳୀ ତିଆର ହେଇଥିଲା। ହେଲେ ମରାମତି ଅଭାବୁ ଏହେଦେ ଆଶ୍ରୟସ୍ଥଳୀଟା ଦଦ୍‌ରା ଅବସ୍‌ତାରେ ପଡ଼ି ରହିଛେ। ଇ ଡଂଗା ଘାଟ ଦେଇ ଫିଦିନ ଅତାବିରା, ଭେଡ଼େନ ଅଂଚଲର ଲୋକ ସମ୍ବଲପୁର, ଦେଓଗାଁ, ମେଟାକାନୀ, ଧମା, ମାନେଶ୍ୱର ଯାଆସ କରୁଛନ୍। ସେନ୍‌ତା ସମ୍ବଲପୁର ଅଂଚଲର ଲୋକ୍ ବି ଇ ଘାଟ ଦେଇ ଅତାବିରା, ଭେଡ଼େନ ଅଂଚଲକେ ଯାଆସ କରୁଛନ୍। ଇଆଡ଼େ ଲକ୍ଷାଧିକ୍ ଟଁକାରେ ଡଂଗା ଘାଟ୍‌ର ନିଲାମି ହେଉଥିଲାବେଲେ ଘାଟର ଉନ୍‌ନତିକରନ ଦିଗେ ଧିଆନ୍ ନାଇଁ ଦିଆଯିବାର। ଜିଲା ପରଶାସନ ଇ ଦିଗେ ଦୁରୁଷ୍‌ଟି ଦେବାକେ ଗଜରାଜ ରଣା, ଦେବରାଜ ଷଣ୍ଢ, କ୍ଷୀରୋଦ୍ର ପ୍ରଧାନ, ପ୍ରମୋଦ ଦନ୍ତା ଦାବି କରିଛନ୍।

## ଗୋବନ୍ଧ୍ୟା ନିରାକରଣ ସଚେତନତା ଶିବିର

ବିଜେପୁର, ୨୭।୮ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ବୁଡାପାଲିରେ ଗୋବନ୍ଧ୍ୟା ନିରାକରଣ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକ ଦିଲୀପ କୁମାର ଦେବତାଙ୍କ ସଂଯୋଜନାରେ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଗିରିଧାରୀ ଭୋଇ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଆମଦେଶର ଗିର, ହରିଆନା, ଅଙ୍ଗୋଲ ଆଦି ପ୍ରଜାତିର ଉଚ୍ଚମାନଯୁକ୍ତ ଦେଶୀ ମେଣ୍ଢା ଠାରୁ ସଂଗୃହିତ ଶୁକ୍ରାଣୁର ବ୍ୟବହାର ଦ୍ୱାରା ଭାରତୀୟ ଗୋବଂଶର ସଂରକ୍ଷଣ ଏବଂ ସାମାଜିକ ସମୃଦ୍ଧି ବିଷୟରେ ପ୍ରଶିକ୍ଷଣରେ ଗୁରୁତ୍ୱାରୋପ କରାଯାଇଥିଲା। ଚାକିରୀ ପଛରେ ନଧାଇଁ ଗୋପାଳନ କରି ଆତ୍ମନିର୍ଭରଶୀଳ ହେବାକୁ ଚାଷୀ ଭାଇମାନଙ୍କୁ ଉତ୍ସାହିତ କରାଯାଇଥିଲା।



ସଚେତନତା ଶିବିରରେ ଉପସ୍ଥିତ ଅଗ୍ରଣୀ ଚାଷୀ ।

ଏଥିରେ ଶ୍ୟାମସୁନ୍ଦର ବେହେରା, ମୁନା ପୁରୀ, ଶଙ୍କର ନାଏକ, ଦୟାନିଧି ସାହୁ, ରାଜେନ୍ଦ୍ର ବେହେରାଙ୍କ ସମେତ ଗୁଡାପାଲି ପଞ୍ଚାୟତର ବହୁ ଅଗ୍ରଣୀ ଚାଷୀ ସାମିଲ ହୋଇଥିଲେ । ଗଙ୍ଗାଧର ଦୀପ, ପୃଥ୍ୱୀରାଜ ସାହୁ, ବଳରାମ ପୁରୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଆଗାମୀ ଦିନରେ ଏହିପରି ବିଭିନ୍ନ ପଞ୍ଚାୟତରେ ଶିବିର କରି ଗୋପାଳକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

## ଭତା, ଆବାସ ଘର କାର୍ଯ୍ୟାଦେଶ ପାଏଲେ ଉତ୍ତର

ଅତାବିରା, ୨୭।୮ (ଡି.ଏନ.ଏ)

ଧରିତ୍ରୀ ପ୍ରଭାବ

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଉଦେପୁର ଗାଁର ଉତ୍ତର ଝାଙ୍କର(୭୦) ଆଉ ମାଏକିନା ତାରା ଝାଙ୍କର(୬୫)। ଉତ୍ତର ଦିବ୍ୟାଙ୍ଗ ହେଇଥିଲାବେଲେ ତାରା ଝନେ ମାନ୍‌ସିକ ରୁଗୀ। ଇ ଦମ୍ପତି ନିହାତି ଗରିବ୍ ହେଇଥିଲାବେଲେ ତାକର ପିଲାଛୁଆ ବି ନାଁଇଁନ। ଦମ୍ପତି ଗୁଟେ ନଡ଼ାଛପର ମାଏଟ୍ କୁରିଆରେ ରହୁଥିଲେ। ହେଲେ ଆଏଜ୍‌କେ ୧୦ ବଛର ତଲେ ଝରି ବରଷାରେ ତାକର ଘରଟା ଭାଂଗି ଯାଇଥିଲା। ସେଦିନ୍‌ଠାନୁ ଦୁଇ ବୁଢ଼ାବୁଢ଼ି ଇନେ ସେନେ ହେଇ ଦିନ୍ ବିତଉଥିଲେ। ଇ ସମିଆରେ ତାରା ମାନ୍‌ସିକ ରୋଗ୍‌ରେ ପୀଡ଼ିତ ହେଇଥିଲେ। ଏନ୍‌ତାଥି ସେ କେତେବେଲେ ଉତ୍ତରକଁର ପାସେ ରହୁଥିଲାବେଲେ ଆଉ କେତେବେଲେ ଇଆଡ଼େ ସେଆଡ଼େ ବୁଲି ଜୀବନ୍ ବିତଉଛନ୍। ତାକର ଚିକିଛା ଲାଗି ଉତ୍ତର ସକ୍ଷମ ନୁହଁନ୍। ସେନ୍‌ତା ଇ ଦମ୍ପତି ବୁଢ଼ାବୁଢ଼ି ଭତା, ଆବାସ ଯୋଜନାରୁ ବି ବଁଚିତ୍ ହେଇ ରହିଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଲାଗ୍ ଲାଗ୍ ଖବର ବାହାରିଥିଲା। ଖବର ବାହାରଲାରୁ ଥାନୀୟ ପରଶାସନର ଚେତା ପଶିଥିଲା। ପରଶାସନ ଉତ୍ତରକୁଁ ଭିନକ୍ଷମ ଭତା ଯୁଗେଇ ଦେଇଥିଲାବେଲେ ତାରାକଁର ଭୋଟ ପରିଚଏପତର, ଆଧାର କାର୍ଡ ଅଭାବୁ ସେ ଭତାରୁ ବାଦ୍ ପଡ଼ିଥିଲେ। ହେଲେ ଧରିତ୍ରୀରେ ଇ ବାବ୍‌ଦେ ଫେନ୍ ଖବର ବାହାରଲାରୁ ପରଶାସନ ତାରାକଁର ଭୋଟ ପରିଚଏ ପତରର, ଆଧାର କାର୍ଡର ବେବସ୍‌ତା କରିଛେ। ସେନ୍‌ତା ପରଶାସନ ଉତ୍ତରକୁଁ ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ବି ସାମିଲ କରିଛେ। ତା.୧୭.୮.୨୦୧୯ ପରଶାସନ ଘର ମଂଜୁର କରବାର ସଂଗେ ସୋମବାର କାର୍ଯ୍ୟାଦେଶ ସଂଖ୍ୟା ୪୨୫/୧୯ରେ ତାହାକୁ ଘର ତିଆରିବାକେ ଅନୁମତି ଦେଇଛେ। ତାରାକଁର ଭତା ବାବ୍‌ଦେ ଭେଡ଼େନ ବିଡିଓ ମୂରଲୀଧର ନାୟକଙ୍କୁ ପଚରାଲାରୁ ତାହାକୁ ଭୋଟ ପରିଚଏ ପତର, ଆଧାର କାର୍ଡ ଯୁଗେଇ ଦିଆଯାଇଛେ। ସେ ଫର୍ମ ଭରି ଆବେଦନ କଲେ ଯେତେ ଜଲଦି ହେବା ତାହାକୁ ଭତା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ଦିବ୍ୟାଙ୍ଗ ଉତ୍ତର ଝାଙ୍କର ଆବାସ ଘର କାର୍ଯ୍ୟାଦେଶ ଦେଖଉଛନ୍।

## ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିକଲେ ଗ୍ରାମବାସୀ

ବରଗଡ଼ ଅଫିସ୍,୨୭।୮

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଜାମୁଣ୍ଡା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ବଦଳି କରିବା ଏବଂ ତାଙ୍କ ସ୍ଥାନରେ ଅନ୍ୟ ଜଣେ ପ୍ରଧାନଶିକ୍ଷକଙ୍କୁ ସ୍କୁଲରେ ଅବସ୍ଥାପିତ କରିବାକୁ ଦାବି ହୋଇଛି । ଏହି ଦାବି ନେଇ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି । ଏ ନେଇ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, କୁଜାମୁଣ୍ଡା ସ୍କୁଲରେ



ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିବା ଗ୍ରାମବାସୀ ।

୨ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ଦୁଇ ଶିକ୍ଷକଙ୍କୁ ନେଇ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଚାଲୁଛି । ଏଭଳି ସ୍ଥଳେ ଉକ୍ତ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ନିୟମିତ ସ୍କୁଲକୁ ଆସୁ ନାହାନ୍ତି । ସେ ଅନ୍ୟ ଏକ କମ୍ପାନୀର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ସ୍କୁଲରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି ବୋଲି ସେମାନେ କହିଛନ୍ତି । ଫଳରେ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବା ସହିତ ଅନ୍ୟ ଜଣେ ଦାୟିତ୍ୱସମ୍ପନ୍ନ ପ୍ରଧାନଶିକ୍ଷକଙ୍କୁ ସ୍କୁଲରେ ଅବସ୍ଥାପିତ କରିବାକୁ ଜୟନ୍ତୀ ସିଂ, ମନବୋଧ ସାହୁ, ରାଜୁ ଦେହେରୀ, ଥବିର ବରିହା, ସୁଶାନ୍ତ ସୁନା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ଗଙ୍ଗାଧର ଜୟନ୍ତୀ

ପାଇକମାଳ, ୨୭।୮(ଡି.ଏନ.ଏ)

ମାଣ୍ଡୋସିଲ ଡିଗ୍ରୀ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ବିନୟ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ସୋହେଲା କଲେଜର ଓଡିଆ ଅଧ୍ୟାପକ ଡା. ଉପେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଅମରେଶ ଠାକୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସନ୍ତୋଷ ସିଂହ ଠାକୁର ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରମ୍ଭରେ ଦେବକାନ୍ତ ନାୟକ ଗଙ୍ଗାଧର ମେହେରଙ୍କ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଧବଳେଶ୍ୱର ସାହା, ସୁମିତାବ ନାୟକ, ଝୁମିନା ପ୍ରଧାନ, ଆଲଫା ଅନୁପମା ପ୍ରଧାନ, ଅନୁସୟା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ନିରାକାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଲେଜ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା।



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

କନ୍ଧମାଳ,୨୭।୮(ଡି.ଏନ.ଏ)
ବୌଦ୍ଧ ଜିଲା କନ୍ଧମାଳ ଥାନା ବରିଗୁଭା ଛକରୁ ମଙ୍ଗଳବାର ଭୋର ୫ଟା ୩୦ ମିନିଟ୍ ସମୟରେ ପୋଲିସ ଏକ ବୋଲେରୋ ଗଞ୍ଜେଇ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଗୋପପଲି ଗ୍ରାମର ଦିଲୀପ କୁମାର ଦେହୁରୀ ଏବଂ ଜବତ ଗଞ୍ଜେଇର ପରିମାଣ ୬ କୁଇଣ୍ଟାଲ ୫୦ କେଜି ହେବ ବୋଲି ଜଣାପଡିଛି । ଏ ନେଇ କନ୍ଧମାଳ ଥାନାରେ ଏକ ମାମଲା (ନଂ.୧୪୭/୧୯) ରୁଜୁ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି ।

ସୂଚନା ଅନୁସାରେ, ସୋମବାର ରାତିରେ ଗଞ୍ଜେଇ ଚୋରା ଚାଲାଣ ହେବାକୁ ଥିବା ଖବରପାଇ କନ୍ଧମାଳ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ନାରାୟଣ ପ୍ରସାଦ ଅଞ୍ଚଳରେ ପେଟ୍ରୋଲିଂ ଚାଲିଥିଲା। ଏହି ସମୟରେ ନାରାୟଣପ୍ରସାଦ ପଟୁ ଆସୁଥିବା ଏକ ବୋଲେରୋ ପିକ୍ଅପ୍ (ନଂ.ଓଡି୩୧ଡି/୫୯୦୬)କୁ ପୋଲିସ ବରିଗୁଭା ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ବସ୍ତା ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା।



### ଘଣ୍ଟାପଡାରେ ରୋଗୀବଟା ପୂଜା

ଘଣ୍ଟାପଡା, ୨୭।୮ (ଡି.ଏନ.ଏ)
ଘଣ୍ଟାପଡା ଅଞ୍ଚଳର କୁଦୁର୍କା, ତୁର୍କା, ବିଲବିଲ ଆଦି ପ୍ରଗଣା ମାନଙ୍କରେ ପରମ୍ପରାଗତ ବାର୍ଷିକ ରୋଗୀ ବଟା ପୂଜା ମଙ୍ଗଳବାର ବିଭିନ୍ନ ଗ୍ରାମରେ ପାଳିତ ହୋଇଯାଇଛି । ପରମ୍ପରା ଅନୁସାରେ ପ୍ରତିବର୍ଷ ନୂଆଁଖାଇ ପର୍ବ ପାଳନର ପୂର୍ବ ମଙ୍ଗଳବାର ଦିନ ଏହି ପୂଜା ଗ୍ରାମର ସମସ୍ତ ଜାତିର ଲୋକେ ମିଳିମିଶି ପାଳନ କରିଥାନ୍ତି । ଏହି ପୂଜା ପାଳନ ଦ୍ୱାରା ଗ୍ରାମରୁ ମିଳିମିଳା, ବସନ୍ତ ଆଦି ରୋଗ ଦୂର ହୋଇଥାଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହି ଆସିଛି ।

■ ପରିଚୟପତ୍ର ପଞ୍ଜୀକରଣରେ ସମସ୍ୟା,

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ବରଗଡ଼ ଅଫିସ୍,୨୭।୮

ଧାନବିକ୍ରି ପାଇଁ ବର୍ତ୍ତମାନ ଚାଷୀ ପରିଚୟପତ୍ର ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। ମାତ୍ର ପଞ୍ଜୀକରଣରେ ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ବରଗଡ଼ ଜିଲା ତୋରା ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଚାଷୀ ପରିଚୟ ପତ୍ର ପଞ୍ଜୀକରଣରେ ଜମିର ବିଭିନ୍ନ କିସମ ଅର୍ଥାତ୍ ପତିତ, ବର୍ଛା, ଆଁଟ୍ ଆଦି କିସମର ଜମିକୁ ଅନ୍ତର୍ଭୁକ୍ତ କରାଯାଉନାହିଁ । ଅନ୍ୟପଟେ ସେହି କିସମର ଜମିରେ ଚାଷୀମାନେ ଚାଷ କରି ଆସୁଛନ୍ତି ଏବଂ ସେ ବାବଦକୁ ଜଳକର, ମାଲଗୁଜାରୀ ମଧ୍ୟ ପଇଠ କରି ଆସୁଛନ୍ତି। ମାତ୍ର ଏବେ ସେହି କିସମର ଜମିକୁ ବର୍ତ୍ତମାନ ଚାଲିଥିବା ପରିଚୟପତ୍ର ପଞ୍ଜୀକରଣରେ ସାମିଲ କରାଯାଉ ନ ଥିବା ଯୋଗୁ ଆଗକୁ ଧାନବିକ୍ରିରେ ଚାଷୀମାନେ ଆହୁରି ସମସ୍ୟାର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ସେହି କିସମର ଜମିକୁ ପଞ୍ଜିକରଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଗଲେ ସେମାନେ ସେହି ଜମିରୁ ଅମଳ କରୁଥିବା ଧାନକୁ ବିକ୍ରି କରିବାରେ ସକ୍ଷମ ହେବେ ବୋଲି ଚାଷୀମାନେ କହିଛନ୍ତି । ବିଶ୍ୱନାଥ ସାହୁ, ଲକ୍ଷ୍ମଣ ନନ୍ଦ, ହୀରାଲାଲ ସାହୁଙ୍କ ସମେତ ତୋରା ପଞ୍ଚାୟତର ବହୁଚାଷୀ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ଜିଲାପାଳ ଅଫିସକୁ ଆସିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

■ ଚାଷୀ ପରିଚୟପତ୍ରରେ ଜାଲିଆତି

# ଚାପିଦେବା ପାଇଁ ଚାଲିଛି ଉଦ୍ୟମ

ବରଗଡ଼ ଅଫିସ୍,୨୭।୮

ବରଗଡ଼ ଜିଲାରେ ଧାନବିକ୍ରିରେ ଚାଷୀ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ଏପରିକି ଉଭୟ ରବି ଓ ଖରିଫରେ ପରିଚୟପତ୍ର ନବୀକରଣ ମଧ୍ୟ କରାଯାଉଛି । ଏହାସତ୍ତ୍ୱେ ଏଥିରେ ଜାଲିଆତି ଜିଲାରେ ଚାଲିଥିବାରୁ ଧାନ କିଣାବିକାକୁ ନେଇ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଜାଲିଆତି ସାମ୍ନାକୁ ଆସିବା ପରେ ସେନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାକୁ ଚାପି ଦିଆଯାଉଥିବା ଅଭିଯୋଗ ହୋଇଛି । ଗତ ରବିରରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାର ତୋରା ସମବାୟ ସମିତି ସମେତ ଅନ୍ୟ କେତେକ ସମିତିରେ ମଧ୍ୟ ଏଭଳି ଜାଲିଆତି ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗତ ରବିରତୁରେ ଅନେକ ଚାଷୀ ନିଜ ଅମଳ ଧାନକୁ ବିକ୍ରି କରି ପାରି ନ ଥିଲେ । କ୍ରୟ ଧାର୍ଯ୍ୟଲକ୍ଷ୍ୟ ପୂରିବା ସହିତ କିଣାବିକା ଅବଧି ସରି ଯାଇଥିବା ଦର୍ଶାଇ ଚାଷୀଙ୍କଠାରୁ ଆଉ ଧାନ କିଣା ନ ଯାଇ ମଣ୍ଡି ଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା। ଅପରପକ୍ଷେ ବିକ୍ରି କରି ପାରି ନ ଥିବା ଧାନକୁ ଚାଷୀ ଖଳାରୁ ଘରକୁ ନେବା ବାଟରେ କିଛି ଯୋଗାଣ କର୍ମଚାରୀ ଧାନ ବୋଝେଇ ଟ୍ରାକ୍ଟରକୁ ଅଟକାଇ ଉତ୍କୋଚ ଦାବି କରିବା ଭଳି ଘଟଣା ଜିଲାର ତାଲମେଣ୍ଡା ଅଞ୍ଚଳରେ ଘଟିଥିଲା। ଏପରିକି ଘଟଣାଟି ଲୋକଲୋଚନକୁ ଆସିବା ପରେ ସମ୍ପୃକ୍ତ ଯୋଗାଣ କର୍ମଚାରୀ ଚାଷୀଙ୍କ ଘରକୁ ଯାଇ ନିଜ ଭୁଲ ସ୍ୱୀକାର କରିଥିଲେ ।

ସେହି ଚର୍ଚ୍ଚା ଥମି ନ ଥିବାବେଳେ ଜିଲାର ତୋରା ସେବା ସମବାୟ ସମିତିରେ ଧାନ କିଣାବିକା ପାଇଁ ଉଦ୍ଦିଷ୍ଟ ପରିଚୟ ପତ୍ରକୁ ନେଇ ଜାଲିଆତି ହୋଇଥିବା ଘଟଣା ଆଲୋଡ଼ନ ଖେଳାଇ ଦେଇଥିଲା । ସରକାରୀ ଜମିକୁ ନେଇ ମଧ୍ୟ ଚାଷୀ ପରିଚୟ ପତ୍ର ପ୍ରସ୍ତୁତ ହୋଇଥିବାବେଳେ କେତେକ ସ୍ଥଳେ ଜମି ପରିମାଣକୁ ମଧ୍ୟ ଢ଼େର ଗୁଣରେ ବୃଦ୍ଧି କରାଯାଇ ଧାନ କିଣାବିକା ହୋଇଥିବା ଭଳି ଗୁରୁତର ଅଭିଯୋଗ ହୋଇଥିଲା । ଏ ନେଇ ତୋରା ସେବା ସମବାୟ ସମିତିର ସଭାପତି ଲକ୍ଷ୍ମଣ ନନ୍ଦଙ୍କୁ ପଚାରିବାରୁ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରକୁ ବାହାର କରି ଦିଆଯାଇଛି ବୋଲି ସେ କହିଥିଲେ। ଧାନ କିଣାବିକାରେ କେବଳ ଡାଟା ଏଣ୍ଟ୍ରି ଅପରେଟରଙ୍କ ଭୂମିକା ରହିଥାଏ, ତାହା ନୁହେଁ । ପରିଚୟପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ଧାନ ବିକିବା ପର୍ଯ୍ୟନ୍ତ ସମବାୟ, ରାଜସ୍ୱ, ନିୟନ୍ତ୍ରିତ ବଜାର କମିଟି ଏବଂ ଯୋଗାଣ ବିଭାଗର ଦାୟିତ୍ୱ ରହିଛି । ମାତ୍ର ଏଭଳି ଏକ ଘଟଣାରେ କେବଳ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ବାହାର କରି ଦେଇ ଅନ୍ୟମାନଙ୍କୁ ସେଭଳି ଜାଲିଆତି ଘଟଣାରୁ ଖସାଇ ଦେବା ପାଇଁ ଉଦ୍ୟମ ଚାଲିଥିବା ଏଠାରେ ଅଲୋଚନାର ବିଷୟ ହୋଇଛି । ବରଗଡ଼ ଜିଲାପାଳ ଏଥିରେ ହସ୍ତକ୍ଷେପ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି ।

# ବିଜେପୁର ବାହ୍ୟ ମଳମୁକ୍ତ ସହର ଘୋଷିତ

ବିଜେପୁର, ୨୭।୮ (ଡି.ଏନ.ଏ)

ବିଜେପୁର ଏନଏସିକୁ କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ସଂସ୍ଥା ବାହ୍ୟ ମଳମୁକ୍ତ ସହର ଭାବେ ଘୋଷଣା କରିଥିବା ଜଣାପଡିଛି । ନବଗଠିତ ଏହି ଏନଏସିରେ ମୋଟ ୧୧ ଗୋଟି ୱାର୍ଡରେ ୧୧,୨୩୦ ଜଣ ବସବାସ କରୁଛନ୍ତି । ୧୧୨୦ଟି ପରିବାରର ଶୌଚାଳୟ ରହିଥିବା ବେଳେ ଦୁଇଟି ସମନ୍ୱିତ ଶୌଚାଳୟ କାର୍ଯ୍ୟକ୍ଷମ ରହିଛି । ଚଳିତ ମାସ ୧୯ ଓ ୨୦ ତାରିଖ ଦୁଇ ଦିନ ଧରି କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ସଂସ୍ଥାର ଏକ ଟିମ୍ ଏହି ସହରର ବିଭିନ୍ନ ସାହି ଓ ସ୍ଥାନ ପରିଦର୍ଶନ କରିଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପରିବେଶ, ଶୌଚାଳୟ ନିରୀକ୍ଷଣ କରିବା ସହ କାଗଜପତ୍ର ତନଖି କରିଥିଲେ । ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ରୁକ୍ମିଣ ମେହେରଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାରତ ମିଶନର ନୋଡାଲ ଅଫିସର ଦିବ୍ୟକିଶୋର ପୁରୋହିତ, ସାନିଟେଶନ ଏକ୍ସପର୍ଟ ସୁଶାନ୍ତ କୁମାର ପ୍ରଧାନ ପ୍ରତିନିଧି ଦଳକୁ ସହଯୋଗ କରିଥିଲେ । ନବଗଠିତ ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ସଂସ୍ଥା ବାହ୍ୟ ମଳମୁକ୍ତ ସହର ଭାବେ ଘୋଷଣା କରିବା ଗୌରବର ବିଷୟ । ଏହା ଦ୍ୱାରା ସ୍ଥାନୀୟ ହସ୍ପିଟାଲ, ତହସିଲ କାର୍ଯ୍ୟାଳୟ ଓ ବସଷ୍ଟାଣ୍ଡ ପରିସରରେ ଗୋଷ୍ଠୀ ଓ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ମେହେର କହିଛନ୍ତି ।



ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଏନଏସି କର୍ମଚାରୀ କାଗଜାତ ତନଖି କରୁଛନ୍ତି ।

## ଟାଇବ୍ରେକରରେ ସୋହେଲା ବିଜୟୀ

ବରଗଡ଼ ଅଫିସ୍,୨୭।୮

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କଦଲୀପାଲିରେ ଶହୀଦ ଅଶୋକ ବେହେରା ସ୍ମାରକୀ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦଘାଟିତ ହୋଇଛି । ୭ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ । ଅଇଁଠାପାଲି ଓ ସୋହେଲା ମଧ୍ୟରେ ଉଦଘାଟନୀ ମ୍ୟାଚ ହୋଇଥିଲା । ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍‌ଟି ୨-୨ ଗୋଲରେ ବରାବର୍ ସ୍ଥିତିରେ ରହିବାକୁ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ସୋହେଲା ବିଜୟୀ ହୋଇଥିଲା। ଉଦଘାଟନୀ ସମାରୋହରେ ଉପେନ୍ଦ୍ର ସିଂ, ଧନ ସିଂ ବରିହା, ଦୁଷ୍ଟ ବେହେରା, ରବିନ୍ଦ୍ର ଭୋଇ, କ୍ଷିତିପତି ସାହୁ, ଗଙ୍ଗା ସାହୁ, ରବିନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ମଦ ବିକ୍ରୟ କେନ୍ଦ୍ରରୁ ଲୁଟ୍, ମାମଲା ରୁଜୁ

ସୋହେଲା,୨୭।୮(ଡି.ଏନ.ଏ)

ସୋହେଲା ଥାନା ସରକଣ୍ଡା ଗ୍ରାମରେ ଥିବା ସରକାରୀ ଦେଶୀ ମଦଭାଟିର ଶାଖା ବିକ୍ରୟ କେନ୍ଦ୍ରରେ ସୋମବାର ରାତି ପ୍ରାୟ ୨ଟା ସମୟରେ ୪ଜଣ ଯୁବକ ପଶି ୩୨ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି । ଏ ସମ୍ପର୍କରେ ଅଭିଯୋଗ ପରେ ସୋହେଲା ଥାନା ପୋଲିସ ଏକ ମାମଲା (ନଂ.୧୪୦/୧୯) ରୁଜୁ କରି ତଦନ୍ତ ଜାରି ରଖିଛି ।

ପ୍ରକାଶ ଯେ, ସରକଣ୍ଡା ମଦ ବିକ୍ରୟ କେନ୍ଦ୍ରର ମ୍ୟାନେଜର ସମ୍ପଦ କୁମାର ସାହୁ ରାତି ପ୍ରାୟ ୧୦ଟାରେ ବିକ୍ରୟ କେନ୍ଦ୍ର ବନ୍ଦ କରି ଅନ୍ୟ କର୍ମଚାରୀଙ୍କ ସହିତ ସେଠାରେ ଥିଲେ । ରାତି ପ୍ରାୟ ୨ଟା ସମୟରେ ୪ଜଣ ଯୁବକ ବିକ୍ରୟ କେନ୍ଦ୍ର ପାଚେରୀ ଡେଇଁ ଭିତରକୁ ପଶିଥିଲେ ଏବଂ କବାଟ ଖୋଲିବାକୁ କହିଥିଲେ। କର୍ମଚାରୀମାନେ କବାଟ ନ ଖୋଲିବାରୁ ସେମାନେ ବାହାର କୋଠରୀରେ ଶୋଇଥିବା ୨ଜଣ କର୍ମଚାରୀଙ୍କୁ ବାହାର ପଟୁ ଶିକୁଳି ଦେଇ ବନ୍ଦ କରି ଦେଇଥିଲେ ଏବଂ ମ୍ୟାନେଜର ଶୋଇଥିବା କୋଠରୀ କବାଟ ପିଟିଥିଲେ । କିନ୍ତୁ ମ୍ୟାନେଜର କବାଟ ନ ଖୋଲିବାରୁ ୨ଜଣ ଯୁବକ କୋଠରୀ ଉପରକୁ ଚଢ଼ି ଆଜବେଷ୍ଟସ ଭାଙ୍ଗି ଭିତରକୁ ପଶିଥିଲେ ଓ ଭିତର ପଟୁ ଦିଆହୋଇଥିବା କବାଟକୁ ଖୋଲି ଦେବାରୁ ବାହାରେ ଥିବା ଆଉ ୨ଜଣ ଯୁବକ ଭିତରକୁ ପଶିଥିଲେ । ଏହାପରେ ଯୁବକମାନେ ମ୍ୟାନେଜରଙ୍କୁ ଭୁଜାଲି ଦେଖାଇ ମାଡପିଟ କରି ଖଟତଳେ ଥିବା ବାକ୍ସତାଲା ଭାଙ୍ଗି ସେଥିରେ ଥିବା ୩୨ହଜାର ଟଙ୍କା ଓ ମ୍ୟାନେଜରଙ୍କ ଏକ ବ୍ୟାଗକୁ ଧରି ବାଇକରେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ମ୍ୟାନେଜର ସୋହେଲା ଭାଟି ମ୍ୟାନେଜରଙ୍କୁ ଜଣାଇବା ସହିତ ଥାନାରେ ଅଭିଯୋଗ କରିବା ପରେ ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର ଓ ଷ୍ଟାଫ ଆଜି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ସାଢେ ୧୦ଟା) ପୋଲିସ ଅଭିଯୁକ୍ତଙ୍କ ଟେର ପାଇନାହିଁ ।

■ ବୌଦ୍ଧ ଜିଲାରେ ସପ୍ତମ ଅର୍ଥନୈତିକ ଗଣନା ଆରମ୍ଭ

# ସଚେତନତା ଶୋଭାଯାତ୍ରା ଉଦ୍‌ଘାଟିତ




ଅର୍ଥନୈତିକ ଗଣନା ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ପତାକା ଦେଖାଉ ଉଦ୍‌ଘାଟନ କରୁଛନ୍ତି ।

ବୌଦ୍ଧ,୨୭।୮(ସ୍ୱ.ପ୍ର)

କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ ଯୋଜନା ମନ୍ତ୍ରଣାଳୟ ପକ୍ଷରୁ ସପ୍ତମ ଅର୍ଥନୈତିକ ଗଣନା କାର୍ଯ୍ୟ ବୌଦ୍ଧ ଜିଲାରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ ଯୋଜନା ମନ୍ତ୍ରଣାଳୟ ଓ ସିଏସ୍‌ସି ଇ-ଗଭର୍ଣ୍ଣାସ ସର୍ଭିସ ଇଣ୍ଡିଆ ମିଳିତ ଭାବେ ଏହି ଗଣନା କାର୍ଯ୍ୟ କରିବେ । ଜିଲାରେ ୬୯ଟି ଗ୍ରାମ ପଞ୍ଚାୟତ ଥିବାବେଳେ ପ୍ରତି ଗ୍ରାମପଞ୍ଚାୟତ ପାଇଁ ଜଣେ ଲେଖାଏଁ ସୁପରଭାଇଜର ଓ ୧୦ଜଣ କ୍ଷେତ୍ର ଗଣନାକାରୀଙ୍କୁ ନିୟୋଜିତ କରାଯାଇଛି। ଗଣନାକାରୀମାନେ ମୋବାଇଲ ଆପ୍ ସାହାଯ୍ୟରେ ଘର ଘର ବୁଲି ସର୍ଭେ କରିବେ । ଜନସଚେତନତା ଶୋଭାଯାତ୍ରା ଶୁଭାରମ୍ଭ ସମୟରେ ଜିଲା ଯୋଜନା ଉପ ନିର୍ଦ୍ଦେଶକ ବିଦ୍ୟାଧର ନାୟକ, ଡିଜିଏମ୍ ସମୀର ନାୟକ, ସିଏସ୍‌ସି ଜିଲା ପରିଚାଳକ ଗିରିଜା ଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

# ବରଗଡ଼ରେ ଖୋଲିଲା ଚାଇଲ୍ଡଲାଇନ୍

ବରଗଡ଼ ଅଫିସ୍,୨୭।୮

ବରଗଡ଼ ଜିଲାରେ ମଙ୍ଗଳବାର ଚାଇଲ୍ଡ ଲାଇନର ଶୁଭାରମ୍ଭ ହୋଇଛି । ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)କୁ ଆସି ଚାଇଲ୍ଡ ଲାଇନ ଇଣ୍ଡିଆ ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ଅଙ୍ଗାସୀ ଦତ୍ତା ଏହାର ଶୁଭାରମ୍ଭ କରିଥିଲେ । ଏହା ସହିତ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ସିଡବ୍ଲ୍ୟୁସି, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପରିଦର୍ଶନରେ ଯାଇ ପ୍ରୋଗ୍ରାମ ମ୍ୟାନେଜର ଦତ୍ତା ବିଭାଗୀୟ ଅଧିକାରୀଙ୍କ ସହିତ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଥଇଥାନ ଆଦି ଉପରେ ଆଲୋଚନା କରିଥିଲେ। ଚାଇଲ୍ଡ ଲାଇନର ଶୁଭାରମ୍ଭବେଳେ ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ଦତ୍ତାଙ୍କ ସମେତ ସିଡବ୍ଲ୍ୟୁସି ଚେୟାରମ୍ୟାନ ସୁଜିତ କୁମାର ଦାଶ, ସଭ୍ୟା ଅଞ୍ଜୁ ଅଗ୍ରୱାଲ, ସଭ୍ୟ ବିଦ୍ୟୁତ ଦାଶ, ବିରେନ୍ଦ୍ର ମେହେର, ପତଙ୍ଗ ଅନୁଷ୍ଠାନର ମୁଖ୍ୟକର୍ତ୍ତା ସଚ୍ଚିଦାନନ୍ଦ ମିଶ୍ର ଏବଂ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



ଚାଇଲ୍ଡ ଲାଇନର ଶୁଭାରମ୍ଭ ବେଳେ ଉପସ୍ଥିତ କର୍ତ୍ତୃପକ୍ଷ, ପ୍ରତିନିଧିବୃନ୍ଦ ।

# ଆବାସ ଯୋଜନାରୁ ବଁଚିତ୍ ପୂର୍ଣ୍ଣବାସୀ

ଜହ୍ନାପଙ୍କ, ୨୭।୮ (ଡି.ଏନ୍.ଏ.)

ବୌଦ୍ଧ ଜିଲା ତେଲିବନ୍ଧ ପଁଚେତ୍ ଅଧୀନ ରାମପୁର ଗାଁର ପୂର୍ଣ୍ଣବାସୀ ଦାସ ଗୁଟେ ଭଂଗା ଦଦ୍‌ରା ଘରେ ଜୀବନ୍‌କେ ପାଏନ୍ ଛଡ଼େଇ ରହୁଛନ୍। ଇଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ବାସହୀନ ପରିବାରମାନକୁ ଭିନେ ଭିନେ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ବିଭାଗୀୟ ଅଧିକାରୀମାନକର ଉଦାସିନ୍‌ତା ଲାଗି ଏନ୍‌ତା ଅନେକ ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ୍ ପାଏବାରୁ ବଁଚିତ୍ ହେଉଛନ୍।

ସୂଚନା ଅନ୍‌ସାରେ ରାମପୁର ଗାଁର ପୂର୍ଣ୍ଣବାସୀ ଦାସ ବିପିଏଲ୍ ଶ୍ରେଣୀରେ ରହିଛନ୍। ଆପ୍‌ନେ ୧୦ ବଛର ତଲେ ଆରପାରକେ ଚାଲିଯାଇଛନ୍। ଏନ୍‌ତାଥି ନିସାହା ବିଧବା ପୂର୍ଣ୍ଣବାସୀ ଭିଖ୍ ମାଗି ନିଜର ପେଟ୍ ପାଲୁଛନ୍। ଯେନ୍‌ଦିନ ଭିଖ୍ ମାଗିଯାଇ ନାଇଁପାରବାର ସେଦିନ ଖାଡ଼ା ଉପାସରେ ରହୁଛନ୍। ଇଆଡ଼େ ଜମିବାଡ଼ି ବଲି କିଛି ନାଇଁ। ସରକାରୀ ସାହାଯ୍ କହେଲେ ପୂର୍ଣ୍ଣବାସୀ ମାସିକ ପାଉଥିବାର ୩ଶହ ଟଁକା ବିଧବା ଭତା ଆର ପଁଚେତ୍‌ରୁ ମିଲୁଥିବାର ୧୦କେ.ଜି. ଚାଉଲ ନ ସାହାଭରସା। ଏନ୍‌ତାଥି ସେ ରହୁଥିବାର ଝାଟିମାଟି ଘରଟା ବି ମରାମତି କରି ନାଇଁ ପାରବାର। ଅଲପ୍ ବରଷାରେ ବି ଘରଟା ଦରୋ ଦରୋ ଗଲୁଛେ। ସେ ରହୁଥିବାର ଘରଟା ଗୁଟେ ଗାଈ ଗୁହାଲନୁ ହୀନ ଅବସ୍ତାରେ ରହିଛେ। କେତେବେଲେ ଘରଟା ମାଡ଼ି ବସବା କିଛି କହି ନାଇଁ ହେବାର। ଏନ୍‌ତାଥି ପୂର୍ଣ୍ଣବାସୀ ଉପେଶୁଇନ୍ ହେଇ, ଜୀବନ୍‌କେ ପାଏନ୍ ଛଡ଼େଇ ସେ ଭଂଗା ଦଦ୍‌ରା ଘରେ ରହୁଛନ୍। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପୂର୍ଣ୍ଣବାସୀ ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ମତାମତ ଲାଗି ତେଲିବନ୍ଧ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ବି କେହେନ୍‌ସି କାରନ୍‌ରୁ ସେ ଫୋନ୍ ନାଇଁ ଉଠେଇ। ଯେନ୍‌ଥିରଲାଗି ତାକର ମତାମତ ନାଇଁ ମିଳିପାରି।



ନିଜର ଦଦ୍‌ରା କୁରିଆ ଆଘେ ପୂର୍ଣ୍ଣବାସୀ।

# ଗୋସୁରକ୍ଷା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

ବରଗଡ଼ ଅଫିସ୍,୨୭।୮

ବରଗଡ଼ ସହରରେ ବୁଲା ଗାଈଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରର ରାସ୍ତାଘାଟରେ ଗାଈଗୋରୁ ରହୁଥିବା ଯୋଗୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜି ଜୀବନହାନି ଘଟୁଛି । ଏପରିକି ଏଥିରେ ଗାଈଗୋରୁଙ୍କ ମଧ୍ୟ ମୃତ୍ୟୁ ହେଉଛି । ସେହିପରି ଜିଲାରେ ଗୋରୁ ଚାଲାଣ ମଧ୍ୟ ବିଭିନ୍ନ ସମୟରେ ଘଟୁଥିବା ଅଭିଯୋଗ ହୋଇଛି। ଏହାସତ୍ତ୍ୱେ ବରଗଡ଼ ସହରରେ କାଞ୍ଜି ହାଉସ ନିର୍ମାଣ କରାଯାଉନାହିଁ । ଏ ନେଇ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗୋ ସୁରକ୍ଷା ତଥା କାଞ୍ଜି ହାଉସ ନିର୍ମାଣ ଦାବିରେ ସୋମବାର ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ କାଶ୍ମୀର ସିଂ, କିଶୋର ବିଭାରଙ୍କ ସମେତ ବଜରଙ୍ଗ ଦଳର କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ ।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କଲିନ



**ସଂକ୍ଷେପରେ**

## ମହିଳାଙ୍କୁ ହତ୍ୟା, ସ୍ୱାମୀ ଓ ପୁଅଙ୍କୁ ଆକ୍ରମଣ ଘଟଣା : ଅଭିଯୁକ୍ତ ବୁଲୁଛନ୍ତି, ଭୟରେ ମୃତକଙ୍କ ପରିବାର

**ସୋନପୁର,୨୭।୮(ନି.ପ୍ର):** ବିନିକା ଥାନା ଘୋଡାଧାରରେ ଜମି ବିବାଦକୁ କେନ୍ଦ୍ର କରି ଗତ ୪ ତାରିଖରେ ହତ୍ୟାକାଣ୍ଡ ଘଟିଥିଲା। ଦଳିତବସ୍ତିର ପାଞ୍ଚେଶ୍ୱରୀ ଲୁହାଙ୍କୁ ତାଙ୍କ ପଡୋଶୀ ଟଣ୍ଟିକାଟି ହତ୍ୟା କରିଥିଲେ। ଏହି ଆକ୍ରମଣରେ ପାଞ୍ଚେଶ୍ୱରୀଙ୍କ ସ୍ୱାମୀ କଣ୍ଟିଆ ଲୁହା ଓ ପୁଅ ବାଲେଶ୍ୱର ଲୁହା ଗୁରୁତର ଆହତ ହୋଇଥିଲେ। ହତ୍ୟା ଘଟଣାରେ ପୋଲିସ ଦୁର୍ଯ୍ୟୋଧନ ଭୁଏନା, ନରହରି ଭୁଏନା, ପ୍ରହଲ୍ଲାଦ ବିଭାର ଓ ସୀତା ବିଭାରଙ୍କୁ ଗିରଫ କରିଛି। ଅନ୍ୟତମ ଅଭିଯୁକ୍ତ ସୁଦର୍ଶନ ଭୁଏନା ଓ ଅଲେଖ ଜଗଦଲା ଗିରଫ ହୋଇନାହାନ୍ତି । ସେହିଭଳି ଚିକିତ୍ସା ପରେ କଣ୍ଟିଆ ଓ ବାଲେଶ୍ୱର ଏବେ ଅକର୍ମଣ୍ୟ ଅବସ୍ଥାରେ ଅଛନ୍ତି। ତେବେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା କଣ୍ଟିଆଙ୍କ ଅନ୍ୟତମ ପୁଅ ଇଶ୍ୱର ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ସୁଦର୍ଶନ ଓ ଅଲେଖ ଗିରଫ ହୋଇନାହାନ୍ତି। ଉଭୟେ ଘୋଡାଧାରସ୍ଥିତ ଘରକୁ ଆସି କଣ୍ଟିଆ, ବାଲେଶ୍ୱର ଓ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ପୋଲିସ ସୁରକ୍ଷା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

# ବନ୍ୟା ସାରିଦେଇଛି ନୂଆଁଖାଇ ସରାଗ

- ସହାୟତା ଅପେକ୍ଷାରେ ବିପନ୍ନ
- ରନ୍ଧାଖାଦ୍ୟ ଯୋଗାଣ ବନ୍ଦ, ଭୋକରେ କଟୁଛି ଦିନ

**ତରଭା, ୨୭।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସହର ଓ ଗ୍ରାମାଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଛି ଗତ ୧୩ ତାରିଖର ଲଗାଣ ବର୍ଷା ଓ ତଦ୍ ପରବର୍ତ୍ତୀ ବନ୍ୟା। ଭାଙ୍ଗି ପଡିଛି ଘର, ଧୋଇ ଯାଇଛି ରାସ୍ତା। ଚାଷଜମି ଜଳାର୍ଣ୍ଣବ ହୋଇ କେଉଁଠି ଫସଲ ପଚି ଯାଇଛି ତ, କେଉଁଠି ବାଲିଚରି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ବନ୍ୟାରେ ବହୁ ସଂଖ୍ୟାରେ ଦୋକାନ ବଜାର ଭାଙ୍ଗି ଯାଇଥିବାରୁ ଲୋକେ ଏବେ କର୍ମହରା ହୋଇ ହା ହୁତାଶ ମଧ୍ୟରେ ଦିନ କାଟୁଛନ୍ତି। କହିବାକୁ ଗଲେ ବନ୍ୟା ଉଜାଡି ଦେଇଛି ଜୀବନଜୀବିକା। ଏକ ଘୋର ଅନିଶ୍ଚିତତା ମଧ୍ୟରେ ଏବେ ସନ୍ତୁଳି ହେଉଛନ୍ତି ତରଭାବାସୀ। ଏହି ପରିସ୍ଥିତିରେ ସେପ୍ଟେମ୍ବର ୩ତାରିଖରେ ହେବାକୁ ଥିବା ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଇଁ ଅଞ୍ଚଳବାସୀଙ୍କର ସେଭଳି ଆଗ୍ରହ ଥିବା ଭଳି ମନେ ହେଉନାହିଁ। ଗଣପର୍ବର ସପ୍ତାହକ ପୂର୍ବରୁ ଲୋକଙ୍କ ମଧ୍ୟରେ ଯେଉଁଭଳି ପ୍ରସ୍ତୁତି ରହିଥାଏ ତାହାର ଲେଶମାତ୍ର ସୂଚନା ନାହିଁ। ବନ୍ୟା ହଜାଇ ଦେଇଛି ସେମାନଙ୍କର ନୂଆଁଖାଇ ସରାଗ। ଏଭଳି କେବେ ବି ହୋଇ ନ ଥିଲା, ନବାନ୍ନ ପାଇଁ ନିଜ କ୍ଷେତର ଧାନ ମିଳିବା ତ ଦୂରର କଥା ଧାନଗଛଟିଏ ନାହିଁ ବୋଲି ତରଭା ଅଞ୍ଚଳର ଚାଷୀମାନେ ଦୁଃଖର ସହ କହୁଛନ୍ତି। ତରଭା ସହରର ହରିଜନପଡା, ଚମାରପଡା, ହାଟପଦାପଡା, ଶିବଶଙ୍କରପଡା, ମାଳିପଡା, ମାହାରପଡା, ପୌର୍ଣ୍ଣମାସୀପଡା, କୁମ୍ଭାରପଡା, ଝୁମୁଡିପଡା, ବନ୍ଧପଡାରେ ବନ୍ୟା ପ୍ରଭୃତ କ୍ଷତି ଘଟାଇଛି । ଶହେରୁ ଅଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ୭ଦିନ ଧରି ଦିଆଯାଉଥିବା ରନ୍ଧାଖାଦ୍ୟ ରବିବାରଠାରୁ ବନ୍ଦ ହେଲା ପରେ ବାସହରା ପରିବାରଙ୍କ ଦୁର୍ଦ୍ଦଶା ବଳି ପଡୁଛି। ଘର ଭାଙ୍ଗି ଯାଇଥିବାରୁ ସେମାନେ ଘରକୁ ଫେରି ପାରୁନାହାନ୍ତି। ବନ୍ୟାରେ ସବୁକିଛି ହରାଇବା ପରେ ସେମାନେ ଏବେ କଣ କରିବେ ସେଇ ଚିନ୍ତାରେ ଘାରି ହେଉଛନ୍ତି । ବିପନ୍ନ ପରିବାରରେ ଥିବା ପିଲାଙ୍କ ପାଠପଢା ସାଂଘାତି ଭାବେ ପ୍ରଭାବିତ ହୋଇଛି। ସ୍କୁଲ ଖୋଲିଥିଲେ ମଧ୍ୟ ବହି ବସ୍ତାନୀ ନ ଥିବାରୁ ପାଠପଢା ଆଗେଇ ପାରୁନାହିଁ। ଅପରପକ୍ଷରେ ବନ୍ୟାଯୋଗୁ ବହୁ ସ୍କୁଲର ଅବସ୍ଥା ଶୋଚନୀୟ ଅବସ୍ଥାରେ ରହିଛି। ଚା, ପାନ, କିରାଣା, ଜଳଖିଆ, କପଡା ଦୋକାନ ପରି ବ୍ୟବସାୟୀ ଚରମ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହୋଇଛନ୍ତି। ଭାଙ୍ଗି ଯାଇଛି ଦୋକାନ ଘର, ନଷ୍ଟ ହୋଇଛି ଦୋକାନ ସାମଗ୍ରୀ। ମରାମତି କରି ପୁନଃ ଠିଆ ହେବା ସେମାନଙ୍କ ପକ୍ଷରେ କାଠିକର ପାଠ ହେଉଛି ବୋଲି କେତେକ କ୍ଷୁଦ୍ର ବ୍ୟବସାୟୀ ପ୍ରକାଶ କରିଛନ୍ତି । ତରଭା ବ୍ଲକ ଅଞ୍ଚଳରେ ମଧ୍ୟ ସମାନ ଚିତ୍ର। କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନିର୍ମିତ ତୁଲୁଣ୍ଡା ଜଳ ପ୍ରକଳ୍ପର ତଳି ଅଞ୍ଚଳରେ ନାହିଁ ନ ଥିବା କ୍ଷତି ହୋଇଛି । ବଲାଙ୍ଗୀର ଗନ୍ଧରେଲ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମାଟିବନ୍ଧ ଭାଙ୍ଗିଯିବା ଯୋଗୁଁ ପ୍ରବଳ ମାତ୍ରାରେ ପାଣି ଆସି ତୁଲୁଣ୍ଡାସ୍ଥିତ(କୁଟେନ ଦରହୋ) କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ୪ଟି ସ୍ଥାନରେ ଘାଇ ସୃଷ୍ଟି ହୋଇ ତୁଲୁଣ୍ଡା ହରିଜନ ପଡାରେ ପାଣି ପଶି ବ୍ୟାପକ କ୍ଷତି କରିଥିଲା। କ୍ଷତିଗ୍ରସ୍ତ ପରିବାରଗୁଡିକୁ ସ୍ଥାନୀୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଇତିମଧ୍ୟରେ ବନ୍ୟାର ୧୫ଦିନ ବିତିଯାଇଥିଲେ ବି ବିପନ୍ନଙ୍କ ଅବସ୍ଥାରେ କୌଣସି ସୁଧାର ଆସିନାହିଁ । ବିପନ୍ନଙ୍କୁ ତୁରନ୍ତ ଆର୍ଥିକ ସହାୟତା ଓ ଭାଙ୍ଗିଯାଇଥିବା ଘର ନିର୍ମାଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



ବନ୍ୟାରେ କ୍ଷତିଗ୍ରସ୍ତ ତରଭା ବ୍ଲକ ତୁଲୁଣ୍ଡା ଗାଁ।

## ପ୍ରଧାନଶିକ୍ଷକ ନିୟମିତ ସ୍କୁଲ ନ ଆସିବା ଘଟଣା ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ

**ଭବାନୀପାଟଣା,୨୭।୮(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୂଳରାମପୁର ବ୍ଲକ ସିନ୍ଦିପଦର ପଞ୍ଚାୟତ ବାର୍ଷିକୋଣା ନୂତନ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟରତ ପ୍ରଧାନଶିକ୍ଷକ ରୋହିତ ମାଝି ନିୟମିତ ସ୍କୁଲ ଆସୁ ନ ଥିବା ନେଇ ସ୍କୁଲ ସହକାରୀ ଶିକ୍ଷୟିତ୍ରୀ, ପାଚିକା ତଥା ପରିଚାଳନା କମିଟି ସଭାପତି ଅଭିଯୋଗ କରିଥିଲେ। ଫଳରେ ଏହି ସ୍କୁଲରେ ପାଠପଢା ସହ ମଧ୍ୟାହ୍ନ ଭୋଜନ ପରିଚାଳନାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହି ଘଟଣାକୁ ନେଇ ଗତ ୧୮ ତାରିଖ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥୁଆମୂଳ ରାମପୁର ଭାରପ୍ରାପ୍ତ ଶିକ୍ଷାଧିକାରୀ ସଞ୍ଜୀବ ନାଏକ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ମାଗିଥିବା ଜଣାପଡିଛି।

## ୨୯ଜଣ ପାଇଲେ ଡିଏଲ୍‌ଇଡି ପ୍ରମାଣପତ୍ର

**ଅମରପାଲି, ୨୭।୮(ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ସୁବଳୟା କଲେଜରେ ଡିଏଲଇଡ(ଡିପ୍ଲୋମା ଇନ ଏଲିମେଣ୍ଟାରୀ ଏଜୁକେଶନ) ପାଠ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ୨୯ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । କଲେଜର ଅଧ୍ୟକ୍ଷ ତଥା ପାଠ୍ୟକ୍ରମର ସଂଯୋଜକ ଭୋଳାନାଥ କର୍ମୀ ତାଲିମପ୍ରାପ୍ତଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। କଲେଜର କର୍ମଚାରୀ ଦିଲୀପ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କଲେଜରେ ପ୍ରଥମ ଥର ପାଇଁ ୨୦୧୭ରୁ ୨୦୧୯ ଯାଏ ପାଠ୍ୟକ୍ରମ ପାଇଁ ଅଧ୍ୟୟନ କେନ୍ଦ୍ର ପରିଚାଳିତ ହୋଇଥିଲା ।



ସୁବଳୟା କଲେଜ ଅଧ୍ୟୟନ କେନ୍ଦ୍ରରୁ ଡିଏଲଇଡି ପାଠ୍ୟକ୍ରମରେ ପ୍ରମାଣପତ୍ର ପାଇଥିବା କୃତକାର୍ଯ୍ୟମାନେ।




ଅମରପାଲି ହାଇସ୍କୁଲରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିରରେ ମଞ୍ଚାସୀନ ଅତିଥିମାନେ ।

## ଆର୍ଥିକ, ଡିଜିଟାଲ ସାକ୍ଷରତା ଶିବିର

**ଅମରପାଲି, ୨୭।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାରତୀୟ ଗ୍ରାମୀଣ ପୋଷ୍ଟ ବ୍ୟାଙ୍କର ସୋନପୁର ଜିଲା ଶାଖା ପରିଚାଳକ କୃଷ୍ଣ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଏବଂ କ୍ଷେତ୍ରିୟ ଅଧିକାରୀ ଅଚ୍ୟୁତାନନ୍ଦ ପଲିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଗ୍ରାମୀଣ ପୋଷ୍ଟ ବ୍ୟାଙ୍କର ବିଭିନ୍ନ ଦିଗ ଓ ଏଠାରୁ ମିଳୁଥିବା ସୁବିଧା ସୁଯୋଗ ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପଦ୍ମନାଭ ପଧାନ, ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଅମରପାଲି ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଜୟପ୍ରକାଶ ସାହୁ, ଶିକ୍ଷକ କହ୍ନେଇଚରଣ ପଧାନ, ବିଷ୍ଣୁଚରଣ ଧଳ ଓ ମାଧବ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନଟିଆ ସାହୁ, ଜଗନ୍ନାଥ ସାହୁ ଓ ଗୋବର୍ଦ୍ଧନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ବିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାଁ କଲ୍ୟାଣ ସମିତି, ବଜରଙ୍ଗ କ୍ଲବର ବୃକ୍ଷରୋପଣ

**ଅମରପାଲି, ୨୭।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବଜରଙ୍ଗ କ୍ଲବ ଏବଂ ମୁର୍ଷୁଣ୍ଡୀ ପଞ୍ଚାୟତର କର୍ଡାପାଲ ଗାଁ କଲ୍ୟାଣ ସମିତି ଦ୍ୱାରା ବୃକ୍ଷରୋପଣ କରାଯାଇଛି । କର୍ଡାପାଲରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ୱାର୍ଡସଭ୍ୟା ମମତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଗ୍ରାମ୍ୟ ଜଙ୍ଗଲ ନିକଟରେ ଶାଗୁଆନ, ନିମ୍ବ, ଜାମୁ, ବାଉଁଶ ଆଦି ପ୍ରାୟ ହଜାରେ ଚାରାରୋପଣ କରାଯାଇଥିଲା। ସେହିପରି ବୀରମହାରାଜପୁର ବଜରଙ୍ଗ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ କ୍ଲବର ସଭାପତି ବିବେକାନନ୍ଦ ପଣ୍ଡା, ସମ୍ପାଦକ ସବ୍ୟସାଚୀ ମିଶ୍ର, ଉପସଭାପତି ଶୁଭେନ୍ଦୁ ଷଡଙ୍ଗୀ, କୋଷାଧ୍ୟକ୍ଷ ଅରବିନ୍ଦ ପାଢ଼ୀ, ବିଶ୍ୱନାଥ ମହାକୁର, ଆଶୁତୋଷ କର୍ଣ୍ଣ, ଅଜିତ ଖଣ୍ଡଗିରୀ, ଚିନ୍ମୟ ପଣ୍ଡା, କୌଶିକ ସେଠୀ ପ୍ରମୁଖ କର୍ମକର୍ତ୍ତା ବୃକ୍ଷରୋପଣ କରିଥିଲେ।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ କର୍ଡାପାଲ ଗାଁ କଲ୍ୟାଣ ସମିତି କର୍ମକର୍ତ୍ତା।

## ଭାଗବତ ପାରାୟଣ ଉଦ୍‌ଯାପିତ

**ବିନିକା,୨୭।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ସିଂଘିଯୁବା କିଷାନ ଛକ୍‌ଠାରେ ଚାଲିଥିବା ଭାଗବତ ପାରାୟଣ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଗତ ବୁଧବାରଠାରୁ ପାରାୟଣ ଆରମ୍ଭ ହୋଇଥିଲା । ଏହି ଉପଲକ୍ଷେ ଏକ କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ଜଳପୂର୍ଣ୍ଣ କଳସ ଆଣି ସପ୍ତାହ ପାରାୟଣସ୍ଥଳୀରେ ସ୍ଥାପନ କରିଥିଲେ । ଭାଗବତ ସପ୍ତାହରେ ବାଳକୃଷ୍ଣ ଶରଣଜୀ ମହାରାଜ ବ୍ୟାସ ଭାବେ ଯୋଗଦେଇ ପାରାୟଣ କରିଥିଲେ।

## ଗ୍ରାମୀଣ ଖାଦ୍ୟ ସୁରକ୍ଷା ଟ୍ରଷ୍ଟ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଅମରପାଲି, ୨୭।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଗ୍ରାମୀଣ ଖାଦ୍ୟ ସୁରକ୍ଷା ଟ୍ରଷ୍ଟର କାର୍ଯ୍ୟାଳୟ ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଜିଲାସ୍ତରୀୟ କୋଅର୍ଡିନେଟର ଚିତ୍ତରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ରାଜ୍ୟସ୍ତରୀୟ ଟ୍ରଷ୍ଟର ଅଧ୍ୟକ୍ଷ ଚିତ୍ତରଞ୍ଜନ ସାମଲ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁରେନ୍ଦ୍ର ସାହୁ, ଯୁଗଳ କିଶୋର ବଳୱାର ଓ ସୌମ୍ୟ ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସମସ୍ତ ବ୍ଲକସ୍ତରୀୟ କୋଅର୍ଡିନେଟର ମନୋରଞ୍ଜନ ପଧାନ, ନବଦୀପ ଶତପଥୀ, ଆନନ୍ଦ ଦାଶ, ନିରଞ୍ଜନ ପଧାନ, ଦିଲୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ପଞ୍ଚାୟତସ୍ତରୀୟ କାର୍ଯ୍ୟାଳୟ ବାଗବେରଠାରେ ମଧ୍ୟ ଉଦ୍‌ଘାଟିତ ହୋଇଛି ।




ଗ୍ରାମୀଣ ଖାଦ୍ୟ ସୁରକ୍ଷା ଟ୍ରଷ୍ଟ କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ କାର୍ଯ୍ୟକର୍ତ୍ତା ।

## ବଦଳିଲେ ବିନିକା ଆଇଆଇସି

**ସୋନପୁର,୨୭।୮(ନି.ପ୍ର.)**

ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଆଇଆଇସି ସ୍ତରରେ ସାମାନ୍ୟ ଅଦଳ ବଦଳ କରିଛନ୍ତି। କୁଶ ପାଣିଗ୍ରାହୀଙ୍କୁ ବିନିକା ଥାନାର ଆଇଆଇସି ଭାବେ ନିଯୁକ୍ତ ଦେଇଛନ୍ତି। ପାଣିଗ୍ରାହୀ ମଙ୍ଗଳବାର ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ପାଣିଗ୍ରାହୀ ଜିଲା ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ ଥିଲେ। ଅନ୍ୟପକ୍ଷେ ବିନିକା ଥାନାରେ ଆଇଆଇସି ଥିବା ରାଜେନ୍ଦ୍ର ସମରିଆଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ବିନିକାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇଆଇସିଙ୍କୁ ବଦଳି ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ।

## ଗାୟତ୍ରୀ ଆବାସିକ ଶିକ୍ଷାନିକେତନରେ ଶାରଦୀୟ କ୍ରୀଡ଼ା

**ଅମରପାଲି, ୨୭।୮(ଡି.ଏନ.ଏ)**

ବୀରମହାରାଜପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷାନିକେତନରେ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ କ୍ରୀଡା ପ୍ରମୁଖ ସୁରେନ୍ଦ୍ର ମୋହନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଉଭୟ ବାଳିକା ଓ ବାଳକ ବର୍ଗର କବାଡି ଓ ଖୋଖୋ ଖେଳ ପ୍ରତିଯୋଗିତା ହୋଇଥିଲା। ବୌଦ୍ଧ ଆର୍ଯ୍ୟନ ଏକାଡେମୀର କ୍ରୀଡା ଶିକ୍ଷକ ପ୍ରଦୀପ ନାୟକ, ସୋନପୁର ଶିଶୁ ବିଦ୍ୟା ମନ୍ଦିରର ଅକ୍ଷୟ ସାହୁ, ବୀରମହାରାଜପୁର ଗାୟତ୍ରୀ ଆବାସିକ ଶିକ୍ଷାନିକେତନର ରଣମୋହନ ଭୋଇ, ଯୁଧିଷ୍ଠିର ଖମାରୀ, ଉମାକାନ୍ତ ପଧାନ, ଆଶୁତୋଷ ପାଣିଗ୍ରାହୀ, ପ୍ରଭାତୀ ତ୍ରିପାଠୀ, ଅନ୍ୟାନ୍ୟ ଗୁରୁମା, ଗୁରୁଜୀ ଓ ମୁର୍ଷୁଣ୍ଡୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ପଙ୍କଜ ଖମାରୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୩ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡି ଓ ଖୋଖୋ ଖେଳରେ ଭାଗ ନେବାକୁ ଜୁନିୟର ଓ ସିନିୟର ବିଭାଗର ଉଭୟ ବାଳିକା ଓ ବାଳକଙ୍କ ଚୟନ ହୋଇଯାଇଛି ।



ଶାରଦୀୟ କ୍ରୀଡାରେ ଖୋଖୋ ଖେଳ ।

## ବାଇକ୍ ଡିକିରୁ ଦେଶୀ ରନ୍ଧାମଦ ଜବତ, ଅଭିଯୁକ୍ତ ଗିରଫ

**ବିନିକା,୨୭।୮(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଗନିଆ ଫାଣ୍ଡି ଅନ୍ତର୍ଗତ ଭୀମଟିକ୍ରା ତ୍ରିବେଣୀ ଛକ୍‌ରେ ମଙ୍ଗଳବାର ସକାଳେ ଦେଶୀ ରନ୍ଧାମଦ ଚାଲାଣ କରୁଥିବା ବେଳେ ପୋଲିସ ହାତରେ ଜଣେ ଯୁବକ ଧରି ପଡଛନ୍ତି। ଅଭିଯୁକ୍ତ ହେଲେ ତରଭା ଥାନା ବଲାଡି ଗାଁର ସୁଶୀଲ ପୁଟେଲ। ସେ ଲଛିପୁର ପଟରୁ ଏକ ବାଇକ ନଂ.ଓଡି-୨୭ଏ-୭୨୨୬ରେ ଭୀମଟିକ୍ରା ପଟକୁ ଦ୍ରୁତ ବେଗରେ ଆସୁଥିଲେ। ଫାଣ୍ଡି ଅଧିକାରୀ ପରକ୍ଷିତ ମାଝୀ ଓ ତାଙ୍କ ଟିମ୍ ବାଇକ୍ ଚାଳକ ସୁଶୀଲଙ୍କୁ ତ୍ରିବେଣୀ ଛକ୍‌ଠାରେ ଅଟକାଇ ତଲାସୀ କରିଥିଲେ । ତଲାସୀ ସମୟରେ ବାଇକ୍ ଡିକିରୁ ୩୦ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା( ନଂ.୧୩୭/୧୯) ରୁଜୁ ହୋଇଛି।

ବନ୍ୟାର ୧୫ଦିନ ବିତିଲା

## ଧୋଇଯାଇଥିବା ରାସ୍ତା ମରାମତି ହୋଇନି

**ଡୁଙ୍ଗୁରିପାଲି,୨୭।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଗତ ୧୨ତାରିଖରୁ ଦୁଇ ଦିନଧରି ଲଗାଣ ବର୍ଷା ଲାଗି ରହିବାରେ ପରିସ୍ଥିତି ସଙ୍ଗୀନ ହୋଇଥିଲା। ଜୋର, ନାଳ ପାଣି ଉଚ୍ଛୁଳି ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ଏଥିଯୋଗୁ ବହୁ ସ୍ଥାନରେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଡୁଙ୍ଗୁରିପାଲି-ରାମପୁର ରାସ୍ତା ମଝିରେ ଥିବା ସାଲେପାଲି ନାଳ ପୋଲ ଉପରେ ୩ ଫୁଟ ଓ ବେହେରାମାଲ ଓ କୁଡାଡେରା ଜୋରନାଳ ଉପରେ ଚାରି ଫୁଟପାଣି ପ୍ରବାହିତ ହୋଇଥିଲା । ଫଳରେ ରାସ୍ତା ଧୋଇ ହୋଇଯାଇଛି । ଇତିମଧ୍ୟରେ ବନ୍ୟାର ୧୫ଦିନ ବିତିଗଲାଣି। ହେଲେ ଏହି ସବୁ ରାସ୍ତା ମରାମତି ହେଉନି। ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଭାଙ୍ଗିଯାଇଥିବା ରାସ୍ତାରେ ବିଭାଗ ପକ୍ଷରୁ ବାଡା ବା ସଙ୍କେତ ଦିଆଯାଇ ନ ଥିବାରୁ ପଥାଚାରୀ ଧୋଇଯାଇଥିବା ରାସ୍ତାରେ ପଡି ଯିବାର ଆଶଙ୍କା ଦେଖାଦେଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବ ହେଉଛି।



ଧୋଇଯାଇଥିବା ରାସ୍ତା।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଗୋଡ଼ଭଗା ନାଗରିକ କମିଟି ବୈଠକ

ଅତାବିରା, ୨୭।୮ (ଡି.ଏନ.ଏ)
ଅତାବିରା ବ୍ଲକ ଗୋଡଭଗା ନାଗରିକ କମିଟିର ବାର୍ଷିକ ବୈଠକ ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି । କମିଟି ସଭାପତି ହାରାଧର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୂତନ କମିଟି ଗଠନ କରାଯାଇଥିଲା। ହାରାଧନ ବାରିକ ସଭାପତି, ଏମ. ସତ୍ୟନାରାୟଣ ଉପସଭାପତି, ଉପେନ୍ଦ୍ର ପଣ୍ଡା ସାଧାରଣ ସମ୍ପାଦକ, ହାଡୁ କର୍ଣ୍ଣ ସଙ୍ଗଠନ ସଂଯୋଜକ, କୁନୁବାବୁ ଗଡତିଆ ସହ ସମ୍ପାଦକ, ଲକ୍ଷ୍ମଣ ଭୋଇ କୋଷାଧକ୍ଷ ଭାବେ ମନୋନିତ ହୋଇଛନ୍ତି । ରାମନାରାୟଣ ରଥ, ଶେଷଦେବ ପ୍ରଧାନ, ମିତ୍ରଭାନୁ ମିର୍ଦ୍ଧା, ନାଭିଦତ୍ତ ବୁଡେକ, ଶିବଶଙ୍କର ମହାକୁର ସଦସ୍ୟ ଓ ସୌକିଲାଲ ମିଶ୍ର, କେଶବ ପ୍ରଧାନ ଉପଦେଷ୍ଟା ରହିଛନ୍ତି । ଶ୍ରୀନିବାସ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ଅତାବିରା, ୨୭।୮ (ଡି.ଏନ.ଏ)
ଅତାବିରା ବ୍ଲକ ଗୋଡଭଗା ନାଗରିକ କମିଟିର ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ହାରାଧନ ବାରିକଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କରାଯାଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ନୂଆଁଖାଇ ଭେଟଘାଟ ଦିନ ଅଞ୍ଚଳର ଜଣେ ଶିକ୍ଷାବିତ୍‌ଙ୍କୁ ସାରସ୍ୱତ ନାଗରିକ ସମ୍ମାନ, ୫ଜଣ ବରିଷ୍ଠ ନାଗରିକଙ୍କୁ ନାଗରିକ ସମ୍ମାନ, ଯୁକ୍ତ ୨ ଓ ଯୁକ୍ତ ୩ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ର ଏବଂ ମାଟ୍ରିକ ପରୀକ୍ଷାରେ ଅଞ୍ଚଳର ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ନାଗରିକ କମିଟି ସଭାପତି ବାରିକ ଜଣାଇଛନ୍ତି ।

### ଜ୍ଞାନବିଜ୍ଞାନ ମେଳାରେ ୨୪୫ ପ୍ରକଳ୍ପ ପ୍ରଦର୍ଶିତ

ଅତାବିରା, ୨୭।୮ (ଡି.ଏନ.ଏ)
ଭେଡେନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । କାଦୋବାହାଲ କଲେଜ ଅଧକ୍ଷ ସୁରେନ୍ଦ୍ର କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଶିଳ୍ପପତି ପୁଚ୍ଛା ସୁରୁବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଙ୍କୁଳ ସଂଯୋଜକ ଅଶୋକ ସାହୁ, ସଙ୍କୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ, ପରିଚାଳନା କମିଟି ଉପସଭାପତି ଶମ୍ଭୁରାମ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ମେଳାରେ ୨୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଆଚାର୍ଯ୍ୟ ସାନ୍ତ୍ୱନା ପୁରୋହିତ, ସୁଜିତ ଆଚାର୍ଯ୍ୟ, ନିଶାନ୍ତ ମହାରଣା, ଅଶୋକ ଧର, ସୁରେନ୍ଦ୍ର ବିଶି, ଗଜରାଜ ଦୁୱାନ ପ୍ରମୁଖ ମେଳା ପରିଚାଳନା କରିଥିଲେ । ଶେଷରେ ପରିଚାଳନା କମିଟି ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ୯ଟି ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

### ଦୁର୍ଗାପୂଜା କମିଟି ଗଠିତ

ଭେଡ଼େନ,୨୭।୮(ଡି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆସନ୍ତା ଦୁର୍ଗାପୂଜାକୁ ସୁଚାରୁ ଭାବେ ପାଳନ କରିବା ପାଇଁ ନୂତନ କମିଟି ମାନ ଗଠିତ ହୋଇଛି । ଭେଡ଼େନ ଗ୍ରାମରେ ଆସନ୍ତା ୫୩ ତମ ଦୁର୍ଗାପୂଜା ପାଇଁ ସୋମବାର ସ୍ଥାନୀୟ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଏକ ସଭାରେ ନୂତନ କମିଟି ଗଠିତ ହୋଇଛି । ଏହି କମିଟିରେ ଦଶରଥ ମେହେର ସଭାପତି, ସ୍ୱାଧୀନ କୁମାର ରଥ ଉପସଭାପତି, ନିତ୍ୟାନନ୍ଦ ମେହେର, ମାନଭଞ୍ଜନ ମଡ଼ପାଚି ସମ୍ପାଦକ, ଗୌରଚନ୍ଦ୍ର ଅଦାବର ସହ ସମ୍ପାଦକ, ରାଜେଶ ଅଗ୍ରୱାଲ କୋଷାଧକ୍ଷ ଭାବେ ପ୍ରମୁଖ ମନୋନିତ ହୋଇଥିଲେ। ଉପଦେଷ୍ଟା କମିଟିରେ ୯ ଜଣ ସଦସ୍ୟ ଅଛନ୍ତି । ରେମଣ୍ଡା ଦୁର୍ଗାପୂଜା ସକାଶେ ପୂର୍ବତନ ସଭାପତି ଆଶିଷ କୁମାର ମାହାରଙ୍କ ପରିଚାଳନାରେ ହୋଇଥିବା ବୈଠକରେ ନୂତନ କମିଟିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଦୀପକ ଭୋଇ, ଉପସଭାପତି ଟିଟୁ ପଟେଲ, ସମ୍ପାଦକ ସୁଦାମ ସାହୁ, ସହ ସମ୍ପାଦକ ଯଦୁମଣି ପ୍ରଧାନ, କୋଷାଧକ୍ଷ ପ୍ରଭଞ୍ଜନ ଶତପଥି ଏବଂ ସହ କୋଷାଧକ୍ଷ ଭାବେ ହେମନ୍ତ କୁମାର ନାୟକ ମନୋନିତ ହୋଇଛନ୍ତି ।

■ ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ଚାଷୀ ପ୍ରତିନିଧି

# ୯ ସୁଦ୍ଧା ବୀମା କ୍ଷତିପୂରଣ ନ ଦେଲେ ଆନ୍ଦୋଳନ

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି । ସମ୍ପୃକ୍ତ ବୀମା କମ୍ପାନୀ ନାନା ଆଳ ଦେଖାଇ ଚାଷୀଙ୍କୁ ଠିକ୍ ଭାବେ ବୀମା କ୍ଷତିପୂରଣ ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ସୋମବାର ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେପ୍ଟେମ୍ବର ୯ତାରିଖ ସୁଦ୍ଧା ଚାଷୀମାନଙ୍କୁ ସେମାନଙ୍କ ବୀମା କ୍ଷତିପୂରଣ ପ୍ରଦାନ କରା ନ ଗଲେ ଚାଷୀ ସଙ୍ଗଠନ ପକ୍ଷରୁ ବରଗଡ଼ସ୍ଥିତ ବୀମା ଅଫିସକୁ ଅଚଳ କରି ଦିଆଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି । ପ୍ରକାଶ ଯେ, ବୀମା ସମସ୍ୟା ନେଇ ଚାଷୀ ସଙ୍ଗଠନ ସମନ୍ୱୟ ସମିତି ବାରମ୍ବାର ଜିଲାପାଳ, ବୀମା କର୍ତ୍ତୃପକ୍ଷଙ୍କୁ ଫେରାଦ ହେବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି । ମାତ୍ର ନାନା ଆଳ ଦେଖାଇ ବୀମା କମ୍ପାନୀ ସମୟ ଗଡ଼ାଇ ଚାଲିଥିବାବେଳେ ପ୍ରଶାସନ ପକ୍ଷରୁ ମଧ୍ୟ ଠୋସ୍ ପଦକ୍ଷେପ ନିଆଯାଉନାହିଁ । ଗତ ମାସ ୩୦ତାରିଖରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏ ନେଇ ଏକ ବୈଠକ ବସିଥିଲା । ବୈଠକର ନିଷ୍ପତ୍ତିକ୍ରମେ ମଧ୍ୟ ବୀମା କମ୍ପାନୀ କ୍ଷତିପୂରଣ ରାଶି ପ୍ରଦାନ କରୁ ନ ଥିବା ଚାଷୀ ସଙ୍ଗଠନ ଅଭିଯୋଗ କରି ସେଭଳି ଆନ୍ଦୋଳନ ଚେତାବନୀ ଦେଇଛି । ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ପଞ୍ଚାନନ ଦଳପତି, ହେମଚନ୍ଦ୍ର ପ୍ରଧାନ, ମୁକେଶ କେଡ଼ିଆ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କୁ ଫେରାଦ ହେଉଛନ୍ତି ।

## ସୋହେଲାରେ ଫଟୋଗ୍ରାଫି କର୍ମଶାଳା

**ସୋହେଲା,୨୭।୮(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ଅଗ୍ରସେନ ଭବନରେ ମଙ୍ଗଳବାର ରାଜବୋରାସମ୍ବର ଫଟୋଗ୍ରାଫି ଆସୋସିଏଶନ ତରଫରୁ ଏକ ଫଟୋଗ୍ରାଫି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନିକନ ଇଣ୍ଡିଆର ଓଡିଶା ମେଣ୍ଟର ଆଶୁତୋଷ ସାହୁ ଓ ଦେବେଶ ମାଝି କର୍ମଶାଳା ପରିଚାଳନା କରିଥିଲେ। ରାଜବୋରାସମ୍ବର ଫଟୋଗ୍ରାଫି ଆସୋସିଏଶନ ସଭାପତି ସୁବାଷ ମେହେର, ସମ୍ପାଦକ ବିକ୍ରମ ପ୍ରଧାନ, ସହ ସମ୍ପାଦକ ସୁନୀଲ ଦାଶ, କୋଷାଧ୍ୟକ୍ଷ ରାଜେଶ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ସୋହେଲା, ବରପାଲି, ବରଗଡ, ପଦ୍ମପୁର ଅଞ୍ଚଳର ଶତାଧିକ ଫଟୋଗ୍ରାଫର ଯୋଗଦେଇ ଫଟୋଗ୍ରାଫି ଉପରେ ଜ୍ଞାନ କୌଶଳ ଶିକ୍ଷାଲାଭ କରିଥିଲେ।

## ମାଟିମୂର୍ତ୍ତି କାମ ଦେଇଛି ପରିବାରକୁ ଦାନା



ଜଣେ କାରିଗର ମାଟି ମୂର୍ତ୍ତି ତିଆରି କାମରେ ବ୍ୟସ୍ତ ।

**ବରପାଲି, ୨୭।୮ (ଡି.ଏନ.ଏ)**

ଗଣେଶ ପୂଜାକୁ ଆଉ କିଛି ଦିନ ବାକି ଥିବାବେଳେ କାରିଗର ମୂର୍ତ୍ତିଗଢ଼ି ରଙ୍ଗ କରିବାରେ ଲାଗିପଡିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବରପାଲି କୁମ୍ଭାରପଡାର ଜିତେନ୍ଦ୍ର ରଣା (୪୫)। ସେ ତାଙ୍କ ବାପ, ଅଜା ଅମଳରୁ ଏହି ମୂର୍ତ୍ତି ନିର୍ମାଣ କରି ନିଜର ଜୀବନ ଜିବିକା ନିର୍ବାହ କରି ଆସୁଛନ୍ତି। ଏଥିପାଇଁ ସେ ବର୍ଷସାରା ସଂଘର୍ଷ ଜାରି ରଖିଛନ୍ତି। ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଗଲାଣି। ଗଣେଶ ପୂଜା ପରେ ବିଶ୍ୱକର୍ମା, ଅନନ୍ତ ପୂଜା ଓ ଦୁର୍ଗାପୂଜା ଆଦି ଲାଗି ରହିବ। ଏଥିପାଇଁ କୁମ୍ଭାରପଡାର ମୂର୍ତ୍ତି କାରିଗର ଦେବରାଜ, ରୋହିତ, ପ୍ରେମା ଓ ଜିତୁ ମୂର୍ତ୍ତି ଗଢ଼ିବାରେ ଦିନ ରାତି ଏକ କରିଦେଇଛନ୍ତି। ସେମାନେ ଜୁଲାଇ ମାସରୁ ମୂର୍ତ୍ତି ଗଢ଼ିବା କାମ ଆରମ୍ଭ କରିଛନ୍ତି। ଏହାପରେ ଆଗକୁ ଅଛି ଦୁର୍ଗା ଓ କାଳୀପୂଜା। ଏଥିପାଇଁ ସେମାନଙ୍କୁ ଆଉ ଫୁରସତ ନାହିଁ ବୋଲି କୁହନ୍ତି ଏହି ମୂର୍ତ୍ତି କାରିଗର। ମୂର୍ତ୍ତି ନିର୍ମାଣ କାମ ସରିବା ପରେ ତାକୁ ଖରାରେ ଶୁଖାଇ ରଙ୍ଗ ଦେବାକୁ ହୋଇଥାଏ। ଏହାକୁ ବର୍ଷ ବର୍ଷ ଧରି ନିଜ ପେଶା ଭାବେ ଆଦରି ନେଇଥିବା ମୂର୍ତ୍ତି କାରିଗରଙ୍କ ପାଇଁ ଆବଶ୍ୟକ ମାଟି, ବାଉଁଶ ଓ ନଡାପୁଆଲ ମିଳୁ ନ ଥିବାରୁ ମୂର୍ତ୍ତି ଗଢ଼ିବାରେ ସମସ୍ୟା ହେଉଛି। ସେହିପରି ଆଖପାଖ ଅଞ୍ଚଳରେ ଚିଟିକା ମାଟି ମିଳୁ ନ ଥିବାରୁ ଦୂର ଦୂରାନ୍ତରୁ ଟ୍ରାକ୍ଟର ଯୋଗେ ମାଟି ଆଣିବାକୁ ପଡିଥାଏ। ଏଥିପାଇଁ ଟ୍ରାକ୍ଟର ପିଛା ହଜାରେ ଟଙ୍କା ଦେବାକୁ ପଡିଥାଏ। ଏହା କୌଳିକ ବୃତ୍ତି ହୋଇଥିବାରୁ ପର୍ବ ପର୍ବାଣୀରେ ମୂର୍ତ୍ତି ଗଢ଼ିବା ପେଷାକୁ ଛାଡି ପାରୁନାହାନ୍ତି ବୋଲି ଏହି କାରିଗରମାନେ କୁହନ୍ତି। ହେଲେ ପ୍ରୋତ୍ସାହନ ମିଳିଲେ ଏହି ମାଟିଶିଳ୍ପ ଆଗକୁ ବଢ଼ି ପାରନ୍ତା ବୋଲି ସେମାନେ କହିଛନ୍ତି। ତେବେ ପ୍ରୋତ୍ସାହନ ମିଳୁ ନ ଥିବାରୁ କେବଳ ମାଟିରେ ଘାଣ୍ଟି ହେବା ସାର ହେଉଛି ବୋଲି କାରିଗର ଜିତେନ୍ଦ୍ର କୁହନ୍ତି।

## ଦଦ୍‌ରା ଅବସ୍ତାରେ ଫେରିଘାଟ ଯାତ୍ରି ଆଶ୍ରୟସ୍ଥଳୀ

**ଅତାବିରା, ୨୭।୮ (ଡି.ଏନ୍.ଏ)**

ଭେଡ଼େନ ବ୍ଲକ ଉଦେପୁର-ଦେଓଗାଁ ମହାନଦୀ ଡଂଗା ଘାଟରେ ବହୁତ୍ ବଛର ତଲେ ଗୁଟେ ବନ୍ୟା ଆଶ୍ରୟସ୍ଥଳୀ ତିଆର ହେଇଥିଲା । ହେଲେ ମରାମତି ଅଭାବୁ ଏହେଦେ ଆଶ୍ରୟସ୍ଥଳୀଟା ଦଦ୍‌ରା ଅବସ୍ତାରେ ପଡ଼ି ରହିଛେ। ଇ ଡଂଗା ଘାଟ ଦେଇ ଫିଦିନ ଅତାବିରା, ଭେଡ଼େନ ଅଂଚଲର ଲୋକ ସମ୍ବଲପୁର, ଦେଓଗାଁ, ମେଟାକାନୀ, ଧମା, ମାନେଶ୍ୱର ଯାଆସ କରୁଛନ୍। ସେନ୍ତା ସମ୍ବଲପୁର ଅଂଚଲର ଲୋକ୍ ବି ଇ ଘାଟ ଦେଇ ଅତାବିରା, ଭେଡ଼େନ ଅଂଚଲକେ ଯାଆସ କରୁଛନ୍। ଇଆଡ଼େ ଲକ୍ଷାଧିକ୍ ଟଁକାରେ ଡଂଗା ଘାଟ୍‌ର ନିଲାମି ହେଉଥିଲାବେଲେ ଘାଟର ଉନ୍‌ନତିକରନ ଦିଗେ ଧିଆନ୍ ନାଇଁ ଦିଆଯିବାର। ଜିଲା ପରଶାସନ ଇ ଦିଗେ ଦୁରୁଷ୍ଟି ଦେବାକେ ଗଜରାଜ ରଣା, ଦେବରାଜ ଷଣ୍ଢ, କ୍ଷୀରୋଦ୍ର ପ୍ରଧାନ, ପ୍ରମୋଦ ଦନ୍ତା ଦାବି କରିଛନ୍।

## ଗୋବନ୍ଧ୍ୟା ନିରାକରଣ ସଚେତନତା ଶିବିର

**ବିଜେପୁର, ୨୭।୮ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ବୁଡାପାଲିରେ ଗୋବନ୍ଧ୍ୟା ନିରାକରଣ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକ ଦିଲୀପ କୁମାର ଦେବତାଙ୍କ ସଂଯୋଜନାରେ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଗିରିଧାରୀ ଭୋଇ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଆମଦେଶର ଗିର, ହରିଆନା, ଅଙ୍ଗୋଲ ଆଦି ପ୍ରଜାତିର ଉଚ୍ଚମାନଯୁକ୍ତ ଦେଶୀ ମେଣ୍ଢା ଠାରୁ ସଂଗୃହିତ ଶୁକ୍ରାଣୁର ବ୍ୟବହାର ଦ୍ୱାରା ଭାରତୀୟ ଗୋବଂଶର ସଂରକ୍ଷଣ ଏବଂ ସାମାଜିକ ସମୃଦ୍ଧି ବିଷୟରେ ପ୍ରଶିକ୍ଷଣରେ ଗୁରୁତ୍ୱାରୋପ କରାଯାଇଥିଲା। ଚାକିରୀ ପଛରେ ନଧାଇଁ ଗୋପାଳନ କରି ଆତ୍ମନିର୍ଭରଶୀଳ ହେବାକୁ ଚାଷୀ ଭାଇମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏଥିଷଣ ଶ୍ୟାମସୁନ୍ଦର ବେହେରା, ମୁନା ପୁରୀ, ଶଙ୍କର ନାଏକ, ଦୟାନିଧି ସାହୁ, ରାଜେନ୍ଦ୍ର ବେହେରାଙ୍କ ସମେତ ଗୁଡାପାଲି ପଞ୍ଚାୟତର ବହୁ ଅଗ୍ରଣୀ ଚାଷୀ ସାମିଲ ହୋଇଥିଲେ । ଗଙ୍ଗାଧର ଦୀପ, ପୃଥ୍ୱୀରାଜ ସାହୁ, ବଳରାମ ପୁରୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଆଗାମୀ ଦିନରେ ଏହିପରି ବିଭିନ୍ନ ପଞ୍ଚାୟତରେ ଶିବିର କରି ଗୋପାଳକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।



ସଚେତନତା ଶିବିରରେ ଉପସ୍ଥିତ ଅଗ୍ରଣୀ ଚାଷୀ ।

# ଭତା, ଆବାସ ଘର କାର୍ଯ୍ୟାଦେଶ ପାଏଲେ ଉତ୍ତର

**ଅତାବିରା, ୨୭।୮ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଉଦେପୁର ଗାଁର ଉତ୍ତର ଝାଙ୍କର(୭୦) ଆର ମାଏକିନା ତାରା ଝାଙ୍କର(୬୫)। ଉତ୍ତର ଦିବ୍ୟାଙ୍ଗ ହେଇଥିଲାବେଲେ ତାରା ଝନେ ମାନ୍‌ସିକ ରୁଗୀ। ଇ ଦମ୍ପତି ନିହାତି ଗରିବ୍ ହେଇଥିଲାବେଲେ ତାକର ପିଲାଛୁଆ ବି ନାଁଇଁନ। ଦମ୍ପତି ଗୁଟେ ନଡ଼ାଛପର ମାଏଟ୍ କୁରିଆରେ ରହୁଥିଲେ। ହେଲେ ଆଏଜ୍‌କେ ୧୦ ବଛର ତଲେ ଝରି ବରଷାରେ ତାକର ଘରଟା ଭାଂଗି ଯାଇଥିଲା। ସେଦିନ୍‌ଠାନୁ ଦୁଇ ବୁଢ଼ାବୁଢ଼ି ଇନେ ସେନେ ହେଇ ଦିନ୍ ବିତଉଥିଲେ। ଇ ସମିଆରେ ତାରା ମାନ୍‌ସିକ ରୋଗ୍‌ରେ ପୀଡ଼ିତ ହେଇଥିଲେ। ଏନ୍‌ତାଥି ସେ କେତେବେଲେ ଉତ୍ତରକଁର ପାସେ ରହୁଥିଲାବେଲେ ଆର କେତେବେଲେ ଇଆଡ଼େ ସେଆଡ଼େ ବୁଲି ଜୀବନ୍ ବିତଉଛନ୍। ତାକର ଚିକିଛା ଲାଗି ଉତ୍ତର ସକ୍ଷମ ନୁହଁନ୍। ସେନ୍‌ତା ଇ ଦମ୍ପତି ବୁଢ଼ାବୁଢ଼ି ଭତା, ଆବାସ ଯୋଜନାରୁ ବି ବଁଚିତ୍ ହେଇ ରହିଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଲାଗ୍ ଲାଗ୍ ଖବର ବାହାରିଥିଲା। ଖବର ବାହାରଲାରୁ ଥାନୀୟ ପରଶାସନର ଚେତା ପଶିଥିଲା। ପରଶାସନ ଉତ୍ତରକୁଁ ଭିନ୍ନକ୍ଷମ ଭତା ଯୁଗେଇ ଦେଇଥିଲାବେଲେ ତାରାକଁର ଭୋଟ ପରିଚଏପତର, ଆଧାର କାର୍ଡ ଅଭାବୁ ସେ ଭତାରୁ ବାଦ୍ ପଡ଼ିଥିଲେ। ହେଲେ ଧରିତ୍ରୀରେ ଇ ବାବ୍‌ଦେ ଫେନ୍ ଖବର ବାହାରଲାରୁ ପରଶାସନ ତାରାକଁର ଭୋଟ ପରିଚଏ ପତରର, ଆଧାର କାର୍ଡର ବେବସ୍ତା କରିଛେ। ସେନ୍‌ତା ପରଶାସନ ଉତ୍ତରକୁଁ ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ବି ସାମିଲ କରିଛେ। ତା.୧୭.୮.୨୦୧୯ ପରଶାସନ ଘର ମଂଜୁର କରବାର ସଂଗେ ସୋମବାର କାର୍ଯ୍ୟାଦେଶ ସଂଖ୍ୟା ୪୨୫/୧୯ରେ ତାହାକୁ ଘର ତିଆରିବାକେ ଅନୁମତି ଦେଇଛେ। ତାରାକଁର ଭତା ବାବ୍‌ଦେ ଭେଡ଼େନ ବିଡିଓ ମୂରଲୀଧର ନାୟକକୁଁ ପଚରାଲାରୁ ତାହାକୁ ଭୋଟ ପରିଚଏ ପତର, ଆଧାର କାର୍ଡ ଯୁଗେଇ ଦିଆଯାଇଛେ। ସେ ଫର୍ମ ଭରି ଆବେଦନ କଲେ ଯେତେ ଜଲଦି ହେବା ତାହାକୁ ଭତା ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।

ଧରିତ୍ରୀ ପ୍ରଭାବ



ଦିବ୍ୟାଙ୍ଗ ଉତ୍ତର ଝାଙ୍କର ଆବାସ ଘର କାର୍ଯ୍ୟାଦେଶ ଦେଖଉଛନ୍।

# ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିକଲେ ଗ୍ରାମବାସୀ

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଜାମୁଣ୍ଡା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ବଦଳି କରିବା ଏବଂ ତାଙ୍କ ସ୍ଥାନରେ ଅନ୍ୟ ଜଣେ ପ୍ରଧାନଶିକ୍ଷକଙ୍କୁ ସ୍କୁଲରେ ଅବସ୍ଥାପିତ କରିବାକୁ ଦାବି ହୋଇଛି । ଏହି ଦାବି ନେଇ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି । ଏ ନେଇ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, କୁଜାମୁଣ୍ଡା ସ୍କୁଲରେ ୨ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ଦୁଇ ଶିକ୍ଷକଙ୍କୁ ନେଇ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଚାଲୁଛି । ଏଭଳି ସ୍ଥଳେ ଉକ୍ତ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ନିୟମିତ ସ୍କୁଲକୁ ଆସୁ ନାହାନ୍ତି । ସେ ଅନ୍ୟ ଏକ କମ୍ପାନୀର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ସ୍କୁଲରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି ବୋଲି ସେମାନେ କହିଛନ୍ତି । ଫଳରେ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବା ସହିତ ଅନ୍ୟ ଜଣେ ଦାୟିତ୍ୱସମ୍ପନ୍ନ ପ୍ରଧାନଶିକ୍ଷକଙ୍କୁ ସ୍କୁଲରେ ଅବସ୍ଥାପିତ କରିବାକୁ ଜୟନ୍ତୀ ସିଂ, ମନବୋଧ ସାହୁ, ରାଜୁ ଦେହେରୀ, ଥବିର ବରିହା, ସୁଶାନ୍ତ ସୁନା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।



ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିବା ଗ୍ରାମବାସୀ ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ଗଙ୍ଗାଧର ଜୟନ୍ତୀ

**ପାଇକମାଳ, ୨୭।୮(ଡି.ଏନ.ଏ)**

ମାଣ୍ଡୋସିଲ ଡିଗ୍ରୀ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ବିନୟ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ସୋହେଲା କଲେଜର ଓଡିଆ ଅଧ୍ୟାପକ ଡା. ଉପେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଅମରେଶ ଠାକୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସନ୍ତୋଷ ସିଂହ ଠାକୁର ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରମ୍ଭରେ ଦେବକାନ୍ତ ନାୟକ ଗଙ୍ଗାଧର ମେହେରଙ୍କ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଧବଳେଶ୍ୱର ସାହା, ସୁମିତାବ ନାୟକ, ଝୁମିନା ପ୍ରଧାନ, ଆଲଫା ଅନୁପମା ପ୍ରଧାନ, ଅନୁସୟା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ନିରାକାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଲେଜ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା।



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

କନ୍ଧମାଳ,୨୭।୮(ଡି.ଏନ.ଏ) ବୌଦ୍ଧ ଜିଲା କନ୍ଧମାଳ ଥାନା ବରିଗୁଭା ଛକରୁ ମଙ୍ଗଳବାର ଭୋର ୫ଟା ୩୦ ମିନିଟ୍ ସମୟରେ ପୋଲିସ ଏକ ବୋଲେରୋ ଗଞ୍ଜେଇ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଗୋପପଲି ଗ୍ରାମର ଦିଲୀପ କୁମାର ଦେହୁରୀ ଏବଂ ଜବତ ଗଞ୍ଜେଇର ପରିମାଣ ୬ କୁଇଣ୍ଟାଲ ୫୦ କେଜି ହେବ ବୋଲି ଜଣାପଡିଛି । ଏ ନେଇ କନ୍ଧମାଳ ଥାନାରେ ଏକ ମାମଲା (ନଂ.୧୪୭/୧୯) ରୁଜୁ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି ।

ସୂଚନା ଅନୁସାରେ, ସୋମବାର ରାତିରେ ଗଞ୍ଜେଇ ଚୋରା ଚାଲାଣ ହେବାକୁ ଥିବା ଖବରପାଇ କନ୍ଧମାଳ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ନାରାୟଣ ପ୍ରସାଦ ଅଞ୍ଚଳରେ ପେଟ୍ରୋଲିଂ ଚାଲିଥିଲା। ଏହି ସମୟରେ ନାରାୟଣପ୍ରସାଦ ପଟୁ ଆସୁଥିବା ଏକ ବୋଲେରୋ ପିକ୍‌ଅପ୍ (ନଂ.ଓଡି୩୧ଡି/୫୯୦୬)କୁ ପୋଲିସ ବରିଗୁଭା ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ବସ୍ତା ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା।



### ଘଣ୍ଟାପଡାରେ ରୋଗୀବଟା ପୂଜା

ଘଣ୍ଟାପଡା, ୨୭।୮ (ଡି.ଏନ.ଏ) ଘଣ୍ଟାପଡା ଅଞ୍ଚଳର କୁଦୁର୍କା, ତୁର୍କା, ବିଲବିଲ ଆଦି ପ୍ରଗଣା ମାନଙ୍କରେ ପରମ୍ପରାଗତ ବାର୍ଷିକ ରୋଗୀ ବଟା ପୂଜା ମଙ୍ଗଳବାର ବିଭିନ୍ନ ଗ୍ରାମରେ ପାଳିତ ହୋଇଯାଇଛି । ପରମ୍ପରା ଅନୁସାରେ ପ୍ରତିବର୍ଷ ନୂଆଁଖାଇ ପର୍ବ ପାଳନର ପୂର୍ବ ମଙ୍ଗଳବାର ଦିନ ଏହି ପୂଜା ଗ୍ରାମର ସମସ୍ତ ଜାତିର ଲୋକେ ମିଳିମିଶି ପାଳନ କରିଥାନ୍ତି । ଏହି ପୂଜା ପାଳନ ଦ୍ୱାରା ଗ୍ରାମରୁ ମିଳିମିଳା, ବସନ୍ତ ଆଦି ରୋଗ ଦୂର ହୋଇଥାଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହି ଆସିଛି ।

## ■ ପରିଚୟପତ୍ର ପଞ୍ଜୀକରଣରେ ସମସ୍ୟା,

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ବରଗଡ଼ ଅଫିସ୍,୨୭।୮**

ଧାନବିକ୍ରି ପାଇଁ ବର୍ତ୍ତମାନ ଚାଷୀ ପରିଚୟପତ୍ର ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। ମାତ୍ର ପଞ୍ଜୀକରଣରେ ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ବରଗଡ଼ ଜିଲା ତୋରା ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଚାଷୀ ପରିଚୟ ପତ୍ର ପଞ୍ଜୀକରଣରେ ଜମିର ବିଭିନ୍ନ କିସମ ଅର୍ଥାତ୍ ପତିତ, ବର୍ଚ୍ଛା, ଆଁଟ୍ ଆଦି କିସମର ଜମିକୁ ଅନ୍ତର୍ଭୁକ୍ତ କରାଯାଉନାହିଁ । ଅନ୍ୟପଟେ ସେହି କିସମର ଜମିରେ ଚାଷୀମାନେ ଚାଷ କରି ଆସୁଛନ୍ତି ଏବଂ ସେ ବାବଦକୁ ଜଳକର, ମାଲଗୁଜାରୀ ମଧ୍ୟ ପଇଠ କରି ଆସୁଛନ୍ତି। ମାତ୍ର ଏବେ ସେହି କିସମର ଜମିକୁ ବର୍ତ୍ତମାନ ଚାଲିଥିବା ପରିଚୟପତ୍ର ପଞ୍ଜୀକରଣରେ ସାମିଲ କରାଯାଉ ନ ଥିବା ଯୋଗୁ ଆଗକୁ ଧାନବିକ୍ରିରେ ଚାଷୀମାନେ ଆହୁରି ସମସ୍ୟାର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ସେହି କିସମର ଜମିକୁ ପଞ୍ଜିକରଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଗଲେ ସେମାନେ ସେହି ଜମିରୁ ଅମଳ କରୁଥିବା ଧାନକୁ ବିକ୍ରି କରିବାରେ ସକ୍ଷମ ହେବେ ବୋଲି ଚାଷୀମାନେ କହିଛନ୍ତି । ବିଶ୍ୱନାଥ ସାହୁ, ଲକ୍ଷ୍ମଣ ନନ୍ଦ, ହୀରାଲାଲ ସାହୁଙ୍କ ସମେତ ତୋରା ପଞ୍ଚାୟତର ବହୁଚାଷୀ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ଜିଲାପାଳ ଅଫିସକୁ ଆସିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

## ■ ଚାଷୀ ପରିଚୟପତ୍ରରେ ଜାଲିଆତି

# ଚାପିଦେବା ପାଇଁ ଚାଲିଛି ଉଦ୍ୟମ

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ଜିଲାରେ ଧାନବିକ୍ରିରେ ଚାଷୀ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ଏପରିକି ଉଭୟ ରବି ଓ ଖରିଫରେ ପରିଚୟପତ୍ର ନବୀକରଣ ମଧ୍ୟ କରାଯାଉଛି । ଏହାସତ୍ତ୍ୱେ ଏଥିରେ ଜାଲିଆତି ଜିଲାରେ ଚାଲିଥିବାରୁ ଧାନ କିଣାବିକାକୁ ନେଇ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଜାଲିଆତି ସାମ୍ନାକୁ ଆସିବା ପରେ ସେନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାକୁ ଚାପି ଦିଆଯାଉଥିବା ଅଭିଯୋଗ ହୋଇଛି । ଗତ ରବିବାରରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାର ତୋରା ସମବାୟ ସମିତି ସମେତ ଅନ୍ୟ କେତେକ ସମିତିରେ ମଧ୍ୟ ଏଭଳି ଜାଲିଆତି ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗତ ରବିବାରରେ ଅନେକ ଚାଷୀ ନିଜ ଅମଳ ଧାନକୁ ବିକ୍ରି କରି ପାରି ନ ଥିଲେ । କ୍ରୟ ଧାର୍ଯ୍ୟଲକ୍ଷ୍ୟ ପୂରିବା ସହିତ କିଣାବିକା ଅବଧି ସରି ଯାଇଥିବା ଦର୍ଶାଇ ଚାଷୀଙ୍କଠାରୁ ଆଉ ଧାନ କିଣା ନ ଯାଇ ମଣ୍ଡି ଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା । ଅପରପକ୍ଷେ ବିକ୍ରି କରି ପାରି ନ ଥିବା ଧାନକୁ ଚାଷୀ ଖଳାରୁ ଘରକୁ ନେବା ବାଟରେ କିଛି ଯୋଗାଣ କର୍ମଚାରୀ ଧାନ ବୋଝେଇ ଟ୍ରାକ୍ଟରକୁ ଅଟକାଇ ଉତ୍କୋଚ ଦାବି କରିବା ଭଳି ଘଟଣା ଜିଲାର ତାଲମେଣ୍ଡା ଅଞ୍ଚଳରେ ଘଟିଥିଲା । ଏପରିକି ଘଟଣାଟି ଲୋକଲୋଚନକୁ ଆସିବା ପରେ ସମ୍ପୃକ୍ତ ଯୋଗାଣ କର୍ମଚାରୀ ଚାଷୀଙ୍କ ଘରକୁ ଯାଇ ନିଜ ଭୁଲ ସ୍ୱୀକାର କରିଥିଲେ ।

ସେହି ଚର୍ଚ୍ଚା ଥମି ନ ଥିବାବେଳେ ଜିଲାର ତୋରା ସେବା ସମବାୟ ସମିତିରେ ଧାନ କିଣାବିକା ପାଇଁ ଉଦ୍ଦିଷ୍ଟ ପରିଚୟ ପତ୍ରକୁ ନେଇ ଜାଲିଆତି ହୋଇଥିବା ଘଟଣା ଆଲୋଡ଼ନ ଖେଳାଇ ଦେଇଥିଲା । ସରକାରୀ ଜମିକୁ ନେଇ ମଧ୍ୟ ଚାଷୀ ପରିଚୟ ପତ୍ର ପ୍ରସ୍ତୁତ ହୋଇଥିବାବେଳେ କେତେକ ସ୍ଥଳେ ଜମି ପରିମାଣକୁ ମଧ୍ୟ ଢ଼େର ଗୁଣରେ ବୃଦ୍ଧି କରାଯାଇ ଧାନ କିଣାବିକା ହୋଇଥିବା ଭଳି ଗୁରୁତର ଅଭିଯୋଗ ହୋଇଥିଲା । ଏ ନେଇ ତୋରା ସେବା ସମବାୟ ସମିତିର ସଭାପତି ଲକ୍ଷ୍ମଣ ନନ୍ଦଙ୍କୁ ପଚାରିବାରୁ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରକୁ ବାହାର କରି ଦିଆଯାଇଛି ବୋଲି ସେ କହିଥିଲେ। ଧାନ କିଣାବିକାରେ କେବଳ ଡାଟା ଏଣ୍ଟ୍ରି ଅପରେଟରଙ୍କ ଭୂମିକା ରହିଥାଏ, ତାହା ନୁହେଁ । ପରିଚୟପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ଧାନ ବିକିବା ପର୍ଯ୍ୟନ୍ତ ସମବାୟ, ରାଜସ୍ୱ, ନିୟନ୍ତ୍ରିତ ବଜାର କମିଟି ଏବଂ ଯୋଗାଣ ବିଭାଗର ଦାୟିତ୍ୱ ରହିଛି । ମାତ୍ର ଏଭଳି ଏକ ଘଟଣାରେ କେବଳ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ବାହାର କରି ଦେଇ ଅନ୍ୟମାନଙ୍କୁ ସେଭଳି ଜାଲିଆତି ଘଟଣାରୁ ଖସାଇ ଦେବା ପାଇଁ ଉଦ୍ୟମ ଚାଲିଥିବା ଏଠାରେ ଅଲୋଚନାର ବିଷୟ ହୋଇଛି । ବରଗଡ଼ ଜିଲାପାଳ ଏଥିରେ ହସ୍ତକ୍ଷେପ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି ।

# ବିଜେପୁର ବାହ୍ୟ ମଳମୁକ୍ତ ସହର ଘୋଷିତ

**ବିଜେପୁର, ୨୭।୮ (ଡି.ଏନ.ଏ)**

ବିଜେପୁର ଏନଏସିକୁ କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ସଂସ୍ଥା ବାହ୍ୟ ମଳମୁକ୍ତ ସହର ଭାବେ ଘୋଷଣା କରିଥିବା ଜଣାପଡିଛି । ନବଗଠିତ ଏହି ଏନଏସିରେ ମୋଟ ୧୧ ଗୋଟି ୱାର୍ଡରେ ୧୧,୨୩୦ ଜଣ ବସବାସ କରୁଛନ୍ତି । ୧୧୨୦ଟି ପରିବାରର ଶୌଚାଳୟ ରହିଥିବା ବେଳେ ଦୁଇଟି ସମନ୍ୱିତ ଶୌଚାଳୟ କାର୍ଯ୍ୟକ୍ଷମ ରହିଛି । ଚଳିତ ମାସ ୧୯ ଓ ୨୦ ତାରିଖ ଦୁଇ ଦିନ ଧରି କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ସଂସ୍ଥାର ଏକ ଟିମ୍ ଏହି ସହରର ବିଭିନ୍ନ ସାହି ଓ ସ୍ଥାନ ପରିଦର୍ଶନ କରିଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପରିବେଶ, ଶୌଚାଳୟ ନିରୀକ୍ଷଣ କରିବା ସହ କାଗଜପତ୍ର ତନଖି କରିଥିଲେ । ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ରୁକ୍ମଣ ମେହେରଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାରତ ମିଶନର ନୋଡାଲ ଅଫିସର ଦିବ୍ୟକିଶୋର ପୁରୋହିତ, ସାନିଟେଶନ ଏକ୍ସପର୍ଟ ସୁଶାନ୍ତ କୁମାର ପ୍ରଧାନ ପ୍ରତିନିଧି ଦଳକୁ ସହଯୋଗ କରିଥିଲେ । ନବଗଠିତ ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ସଂସ୍ଥା ବାହ୍ୟ ମଳମୁକ୍ତ ସହର ଭାବେ ଘୋଷଣା କରିବା ଗୌରବର ବିଷୟ । ଏହା ଦ୍ୱାରା ସ୍ଥାନୀୟ ହସ୍ପିଟାଲ, ତହସିଲ କାର୍ଯ୍ୟାଳୟ ଓ ବସଷ୍ଟାଣ୍ଡ ପରିସରରେ ଗୋଷ୍ଠୀ ଓ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ମେହେର କହିଛନ୍ତି ।



ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଏନଏସି କର୍ମଚାରୀ କାଗଜାତ ତନଖି କରୁଛନ୍ତି ।

### ଟାଇବ୍ରେକରରେ ସୋହେଲା ବିଜୟୀ

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କଦଲୀପାଲିରେ ଶହୀଦ ଅଶୋକ ବେହେରା ସ୍ମାରକୀ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦଘାଟିତ ହୋଇଛି । ୭ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ । ଅଇଁଠାପାଲି ଓ ସୋହେଲା ମଧ୍ୟରେ ଉଦଘାଟନୀ ମ୍ୟାଚ ହୋଇଥିଲା । ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍‌ଟି ୨-୨ ଗୋଲରେ ବରାବର୍ ସ୍ଥିତିରେ ରହିବାକୁ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ସୋହେଲା ବିଜୟୀ ହୋଇଥିଲା। ଉଦଘାଟନୀ ସମାରୋହରେ ଉପେନ୍ଦ୍ର ସିଂ, ଧନ ସିଂ ବରିହା, ଦୁଷ୍ଟ ବେହେରା, ରବିନ୍ଦ୍ର ଭୋଇ, କ୍ଷିତିପତି ସାହୁ, ଗଙ୍ଗା ସାହୁ, ରବିନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ମଦ ବିକ୍ରୟ କେନ୍ଦ୍ରରୁ ଲୁଟ୍, ମାମଲା ରୁଜୁ

**ସୋହେଲା,୨୭।୮(ଡି.ଏନ.ଏ)**

ସୋହେଲା ଥାନା ସରକଣ୍ଡା ଗ୍ରାମରେ ଥିବା ସରକାରୀ ଦେଶୀ ମଦଭାଟିର ଶାଖା ବିକ୍ରୟ କେନ୍ଦ୍ରରେ ସୋମବାର ରାତି ପ୍ରାୟ ୨ଟା ସମୟରେ ୪ଜଣ ଯୁବକ ପଶି ୩୨ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି । ଏ ସମ୍ପର୍କରେ ଅଭିଯୋଗ ପରେ ସୋହେଲା ଥାନା ପୋଲିସ ଏକ ମାମଲା (ନଂ.୧୪୦/୧୯) ରୁଜୁ କରି ତଦନ୍ତ ଜାରି ରଖିଛି ।

ପ୍ରକାଶ ଯେ, ସରକଣ୍ଡା ମଦ ବିକ୍ରୟ କେନ୍ଦ୍ରର ମ୍ୟାନେଜର ସମ୍ପଦ କୁମାର ସାହୁ ରାତି ପ୍ରାୟ ୧୦ଟାରେ ବିକ୍ରୟ କେନ୍ଦ୍ର ବନ୍ଦ କରି ଅନ୍ୟ କର୍ମଚାରୀଙ୍କ ସହିତ ସେଠାରେ ଥିଲେ । ରାତି ପ୍ରାୟ ୨ଟା ସମୟରେ ୪ଜଣ ଯୁବକ ବିକ୍ରୟ କେନ୍ଦ୍ର ପାଚେରୀ ଡେଇଁ ଭିତରକୁ ପଶିଥିଲେ ଏବଂ କବାଟ ଖୋଲିବାକୁ କହିଥିଲେ। କର୍ମଚାରୀମାନେ କବାଟ ନ ଖୋଲିବାରୁ ସେମାନେ ବାହାର କୋଠରୀରେ ଶୋଇଥିବା ୨ଜଣ କର୍ମଚାରୀଙ୍କୁ ବାହାର ପଟୁ ଶିକୁଳି ଦେଇ ବନ୍ଦ କରି ଦେଇଥିଲେ ଏବଂ ମ୍ୟାନେଜର ଶୋଇଥିବା କୋଠରୀ କବାଟ ପିଟିଥିଲେ । କିନ୍ତୁ ମ୍ୟାନେଜର କବାଟ ନ ଖୋଲିବାରୁ ୨ଜଣ ଯୁବକ କୋଠରୀ ଉପରକୁ ଚଢ଼ି ଆଜବେଷ୍ଟସ ଭାଙ୍ଗି ଭିତରକୁ ପଶିଥିଲେ ଓ ଭିତର ପଟୁ ଦିଆହୋଇଥିବା କବାଟକୁ ଖୋଲି ଦେବାରୁ ବାହାରେ ଥିବା ଆଉ ୨ଜଣ ଯୁବକ ଭିତରକୁ ପଶିଥିଲେ । ଏହାପରେ ଯୁବକମାନେ ମ୍ୟାନେଜରଙ୍କୁ ଭୁଜାଲି ଦେଖାଇ ମାଡପିଟ କରି ଖଟତଳେ ଥିବା ବାକ୍ସତାଲା ଭାଙ୍ଗି ସେଥିରେ ଥିବା ୩୨ହଜାର ଟଙ୍କା ଓ ମ୍ୟାନେଜରଙ୍କ ଏକ ବ୍ୟାଗକୁ ଧରି ବାଇକରେ ଫେରାର ହୋଇଯାଇଥିଲେ । ଏ ସମ୍ପର୍କରେ ମ୍ୟାନେଜର ସୋହେଲା ଭାଟି ମ୍ୟାନେଜରଙ୍କୁ ଜଣାଇବା ସହିତ ଥାନାରେ ଅଭିଯୋଗ କରିବା ପରେ ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର ଓ ଷ୍ଟାଫ ଆଜି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ସାଢେ ୧୦ଟା) ପୋଲିସ ଅଭିଯୁକ୍ତଙ୍କ ଟେର ପାଇନାହିଁ ।

## ■ ବୌଦ୍ଧ ଜିଲାରେ ସପ୍ତମ ଅର୍ଥନୈତିକ ଗଣନା ଆରମ୍ଭ

# ସଚେତନତା ଶୋଭାଯାତ୍ରା ଉଦ୍‌ଘାଟିତ




ଅର୍ଥନୈତିକ ଗଣନା ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

**ବୌଦ୍ଧ,୨୭।୮(ସ୍ୱ.ପ୍ର)**

କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ ଯୋଜନା ମନ୍ତ୍ରଣାଳୟ ପକ୍ଷରୁ ସପ୍ତମ ଅର୍ଥନୈତିକ ଗଣନା କାର୍ଯ୍ୟ ବୌଦ୍ଧ ଜିଲାରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ ଯୋଜନା ମନ୍ତ୍ରଣାଳୟ ଓ ସିଏସ୍‌ସି ଇ-ଗଭର୍ଣ୍ଣାସ ସର୍ଭିସ ଇଣ୍ଡିଆ ମିଳିତ ଭାବେ ଏହି ଗଣନା କାର୍ଯ୍ୟ କରିବେ । ଜିଲାରେ ୬୯ଟି ଗ୍ରାମ ପଞ୍ଚାୟତ ଥିବାବେଳେ ପ୍ରତି ଗ୍ରାମପଞ୍ଚାୟତ ପାଇଁ ଜଣେ ଲେଖାଏଁ ସୁପରଭାଇଜର ଓ ୧୦ଜଣ କ୍ଷେତ୍ର ଗଣନାକାରୀଙ୍କୁ ନିୟୋଜିତ କରାଯାଇଛି। ଗଣନାକାରୀମାନେ ମୋବାଇଲ ଆପ୍ ସାହାଯ୍ୟରେ ଘର ଘର ବୁଲି ସର୍ଭେ କରିବେ । ଜନସଚେତନତା ଶୋଭାଯାତ୍ରା ଶୁଭାରମ୍ଭ ସମୟରେ ଜିଲା ଯୋଜନା ଉପ ନିର୍ଦ୍ଦେଶକ ବିଦ୍ୟାଧର ନାୟକ, ଡିଜିଏମ୍ ସମୀର ନାୟକ, ସିଏସ୍‌ସି ଜିଲା ପରିଚାଳକ ଗିରିଜା ଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

# ଗୋସୁରକ୍ଷା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ସହରରେ ବୁଲା ଗାଈଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରର ରାସ୍ତାଘାଟରେ ଗାଈଗୋରୁ ରହୁଥିବା ଯୋଗୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜି ଜୀବନହାନି ଘଟୁଛି । ଏପରିକି ଏଥିରେ ଗାଈଗୋରୁଙ୍କ ମଧ୍ୟ ମୃତ୍ୟୁ ହେଉଛି । ସେହିପରି ଜିଲାରେ ଗୋରୁ ଚାଲାଣ ମଧ୍ୟ ବିଭିନ୍ନ ସମୟରେ ଘଟୁଥିବା ଅଭିଯୋଗ ହୋଇଛି । ଏହାସତ୍ତ୍ୱେ ବରଗଡ଼ ସହରରେ କାଞ୍ଜି ହାଉସ ନିର୍ମାଣ କରାଯାଉନାହିଁ । ଏ ନେଇ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗୋ ସୁରକ୍ଷା ତଥା କାଞ୍ଜି ହାଉସ ନିର୍ମାଣ ଦାବିରେ ସୋମବାର ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ କାଶ୍ମୀର ସିଂ, କିଶୋର ବିଭାରଙ୍କ ସମେତ ବଜରଙ୍ଗ ଦଳର କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ ।

# ବରଗଡ଼ରେ ଖୋଲିଲା ଚାଇଲ୍ଡ୍‌ଲାଇନ୍

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ଜିଲାରେ ମଙ୍ଗଳବାର ଚାଇଲ୍ଡ୍ ଲାଇନର ଶୁଭାରମ୍ଭ ହୋଇଛି । ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)କୁ ଆସି ଚାଇଲ୍ଡ୍ ଲାଇନ ଇଣ୍ଡିଆ ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ଅଙ୍କାସୀ ଦତ୍ତା ଏହାର ଶୁଭାରମ୍ଭ କରିଥିଲେ । ଏହା ସହିତ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ସିଡବ୍ଲ୍ୟୁସି, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପରିଦର୍ଶନରେ ଯାଇ ପ୍ରୋଗ୍ରାମ ମ୍ୟାନେଜର ଦତ୍ତା ବିଭାଗୀୟ ଅଧିକାରୀଙ୍କ ସହିତ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଥଇଥାନ ଆଦି ଉପରେ ଆଲୋଚନା କରିଥିଲେ। ଚାଇଲ୍ଡ୍ ଲାଇନର ଶୁଭାରମ୍ଭବେଳେ ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ଦତ୍ତାଙ୍କ ସମେତ ସିଡବ୍ଲ୍ୟୁସି ଚେୟାରମ୍ୟାନ ସୁଜିତ କୁମାର ଦାଶ, ସଭ୍ୟା ଅଞ୍ଜୁ ଅଗ୍ରୱାଲ, ସଭ୍ୟ ବିଦ୍ୟୁତ ଦାଶ, ବିରେନ୍ଦ୍ର ମେହେର, ପତଙ୍ଗ ଅନୁଷ୍ଠାନର ମୁଖ୍ୟକର୍ତ୍ତା ସଚ୍ଚିଦାନନ୍ଦ ମିଶ୍ର ଏବଂ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



ଚାଇଲ୍ଡ୍ ଲାଇନର ଶୁଭାରମ୍ଭ ବେଳେ ଉପସ୍ଥିତ କର୍ତ୍ତୃପକ୍ଷ, ପ୍ରତିନିଧିବୃନ୍ଦ ।

# ଆବାସ ଯୋଜନାରୁ ବଁଚିତ୍ ପୂର୍ଣ୍ଣବାସୀ

**ଜହ୍ନାପଙ୍କ, ୨୭।୮ (ଡି.ଏନ୍.ଏ.)**

ବୌଦ୍ଧ ଜିଲା ତେଲିବନ୍ଧ ପଁଚେତ୍ ଅଧୀନ ରାମପୁର ଗାଁର ପୂର୍ଣ୍ଣବାସୀ ଦାସ ଗୁଟେ ଭଂଗା ଦଦ୍‌ରା ଘରେ ଜୀବନ୍‌କେ ପାଏନ୍ ଛଡ଼େଇ ରହୁଛନ୍। ଇଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ବାସହୀନ ପରିବାରମାନକୁ ଭିନେ ଭିନେ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ବିଭାଗୀୟ ଅଧିକାରୀମାନକର ଉଦାସିନ୍ତା ଲାଗି ଏନ୍ତା ଅନେକ ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ୍ ପାଏବାରୁ ବଁଚିତ୍ ହେଉଛନ୍।

ସୂଚନା ଅନ୍‌ସାରେ ରାମପୁର ଗାଁର ପୂର୍ଣ୍ଣବାସୀ ଦାସ ବିପିଏଲ୍ ଶ୍ରେଣୀରେ ରହିଛନ୍। ଆପ୍‌ନେ ୧୦ ବଛର ତଲେ ଆରପାରକେ ଚାଲିଯାଇଛନ୍। ଏନ୍ତାଥି ନିସାହା ବିଧବା ପୂର୍ଣ୍ଣବାସୀ ଭିଖ୍ ମାଗି ନିଜର ପେଟ୍ ପାଲୁଛନ୍। ଯେନ୍‌ଦିନ ଭିଖ୍ ମାଗିଯାଇ ନାଇଁପାରବାର ସେଦିନ ଖାଡ଼ା ଉପାସରେ ରହୁଛନ୍। ଇଆଡ଼େ ଜମିବାଡ଼ି ବଲି କିଛି ନାଇଁ। ସରକାରୀ ସାହାଯ୍ କହେଲେ ପୂର୍ଣ୍ଣବାସୀ ମାସିକ ପାଉଥିବାର ୩ଶହ ଟଁକା ବିଧବା ଭତା ଆର ପଁଚେତ୍‌ରୁ ମିଲୁଥିବାର ୧୦ କେ.ଜି. ଚାଉଲ ନ ସାହାଭରସା। ଏନ୍ତାଥି ସେ ରହୁଥିବାର ଝାଟିମାଟି ଘରଟା ବି ମରାମତି କରି ନାଇଁ ପାରବାର। ଅଲପ୍ ବରଷାରେ ବି ଘରଟା ଦରୋ ଦରୋ ଗଲୁଛେ। ସେ ରହୁଥିବାର ଘରଟା ଗୁଟେ ଗାଈ ଗୁହାଲନୁ ହୀନ ଅବସ୍ତାରେ ରହିଛେ। କେତେବେଲେ ଘରଟା ମାଡ଼ି ବସବା କିଛି କହି ନାଇଁ ହେବାର। ଏନ୍ତାଥି ପୂର୍ଣ୍ଣବାସୀ ଉପେଶୂଇନ୍ ହେଇ, ଜୀବନ୍‌କେ ପାଏନ୍ ଛଡ଼େଇ ସେ ଭଂଗା ଦଦ୍‌ରା ଘରେ ରହୁଛନ୍। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପୂର୍ଣ୍ଣବାସୀ ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ମତାମତ ଲାଗି ତେଲିବନ୍ଧ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁଁ ଯୋଗାଯୋଗ କରାଯାଇଥିଲେ ବି କେହେନ୍‌ସି କାରନ୍‌ରୁ ସେ ଫୋନ୍ ନାଇଁ ଉଠେଇ। ଯେନ୍‌ଥିରଲାଗି ତାକର ମତାମତ ନାଇଁ ମିଳିପାରି।



ନିଜର ଦଦ୍‌ରା କୁରିଆ ଆଗେ ପୂର୍ଣ୍ଣବାସୀ।



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ବ୍ୟାଙ୍କ ଶାଖା ଉଦ୍‌ଘାଟିତ

**ଲୋଇସିଂହା,୨୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ମାହାରପାଲି ଛକଠାରେ ସୂର୍ଯ୍ୟୋଦୟ ବ୍ୟାଙ୍କର ଏକ ଶାଖା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବାଦୀମୁଣ୍ଡା ନାଏବ ସରପଞ୍ଚ କିରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଗୋନ୍ତିଆ ବିଷ୍ଣୁପ୍ରସାଦ କାଲସାଏ, ନାରାୟଣ କାଲସାଏ, ଲେକୁ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟାଙ୍କ ମ୍ୟାନେଜର ଅମର ସହାଣୀ, ସଂଯୋଜକ ସ୍ୱାଧୀନ ପୁରୋହିତ ପ୍ରମୁଖ ବ୍ୟାଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବ୍ୟାଙ୍କ ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କେଦାରନାଥ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣା: ଜଣେ ମୃତ

**ଟିଟିଲାଗଡ଼,୨୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଶଗଡ଼ଘାଟ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିଟିଲାଗଡ଼ ଟିଟିଡୁଙ୍ଗୁରୀପଡ଼ାର ସନ୍ତୋଷ ବାରିକ(୩୦)। ସୂଚନା ମୁତାବକ, ସନ୍ତୋଷ ଏକ ବାଇକ୍ ଯୋଗେ କୌଣସି କାମରେ ଧରପଗଡ଼ ଗାଁକୁ ଯାଇଥିଲେ । ସେଠାରୁ ସେ ଫେରୁଥିବା ବେଳେ ଶଗଡ଼ଘାଟ ଶିଶୁମନ୍ଦିର ସମ୍ମୁଖରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଟିଟିଲାଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ଗଣେଶ ପୂଜା, ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ

**ଦେଓଗାଁ,୨୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝରରେ ସ୍ଥାନୀୟ ଯୁବସଂଗଠନ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଗଣେଶପୂଜା ଏବଂ ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବସଂଗଠନ ସଭାପତି ବିକାଶ କୁମାର ବିଶ୍ୱାଳଙ୍କ ସଭାପତିତ୍ୱ ତଥା ସମ୍ପାଦକ ରମେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୈଠକ ହୋଇଥିଲା। ଏଥିରେ ଗଣେଶ ପୂଜା ତଥା ନୂଆଁଖାଇ ଭେଟ୍‌ଘାଟ୍ ଉପଲକ୍ଷେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ୮୫ ଜଣିଆ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପରଝରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁମାନଙ୍କୁ ନେଇ ପାରମ୍ପରିକ ନୃତ୍ୟ ପରିବେଷଣ କରିବାକୁ ଆଲୋଚନା କରାଯାଇଥିଲା। ଆସନ୍ତା ୩ ଓ ୬ ତାରିଖରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ବୈଠକରେ ଜୟ ଶଙ୍କର ମେହେର, ଉଜ୍ଜଳ ପଧାନ, ରୋହିତ ବାରିକ, ସତ୍ୟବନ୍ତ ବେହେରା, ଆଲୋକ ପଧାନ, ବସନ୍ତ ସେଠ ପ୍ରମୁଖ ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଜିଲା ପରିଷଦ ବୈଠକ

# ବନ୍ୟା କ୍ଷୟକ୍ଷତି ଆକଳନ ଉପରେ ଗୁରୁତ୍ୱାରୋପ

**ବଲାଙ୍ଗୀର ଅଫିସ,୨୭।୮**

ବଲାଙ୍ଗୀର ଜିଲା ପରିଷଦ ବୈଠକ ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ. ମୁକେଶ କୁମାର ମହାଲିଙ୍ଗ, ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ଜିଲାପାଳ ଅରିନ୍ଦମ ଡାକୁଆ, ଡିଆର୍‌ଡିଏ ପିଡି ଡ. ମହେଶ୍ୱର ମହାନ୍ତି, ଜିଲା ପରିଷଦ ସଦସ୍ୟା, ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସଭା ପ୍ରାରମ୍ଭରେ ଜିଲାପାଳ ଡାକୁଆ ସମସ୍ତ ସଦସ୍ୟା, ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ସଭାରେ ବେଲପଡ଼ା ବ୍ଲକ ୨୬ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଡିଆର୍‌ଡିଏ ପିଡି ଡ. ସ୍ୱାଇଁ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ଗତ ୨୬ ସେପ୍ଟେମ୍ବର ୨୦୧୮ରେ ଅନୁଷ୍ଠିତ ପରିଷଦ ବୈଠକରେ ପ୍ରସ୍ତାବିତ ପ୍ରକଳ୍ପଗୁଡିକର ଅନୁପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା।



ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ପରିଷଦ ବୈଠକ।

ବୈଠକରେ ଜିଲା ପରିଷଦ ପାଣ୍ଠି ଅନ୍ତର୍ଗତ ପ୍ରକଳ୍ପଗୁଡିକର ଅନୁମୋଦନ କରାଯାଇଥିଲା। କୃଷି ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରାଯାଇ କିଛିଦିନ ତଳେ ଦେଖା ଦେଇଥିବା ବନ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତି ଉପରେ ଆଲୋଚନା ହୋଇଥିଲା। ବନ୍ୟାରେ କେତେ ପରିମାଣର ଚାଷ ନଷ୍ଟ ହୋଇଛି ଓ କେତେ ପରିମାଣରେ ଜମି ବାଲିଚର ହୋଇଛି ଏହାର କ୍ଷୟକ୍ଷତି ଆକଳନ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ ୩ଟି ପୃଥକସ୍ତର କରିବାକୁ ବିଧାୟକ ମିଶ୍ର କହିଥିଲେ। ସମ୍ପୂର୍ଣ୍ଣ ନଷ୍ଟ, ଆଂଶିକ ନଷ୍ଟ ଓ ବନ୍ୟା ପ୍ରଭାବିତ ଘରଦ୍ୱାର ଆକଳନ କରାଯିବା ଉପରେ କହିଥିଲେ। ଏହାକୁ ସମସ୍ତ ସଦସ୍ୟ ସମର୍ଥନ କରିଥିଲେ। କ୍ଷୟକ୍ଷତି ଆକଳନ ବେଳେ ସମସ୍ତ ପୀଡିତଙ୍କ ପ୍ରତି ଉଦାର ହେବାକୁ ପ୍ରସ୍ତାବ ଦେଇଥିଲେ। ପରେ ୨୦୧୭-୧୮ ଫସଲ ବୀମାରାଶି ଅନିୟମିତତା ଉପରେ ଆଲୋଚନା ହୋଇଥିଲା। ଚାଷୀମାନେ ବୀମା କମ୍ପାନୀ ଦ୍ୱାରା ଠକାମିର ଶିକାର ହେଉଥିବା ସମସ୍ତ ସଦସ୍ୟ ଅଭିଯୋଗ କରିବା ସହ ଏହା ଉପରେ କଡ଼ା ଆଭିମୁଖ୍ୟ ପୋଷଣ କରିବାକୁ କହିଥିଲେ। ଚାଷୀମାନେ ଫସଲ ବୀମା ଟଙ୍କା ପାଇ ନ ଥିବା ନେଇ ମନ୍ତ୍ରୀ ସାହୁ, ବିଧାୟକ ମିଶ୍ର, ବିଧାୟକ ସାଲୁଜା, ବିଧାୟକ ମହାଲିଙ୍ଗ ଓ ବିଭିନ୍ନ ଜିଲା ପରିଷଦ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଫସଲ ବୀମା ଟଙ୍କା ପାଇ ନ ଥିବା ଚାଷୀଙ୍କ ଉପରେ ତଦନ୍ତ କରିବା ପାଇଁ ବିଡିସିସି ବ୍ୟାଙ୍କ ସମ୍ପାଦକ, ଡିଆର୍‌ସିଏସ୍, କୃଷି ଉପନିର୍ଦ୍ଦେଶକ ଓ ଲିଡବ୍ୟାଙ୍କ ମ୍ୟାନେଜର ମିଳିତ ଭାବେ ୧୦ ଦିନ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଅନୁପସ୍ଥିତ ରହିବା ଏବଂ ଯେଉଁମାନେ ବୈଠକକୁ ଆସିଥିଲେ ସେମାନେ ଜନପ୍ରତିନିଧିଙ୍କ ଠିକ୍ ଉତ୍ତର ଦେଇପାରୁ ନ ଥିବାରୁ

### ଫସଲ ବୀମା ପ୍ରାପ୍ୟ ଉପରେ ୧୦ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ବୈଠକରେ ଏମ୍‌ପି ସିଂଦେଓ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏପରି କି ବୈଠକ ସୁଚାରୁ ରୂପେ ପରିଚାଳିତ ହେଉ ନ ଥିବା ଦର୍ଶାଇ ବିଶୃଙ୍ଖଳିତ ଭାବେ ଚାଲିଥିବା କହିଥିଲେ। କିଛିଦିନ ତଳେ ସଇଁତଲାରେ ଧରାପଡିଥିବା ୫୬୦ବସ୍ତା ସାରର ଖୋଲତାଡ କରା ନ ଯାଇ ଜବତ୍ ସାରକୁ ବିଭିନ୍ନ ପ୍ୟାକ୍ସରେ ବଣ୍ଟନ କରାଯାଇଥିବା ବିଧାୟକ ସାଲୁଜା ଅଭିଯୋଗ କରିଥିଲେ। ସାର ଅନିୟମିତତାରେ ସରକାରୀ ଦଳର ଜନ ପ୍ରତିନିଧି, ଅଫିସର ସାମିଲ ରହି ଅର୍ଥ କାରବାର ହେଉଥିବା ସୂଚନା ଦେଇଥିଲେ। ଘଟଣା ଦିନ ସାର ଗୋଦାମରେ ଆହୁରି ୬୦୦ ବସ୍ତା ସାର ମହଜୁଦ ଥିଲେ ମଧ୍ୟ ମାତ୍ର ୩୬୦ ବସ୍ତା ସାର ଜବତ୍ କରାଯାଇ ବାକି ସବୁକୁ ଖସାଇ ନିଆଯାଇଥିଲା ବୋଲି କହିଥିଲେ। ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ଆଶ୍ଚର୍ଯ୍ୟର କଥା ବୋଲି କହିଥିଲେ। ଘଟଣାର ତଦନ୍ତ କରିବାକୁ ସେ ଦାବି କରିଥିଲେ। ବିଧାୟକ ମହାଲିଙ୍ଗ ଆଗଲପୁର ଅଞ୍ଚଳରେ ଜୁଲାଇ ମାସରୁ ବଣ୍ଟନ କରାଯିବାକୁ ଥିବା ଚିନାବାଦମ ମଞ୍ଜି କେବେ ବଣ୍ଟନ କରାଯିବ ଏହାର ତଦନ୍ତ କରିବାକୁ ଡିଡିଏଙ୍କୁ କହିଥିଲେ।

ରାତ୍ରି ଭୋଜନରେ ଛାତ୍ରୀ ଅନୁପସ୍ଥିତ ଘଟଣା

## ପ୍ରଶାସନିକ ତଦନ୍ତ ଦାବି କଲେ ଗ୍ରାମବାସୀ

**ଲୋଇସିଂହା,୨୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମିସ୍ଥିତ ଆଦିବାସୀ ସେବାଶ୍ରମରେ ରବିବାର ସନ୍ଧ୍ୟାରେ ଛାତ୍ରୀ ଅନୁପସ୍ଥିତ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ସ୍କୁଲ କର୍ତ୍ତୃପକ୍ଷ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିବା ଘଟଣାକୁ ଗ୍ରାମବାସୀ ନିନ୍ଦା କରିଛନ୍ତି। ଘଟଣାର ପ୍ରଶାସନିକ ତଦନ୍ତ ଦାବି କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଦୁମଦମି ଆଦିବାସୀ ସେବାଶ୍ରମ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍କୁଲରେ ୧୯୧ଜଣ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପଢୁଛନ୍ତି। ରବିବାର ସେବାଶ୍ରମରେ ରହୁଥିବା ଜଣେ ଛାତ୍ରୀ ରାତ୍ରିଭୋଜନ ସମୟରେ ଅନୁପସ୍ଥିତ ଥିବା ସ୍କୁଲ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ପରେ ସ୍କୁଲ ପରିସରରେ ଛାତ୍ରୀଙ୍କୁ ଖୋଜା ଖୋଜି କରିଥିଲେ। ହେଲେ ଛାତ୍ରଙ୍କ କୌଣସି ପତ୍ତା ପାଇ ନ ଥିଲେ। ଏହାଜାଣି ଗ୍ରାମବାସୀ ସ୍କୁଲ ବାହାରେ ରୁଣ୍ଡ ହୋଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ସ୍କୁଲ କର୍ତ୍ତୃପକ୍ଷ ଲୋଇସିଂହା ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ସ୍କୁଲରେ ପହଞ୍ଚିଥିଲା। ହେଲେ କିଛି ସମୟ ପରେ ଛାତ୍ରୀ ଜଣକ ସେବାଶ୍ରମରେ ପହଞ୍ଚି ଥିଲେ। କେଉଁ ପରିସ୍ଥିତିରେ ଛାତ୍ରୀଜଣକ ସେବାଶ୍ରମରେ ଅନୁପସ୍ଥିତି ଥିଲେ ଘଟଣାର ତଦନ୍ତ ଦାବି ହୋଇଛି। ଏନେଇ ସୁପରିଟେଣ୍ଡେଣ୍ଟ ନୃସିଂହ ଚରଣ ପ୍ରଧାନୀଙ୍କୁ ପଚାରିବାରୁ ଘଟଣାର ଉତ୍ତର ଦେଇ ନ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକିଏ କଥାରେ ରୁଷୁ
ଖଟ ତଳେ ଯାଇ ବସୁ
ଟିକିଏ ଆଦର କରିଲେ
କେତେ ମୁରୁକି ମୁରୁକି ହସୁ ।**

ଭାରି ଅଭିମାନୀ। କଡ଼ା କଥା ସହ୍ୟ କରିପାରେନି। କେତେକ ଟାଣ କରି କଥା କହିଲେ ମୁହଁ ଶୁଖାଇ ବସିଯାନ୍ତି, ରୁଷିଯାନ୍ତି। ଏପରିସ୍ଥଳେ ତାଙ୍କୁ ଟିକେ ଆଦର କରି ଦି'ପଦ ମିଠାକଥା ଶୁଣାଇଦେଲେ ପୂର୍ବରାଗ, ରୁଷା, ମାନ ଅଭିମାନ ଭୁଲି ନିଜର ବା ଆପଣାର ଭାବ ଦେଖାଇ ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାପରା ଯେବେ କରିବସିବ
ପାଖରେ ଥିବ ଶାଳୀ
ନ ଦେବ ଯେବେ ଗାଳି ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥାଏ। ଶାଳୀ ହିଁ ଭିଣୋଇର ଥଟ୍ଟା ପରିହାସର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

## ମହିଳା ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

**ବଲାଙ୍ଗୀର ଅଫିସ, ୨୭।୮-** ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଗଙ୍ଗାଧରଙ୍କ ଦୃଷ୍ଟିରେ ନାରୀ ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା । ଆଲୋଚିକା ଭାବେ ବରଗଡ଼ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧାପିକା ସଂଘମିତ୍ରା ମିଶ୍ର ଯୋଗଦେଇ ଗଙ୍ଗାଧର ସାହିତ୍ୟରେ ନାରୀର ବର୍ଣ୍ଣନା, ବିଭବ ଓ ଚରିତ୍ରର ସୂକ୍ଷ୍ମଦୃଷ୍ଟି ଉପରେ କହିଥିଲେ। ସେ କହିଥିଲେ ଯେ, ମାଟି, ଜଳ, ବୃକ୍ଷ ଓ ନାରୀ ଭିତରେ ଏଭଳି ଶକ୍ତି ରହିଛି। ସେମାନେ ପାପକୁ ପୁଣ୍ୟ କରିଦେବାର ସାମର୍ଥ୍ୟ ରଖିଛନ୍ତି। ଗଙ୍ଗାଧର ସାହିତ୍ୟରେ ନାରୀର ଏହି ଅନ୍ତର୍ଦୃଷ୍ଟି ବିଦ୍ୟମାନ। ନାରୀ ଚେତନା ହିଁ ଗଙ୍ଗାଧର ସାହିତ୍ୟର ସୂକ୍ଷ୍ମ ଦୃଷ୍ଟି। ଭକ୍ତି କବିତା ଉପରେ ଆଲୋଚନା କରି କବିଙ୍କ ମହିମାଗାନ କରିଥିଲେ। ମୋବାଇଲ ସ୍କ୍ରିନ୍ ଭିତରେ ଆଜିର ପିଢ଼ି ସଂସାର ଖୋଜିଥିବା ବେଳେ ଗଙ୍ଗାଧରଙ୍କ ବିଶ୍ୱ ଦେଖ ମଧୁମୟ କବିତା କେତେ ପ୍ରାସଙ୍ଗିକ ହୋଇପଡିଛି ବୋଲି ସେ କହିଥିଲେ।

## ବିଜେଡି ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

### ୧ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ବିଜେଡି ପକ୍ଷରୁ ଆସନ୍ତା ୨ ତାରିଖରେ ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିଛନ୍ତି। କମିଟି ସଦସ୍ୟଭାବେ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ କେଶରୀ ଦେବ, ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରଣବ ପ୍ରକାଶ ଦାସଙ୍କୁ ମନୋନୀତ କରାଯାଇଛି। ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କୁ ସଂଯୋଜକ ଦାୟିତ୍ୱ ମିଳିଛି। ତେବେ ଏହି କମିଟି ପକ୍ଷରୁ ସଦସ୍ୟତା ଅଭିଯାନ ନେଇ ଗତ ସୋମବାର ଏକ ବୈଠକ ବସିଥିଲା। ସେହିପରି ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଉ ଏକ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧ ତାରିଖରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ କାର୍ଯ୍ୟକାରୀ କମିଟିର ୮୧ ସଦସ୍ୟ, ସବୁ ଜିଲା ସଭାପତି, ୩୦ ଜିଲା ପାଇଁ ନୂତନଭାବେ ଚୟନ ହୋଇଥିବା ପର୍ଯ୍ୟବେକ୍ଷକ, ସମସ୍ତ ଛାମୁଆ ସଙ୍ଗଠନର ମୁଖିଆ ଯୋଗଦେବେ। ଏହି ବୈଠକରେ କେମିତି ଦଳର ସଦସ୍ୟତା ଅଭିଯାନ ଆରମ୍ଭ ହେବ ସେନେଇ ଘୋଷଣା କରାଯିବ ବୋଲି ଜଣାପଡିଛି। ଆଜିର ବୈଠକରେ ସଦସ୍ୟତା ଅଭିଯାନର ସମସ୍ତ ସଦସ୍ୟମାନେ ଯୋଗଦେଇଥିଲେ।

## ରାଜ୍ୟ ଯୁବ କଲ୍ୟାଣ ପରିଷଦ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ବନ୍ୟାଞ୍ଚଳ ପରିଦର୍ଶନ

**ବଲାଙ୍ଗୀର ଅଫିସ, ୨୭।୮**

ରାଜ୍ୟ ଯୁବ କଲ୍ୟାଣ ପରିଷଦ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ ସୋମବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ପୁଇଁତଲା ବ୍ଲକର ଗ୍ରାମାଞ୍ଚଳ ଓ ବଲାଙ୍ଗୀର ମ୍ୟୁନିସିପାଲିଟିର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ। ବନ୍ୟା ସମୟରେ ବିଜୁଯୁବବାହିନୀ ସଦସ୍ୟମାନେ କିଭଳି ସହଯୋଗ କରିଥିଲେ ତାହାର ତଦାରଖ କରିଥିଲେ। ଯୁବବାହିନୀର ଆଗାମୀ କାର୍ଯ୍ୟପନ୍ଥା କ'ଣ ହେବ ସେନେଇ ଅପରାହ୍ନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ପୁଇଁତଲା ବ୍ଲକ ଅନ୍ତର୍ଗତ ଅଙ୍କରିଆପଦର ପଞ୍ଚାୟତର ବନ୍ୟାରେ ସର୍ବାଧିକ ପ୍ରଭାବିତ ଗ୍ରାମ ମୋତିଝରିଆ ଓ ତେଣ୍ଡିପାଲକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଯୁବବାହିନୀ ତରଫରୁ ଏହି ଗାଁରେ କିଭଳି କାମ କରାଯାଇଛି ତାହାର ତଦାରଖ କରିଥିଲେ। ପୁଇଁତଲା ଭାରପ୍ରାପ୍ତ ବିଡିଓ ଉପେନ୍ଦ୍ର ମାଝି, ଜିଲା ପରିଷଦ ସଭ୍ୟ ଶ୍ରୀପତି ବାଗ, ସରପଞ୍ଚ ବାସନ୍ତୀ ଡାଙ୍ଗ, ବିଜୁ ଯୁବବାହିନୀ ଜିଲା ସଂଯୋଜକ ରାଜେନ୍ଦ୍ର ଝାଙ୍କର, ବିଜୁ ଯୁବବାହିନୀ ରାଜ୍ୟ ତଦାରଖ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଏହାପରେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନାୟକ ବଲାଙ୍ଗୀର ମ୍ୟୁନିସିପାଲିଟିର ଡ୍ୟାମପଡ଼ା, ଚମାରପଡ଼ା ଓ ପୋଲିସ କଲୋନୀ ପଚ୍ଛପଟ ଶ୍ରୀରାମ ନଗର ଅଞ୍ଚଳର ବନ୍ୟା ପୀଡିତଙ୍କୁ ଭେଟିଥିଲେ। ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ସହ ମିଶି କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନାୟକ ଶତାଧିକ ବନ୍ୟା ପୀଡିତଙ୍କୁ ଶାଢ଼ୀ ଓ ପୋଷାକ ବଣ୍ଟନ କରିଥିଲେ । ଅପରାହ୍ନରେ ଡିଆରଡିଏ ଅଫିସ ସମ୍ମିଳନୀ କକ୍ଷରେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନାୟକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ ଓ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପିଡି ଯୁଗଳେଶ୍ୱରୀ ଦାଶ ଉପସ୍ଥିତ ଥିଲେ। କିଛିଦିନ ତଳେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟାରେ ଜିଲାର ବିଭିନ୍ନ ବ୍ଲକ୍‌ର ୪୬ଟି ଗ୍ରାମର ୪୬ ହଜାର ୫୪୨ ଜଣ ଲୋକ ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଥିଲା । ଏହି ବନ୍ୟାରେ ଜିଲାର ୫୦୪ଜଣ ବିଜୁ ଯୁବବାହିନୀ ସ୍ୱେଚ୍ଛାସେବୀ ସକ୍ରିୟ ଅଂଶଗ୍ରହଣ କରି ଲୋକଙ୍କୁ ସହାୟତା ଓ ଉଦ୍ଧାର କାର୍ଯ୍ୟ କରିଥିବା କହିଥିଲେ । ବନ୍ୟା ପୀଡିତଙ୍କୁ କିଭଳି ସବୁ ପ୍ରକାରର ସହଯୋଗ କରାଯିବ ଓ ସେମାନଙ୍କ ଜୀବନକୁ ପୁଣି ଥରେ ସ୍ୱାଭାବିକ କରାଯିବ ସେ ଦିଗରେ ଯୁବବାହିନୀ ସଦସ୍ୟା, ସଦସ୍ୟ କାମ କରିବାକୁ ପରାମର୍ଶ ଦେଇଥିଲେ।



ରାଜ୍ୟ ଯୁବ କଲ୍ୟାଣ ପରିଷଦ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ ପୁଇଁତଲା ବ୍ଲକ୍‌ରେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

## ଶ୍ରମିକ ପଞ୍ଜୀକରଣ ସମ୍ପର୍କିତ ତାଲିମ ଶିବିର

**ଖପ୍ରାଖୋଲ,୨୭।୮(ଡି.ଏନ.ଏ.)**

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ଶ୍ରମ ବିଭାଗ, ବ୍ଲକ ପ୍ରଶାସନ ଏବଂ ଲିଭୋଲିଙ୍କ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ପ୍ରବାସୀ ଶ୍ରମିକ ପଞ୍ଜୀକରଣ ସମ୍ପର୍କିତ ଏକ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାଉଣ୍ଡେଶନ ମ୍ୟାନେଜର ସୁଶିଲ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ସ୍ଥାନୀୟ ବିଡିଓ ତରଣୀ ସୁନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତାଲିମଦାତା ଭାବେ ବଲାଙ୍ଗୀର ଜିଲା ଶ୍ରମ ନୀରିକ୍ଷକ ନିରଞ୍ଜନ ଭୂୟାଁ ଯୋଗଦେଇ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ଜିପିଇଓ ସୁଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ଦାଦନ ସମସ୍ୟା ଏବଂ ସରକାରଙ୍କ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ୍ ଉପରେ ଆଲୋଚନା ହୋଇଥିଲା। ପ୍ରବାସୀ ଶ୍ରମିକମାନେ ଦେଶାନ୍ତର ଯିବାବେଳେ ନାମ ପଞ୍ଜୀକରଣ କରି ଯିବାର ବ୍ୟବସ୍ଥା ରହିଛି। ପ୍ରାଥମିକତା ଦୃଷ୍ଟିରୁ ବ୍ଲକର ଖପ୍ରାଖୋଲ, ଲାଠୋର, ଘୁନସର, ଓଡ଼ିଆପାଲି, ମହରାପଦର, ନାନ୍ଦୁପଲା, ମଟିଆଭଟା, ପଡ଼ିଆବାହାଲ, ଧଣ୍ଡାମୁଣ୍ଡା ପ୍ରମୁଖ ୧୦ଟି ପଞ୍ଚାତରେ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ଆଲୋଚନା ହୋଇଥିଲା। ଏହି ଅବସରରେ ପଞ୍ଜୀକରଣ ପୁସ୍ତିକା ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଦିଆଯିବା ସହ ଜନସଚେତନତା ସୃଷ୍ଟି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ତପନ ମେହେର, ରାହାସ ବିହାରୀ ମଲ୍ଲିକ, ଲାଠୋର ସରପଞ୍ଚ ପ୍ରବିଣ ଅଗ୍ରଓାଲ, ଘୁନସର ସରପଞ୍ଚ କପିଳ ବୁଡେକ, ଠଛସୁନ୍ଦର ନିଆଲ, ରାଘବ ପଧାନଙ୍କ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଉପସ୍ଥିତ ଥିଲେ। ଶେଷରେ ଏପିଓ ପୁଷ୍ପାଞ୍ଜଳୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।





ବୈଠକରେ ଉପସ୍ଥିତ ଅତିଥି।

ଗଣମାଧମ ଜରିଆରେ ସାହାଯ୍ ଲାଗି ଗୁହାରି କଲେ

## ଦିବ୍ୟାଙ୍ଗ ଝି'ପୁଓର ଚିନ୍‌ତାରେ ଗରିବ୍ ମା'ବାପ୍

**ଖପ୍ରାଖୋଲ,୨୭।୮ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମହରାପଦର ପଁଚେତ୍ ବାଗଝରନ ଗାଁର ଜୟନ୍ତ ବରିହା। ପରିବାର କହେଲେ ମାଏକିନା ବିମଳା, ପୁଓ ନରେନ୍ଦ୍ର(୪) ଆର ଝି' ଅମ୍ବିକା(୨)। ପୁଓ ଜନମ୍ ହେଲା ଉତାରୁ ପରିବାରରେ ଖୁସିର ମାହୋଲ ଥିଲା। ହେଲେ ପୁଓର ବଏସ୍ ବଢ଼ବାର ସଂଗେ ତାର ଶାରୀରିକ, ମାନସିକ ବିକାଶ ନାଇଁ ହେଲା। ଏନ୍‌ତା କି ସେ ଠିକ୍‌ସେ ଠିଆ ନାଇଁ ହେଇପାରବାର ଲାଗି ପରିବାର ଲୋକ୍ ଚିନ୍‌ତାରେ ପଡ଼ିଗଲେ। ସେନ୍‌ତା ଝି' ଅମ୍ବିକା ୨ ବଛର୍‌ର ହେଇଥିଲାବେଲେ ସେ ଠିଆ ହେଇ କି କଥା କହି ନାଇଁ ପାରବାର। ଇଆଡ଼େ ଜୟନ୍ତ ଝନେ ଦିନ୍ ମଜୁରିଆ ହେଇଥିଲାବେଲେ ସେଥିରୁ ସେ ଯାହା କମଉଛନ୍ ବଡ଼ା କଷ୍‌ଟେ ଦୁଇ ଛୁଆକର ଚିକିଛା କରଉଛନ୍। ଏନ୍‌ତାଥି ପରିବାର ଚଲାବାର ଜୟନ୍ତ ଲାଗି ଭିଡ଼ ପଡ଼ିଯାଉଛେ। ଇଆଡ଼େ ଡାକ୍‌ତର ଛୁଆକୁ ପୋଲିଓ ହେଇଛେ ବଲି କହୁଥିବାର ଜୟନ୍ତ କହିଛନ୍। ଏନ୍‌ତାଥି ଝି'ପୁଓର ଚିକିଛାକେ ନେଇ ମା'ବାପ୍ ଚିନ୍‌ତାରେ ପଡ଼ିଛନ୍। ଗରିବ୍ ମା'ବାପ୍ ଝି'ପୁଓକେ ସରକାରୀ ଚିକିଛା ସୁବିଧା ଯୁଗେଇ ଦେବାକେ ଗଣମାଧମ ଜରିଆରେ ଜିଲା ପରଶାସନକେ ନିବେଦନ କରିଛନ୍। ଇଆଡ଼େ ଜୟନ୍ତ ଝନେ ନିହାତି ଗରିବ୍ ଶ୍ରେଣୀର ହେଇଥିଲାବେଲେ କୁଟୁମବସିଆ ଗୁଟେ ମାଏଟ୍ କୁରିଆରେ ରହୁଛନ୍। ସେନ୍‌ତା ସରକାରୀ ସାହାଯ୍ କହେଲେ ପଁଚେତ୍‌ରୁ ମାସିକ୍ ମିଲୁଥିବାର ୫ କେ.ଜି. ଚାଉଲ। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ଇ ଘଟନା ବାବ୍‌ଦେ ଜାନିଛେଁ। ବହୁତ୍ ଜଲଦି ଦୁଇ ଛୁଆକୁ ଭତା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ଦୁଇ ଛୁଆଙ୍କ ସହ ମା' ବାପା।





## ସଂକ୍ଷେପରେ

### ବ୍ୟାଙ୍କ ଶାଖା ଉଦ୍‌ଘାଟିତ

**ଲୋଇସିଂହା,୨୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ମାହାରପାଲି ଛକଠାରେ ସୂର୍ଯ୍ୟୋଦୟ ବ୍ୟାଙ୍କର ଏକ ଶାଖା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବାଦୀମୁଣ୍ଡା ନାଏବ ସରପଞ୍ଚ କିରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଗୋନ୍ତିଆ ବିଷ୍ଣୁପ୍ରସାଦ କାଲସାଏ, ନାରାୟଣ କାଲସାଏ, ଲେକ୍କୁ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟାଙ୍କ ମ୍ୟାନେଜର ଅମର ସହାଣୀ, ସଂଯୋଜକ ସ୍ୱାଧୀନ ପୁରୋହିତ ପ୍ରମୁଖ ବ୍ୟାଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବ୍ୟାଙ୍କ ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କେଦାରନାଥ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣା: ଜଣେ ମୃତ

**ଟିଟିଲାଗଡ଼,୨୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଶଗଡ଼ଘାଟ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିଟିଲାଗଡ଼ ଟିଟିଡୁଙ୍ଗୁରୀପଡ଼ାର ସନ୍ତୋଷ ବାରିକ(୩୦)। ସୂଚନା ମୁତାବକ, ସନ୍ତୋଷ ଏକ ବାଇକ୍ ଯୋଗେ କୌଣସି କାମରେ ଧରପଗଡ଼ ଗାଁକୁ ଯାଇଥିଲେ । ସେଠାରୁ ସେ ଫେରୁଥିବା ବେଳେ ଶଗଡ଼ଘାଟ ଶିଶୁମନ୍ଦିର ସମ୍ମୁଖରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଟିଟିଲାଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ଗଣେଶ ପୂଜା, ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ

**ଦେଓଗାଁ,୨୭।୮(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝରରେ ସ୍ଥାନୀୟ ଯୁବସଂଗଠନ ପକ୍ଷରୁ ମଙ୍ଗଳବାର ଅପରାହ୍ଣରେ ଗଣେଶପୂଜା ଏବଂ ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବସଂଗଠନ ସଭାପତି ବିକାଶ କୁମାର ବିଶ୍ୱାଳଙ୍କ ସଭାପତିତ୍ୱ ତଥା ସମ୍ପାଦକ ରମେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୈଠକ ହୋଇଥିଲା। ଏଥିରେ ଗଣେଶ ପୂଜା ତଥା ନୂଆଁଖାଇ ଭେଟ୍‌ଘାଟ୍ ଉପଲକ୍ଷେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ୮୫ ଜଣିଆ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପରଝରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁମାନଙ୍କୁ ନେଇ ପାରମ୍ପରିକ ନୃତ୍ୟ ପରିବେଷଣ କରିବାକୁ ଆଲୋଚନା କରାଯାଇଥିଲା। ଆସନ୍ତା ୩ ଓ ୬ ତାରିଖରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ବୈଠକରେ ଜୟ ଶଙ୍କର ମେହେର, ଉଜ୍ଜଳ ପଧାନ, ରୋହିତ ବାରିକ, ସତ୍ୟବନ୍ତ ବେହେରା, ଆଲୋକ ପଧାନ, ବସନ୍ତ ସେଠ ପ୍ରମୁଖ ସହଯୋଗ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଜିଲା ପରିଷଦ ବୈଠକ

# ବନ୍ୟା କ୍ଷୟକ୍ଷତି ଆକଳନ ଉପରେ ଗୁରୁତ୍ୱାରୋପ

**ବଲାଙ୍ଗୀର ଅଫିସ,୨୭।୮**

ବଲାଙ୍ଗୀର ଜିଲା ପରିଷଦ ବୈଠକ ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ. ମୁକେଶ କୁମାର ମହାଲିଙ୍ଗ, ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ଜିଲାପାଳ ଅରିନ୍ଦମ ଡାକୁଆ, ଡିଆର୍‌ଡିଏ ପିଡି ଡ. ମହେଶ୍ୱର ମହାନ୍ତି, ଜିଲା ପରିଷଦ ସଦସ୍ୟା, ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସଭା ପ୍ରାରମ୍ଭରେ ଜିଲାପାଳ ଡାକୁଆ ସମସ୍ତ ସଦସ୍ୟା, ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ସଭାରେ ବେଲପଡ଼ା ବ୍ଲକ ୨୬ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଡିଆର୍‌ଡିଏ ପିଡି ଡ. ସ୍ୱାଇଁ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ଗତ ୨୬ ସେପ୍ଟେମ୍ବର ୨୦୧୮ରେ ଅନୁଷ୍ଠିତ ପରିଷଦ ବୈଠକରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ଅନୁପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା।



ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ପରିଷଦ ବୈଠକ।

ବୈଠକରେ ଜିଲା ପରିଷଦ ପାଣ୍ଠି ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ଅନୁମୋଦନ କରାଯାଇଥିଲା। କୃଷି ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରାଯାଇ କିଛିଦିନ ତଳେ ଦେଖା ଦେଇଥିବା ବନ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତି ଉପରେ ଆଲୋଚନା ହୋଇଥିଲା। ବନ୍ୟାରେ କେତେ ପରିମାଣର ଚାଷ ନଷ୍ଟ ହୋଇଛି ଓ କେତେ ପରିମାଣରେ ଜମି ବାଲିଚର ହୋଇଛି ଏହାର କ୍ଷୟକ୍ଷତି ଆକଳନ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ ୩ଟି ପୃଥକସ୍ତର କରିବାକୁ ବିଧାୟକ ମିଶ୍ର କହିଥିଲେ। ସମ୍ପୂର୍ଣ୍ଣ ନଷ୍ଟ, ଆଂଶିକ ନଷ୍ଟ ଓ ବନ୍ୟା ପ୍ରଭାବିତ ଘରଦ୍ୱାର ଆକଳନ କରାଯିବା ଉପରେ କହିଥିଲେ। ଏହାକୁ ସମସ୍ତ ସଦସ୍ୟ ସମର୍ଥନ କରିଥିଲେ। କ୍ଷୟକ୍ଷତି ଆକଳନ ବେଳେ ସମସ୍ତ ପୀଡିତଙ୍କ ପ୍ରତି ଉଦାର ହେବାକୁ ପ୍ରସ୍ତାବ ଦେଇଥିଲେ। ପରେ ୨୦୧୭-୧୮ ଫସଲ ବୀମାରାଶି ଅନିୟମିତତା ଉପରେ ଆଲୋଚନା ହୋଇଥିଲା। ଚାଷୀମାନେ ବୀମା କମ୍ପାନୀ ଦ୍ୱାରା ଠକାମିର ଶିକାର ହେଉଥିବା ସମସ୍ତ ସଦସ୍ୟ ଅଭିଯୋଗ କରିବା ସହ ଏହା ଉପରେ କଡ଼ା ଆଭିମୁଖ୍ୟ ପୋଷଣ କରିବାକୁ କହିଥିଲେ। ଚାଷୀମାନେ ଫସଲ ବୀମା ଟଙ୍କା ପାଇ ନ ଥିବା ନେଇ ମନ୍ତ୍ରୀ ସାହୁ, ବିଧାୟକ ମିଶ୍ର, ବିଧାୟକ ସାଲୁଜା, ବିଧାୟକ ମହାଲିଙ୍ଗ ଓ ବିଭିନ୍ନ ଜିଲା ପରିଷଦ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଫସଲ ବୀମା ଟଙ୍କା ପାଇ ନ ଥିବା ଚାଷୀଙ୍କ ଉପରେ ତଦନ୍ତ କରିବା ପାଇଁ ବିଡିସିସି ବ୍ୟାଙ୍କ ସମ୍ପାଦକ, ଡିଆର୍‌ସିଏସ୍, କୃଷି ଉପନିର୍ଦ୍ଦେଶକ ଓ ଲିଡବ୍ୟାଙ୍କ ମ୍ୟାନେଜର ମିଳିତ ଭାବେ ୧୦ ଦିନ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଅନୁପସ୍ଥିତ ରହିବା ଏବଂ ଯେଉଁମାନେ ବୈଠକକୁ ଆସିଥିଲେ ସେମାନେ ଜନପ୍ରତିନିଧିଙ୍କ ଠିକ୍ ଉତ୍ତର ଦେଇପାରୁ ନ ଥିବାରୁ

**ଫସଲ ବୀମା ପ୍ରାପ୍ୟ ଉପରେ ୧୦ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

ବୈଠକରେ ଏମ୍‌ପି ସିଂଦେଓ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏପରି କି ବୈଠକ ସୁଚାରୁ ରୂପେ ପରିଚାଳିତ ହେଉ ନ ଥିବା ଦର୍ଶାଇ ବିଶୃଙ୍ଖଳିତ ଭାବେ ଚାଲିଥିବା କହିଥିଲେ। କିଛିଦିନ ତଳେ ସଇଁତଲାରେ ଧରାପଡିଥିବା ୫୬୦ବସ୍ତା ସାରର ଖୋଳତାଡ କରା ନ ଯାଇ ଜବତ୍ ସାରକୁ ବିଭିନ୍ନ ପ୍ୟାକ୍ସରେ ବଣ୍ଟନ କରାଯାଇଥିବା ବିଧାୟକ ସାଲୁଜା ଅଭିଯୋଗ କରିଥିଲେ। ସାର ଅନିୟମିତତାରେ ସରକାରୀ ଦଳର ଜନ ପ୍ରତିନିଧି, ଅଫିସର ସାମିଲ ରହି ଅର୍ଥ କାରବାର ହେଉଥିବା ସୂଚନା ଦେଇଥିଲେ। ଘଟଣା ଦିନ ସାର ଗୋଦାମରେ ଆହୁରି ୬୦୦ ବସ୍ତା ସାର ମହଜୁଦ ଥିଲେ ମଧ୍ୟ ମାତ୍ର ୩୬୦ ବସ୍ତା ସାର ଜବତ୍ କରାଯାଇ ବାକି ସବୁକୁ ଖସାଇ ନିଆଯାଇଥିଲା ବୋଲି କହିଥିଲେ। ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ଆଶ୍ଚର୍ଯ୍ୟର କଥା ବୋଲି କହିଥିଲେ। ଘଟଣାର ତଦନ୍ତ କରିବାକୁ ସେ ଦାବି କରିଥିଲେ। ବିଧାୟକ ମହାଲିଙ୍ଗ ଆଗଲପୁର ଅଞ୍ଚଳରେ ଜୁଲାଇ ମାସରୁ ବଣ୍ଟନ କରାଯିବାକୁ ଥିବା ଚିନାବାଦମ ମଞ୍ଜି କେବେ ବଣ୍ଟନ କରାଯିବ ଏହାର ତଦନ୍ତ କରିବାକୁ ଡିଡିଏଙ୍କୁ କହିଥିଲେ।

ରାତ୍ରି ଭୋଜନରେ ଛାତ୍ରୀ ଅନୁପସ୍ଥିତ ଘଟଣା

## ପ୍ରଶାସନିକ ତଦନ୍ତ ଦାବି କଲେ ଗ୍ରାମବାସୀ

**ଲୋଇସିଂହା,୨୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମିସ୍ଥିତ ଆଦିବାସୀ ସେବାଶ୍ରମରେ ରବିବାର ସନ୍ଧ୍ୟାରେ ଛାତ୍ରୀ ଅନୁପସ୍ଥିତ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ସ୍କୁଲ କର୍ତ୍ତୃପକ୍ଷ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିବା ଘଟଣାକୁ ଗ୍ରାମବାସୀ ନିନ୍ଦା କରିଛନ୍ତି। ଘଟଣାର ପ୍ରଶାସନିକ ତଦନ୍ତ ଦାବି କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଦୁମଦମି ଆଦିବାସୀ ସେବାଶ୍ରମ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍କୁଲରେ ୧୯୧ଜଣ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପଢୁଛନ୍ତି। ରବିବାର ସେବାଶ୍ରମରେ ରହୁଥିବା ଜଣେ ଛାତ୍ରୀ ରାତ୍ରିଭୋଜନ ସମୟରେ ଅନୁପସ୍ଥିତ ଥିବା ସ୍କୁଲ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ପରେ ସ୍କୁଲ ପରିସରରେ ଛାତ୍ରୀଙ୍କୁ ଖୋଜା ଖୋଜି କରିଥିଲେ। ହେଲେ ଛାତ୍ରଙ୍କ କୌଣସି ପତ୍ତା ପାଇ ନ ଥିଲେ। ଏହାଜାଣି ଗ୍ରାମବାସୀ ସ୍କୁଲ ବାହାରେ ରୁଣ୍ଡ ହୋଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ସ୍କୁଲ କର୍ତ୍ତୃପକ୍ଷ ଲୋଇସିଂହା ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ସ୍କୁଲରେ ପହଞ୍ଚିଥିଲା। ହେଲେ କିଛି ସମୟ ପରେ ଛାତ୍ରୀ ଜଣକ ସେବାଶ୍ରମରେ ପହଞ୍ଚି ଥିଲେ। କେଉଁ ପରିସ୍ଥିତିରେ ଛାତ୍ରୀଜଣକ ସେବାଶ୍ରମରେ ଅନୁପସ୍ଥିତି ଥିଲେ ଘଟଣାର ତଦନ୍ତ ଦାବି ହୋଇଛି। ଏନେଇ ସୁପରିଟେଣ୍ଡେଣ୍ଟ ନୃସିଂହ ଚରଣ ପ୍ରଧାନୀଙ୍କୁ ପଚାରିବାରୁ ଘଟଣାର ଉତ୍ତର ଦେଇ ନ ଥିଲେ।

## ମହିଳା ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

**ବଲାଙ୍ଗୀର ଅଫିସ, ୨୭।୮**

ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଗଙ୍ଗାଧରଙ୍କ ଦୃଷ୍ଟିରେ ନାରୀ ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା । ଆଲୋଚିକା ଭାବେ ବରଗଡ଼ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପିକା ସଂଘମିତ୍ରା ମିଶ୍ର ଯୋଗଦେଇ ଗଙ୍ଗାଧର ସାହିତ୍ୟରେ ନାରୀର ବର୍ଣ୍ଣନା, ବିଭବ ଓ ଚରିତ୍ରର ସୂକ୍ଷ୍ମଦୃଷ୍ଟି ଉପରେ କହିଥିଲେ। ସେ କହିଥିଲେ ଯେ, ମାଟି, ଜଳ, ବୃକ୍ଷ ଓ ନାରୀ ଭିତରେ ଏଭଳି ଶକ୍ତି ରହିଛି। ସେମାନେ ପାପକୁ ପୁଣ୍ୟ କରିଦେବାର ସାମର୍ଥ୍ୟ ରଖିଛନ୍ତି। ଗଙ୍ଗାଧର ସାହିତ୍ୟରେ ନାରୀର ଏହି ଅନ୍ତର୍ଦୃଷ୍ଟି ବିଦ୍ୟମାନ। ନାରୀ ଚେତନା ହିଁ ଗଙ୍ଗାଧର ସାହିତ୍ୟର ସୂକ୍ଷ୍ମ ଦୃଷ୍ଟି। ଭକ୍ତି କବିତା ଉପରେ ଆଲୋଚନା କରି କବିଙ୍କ ମହିମାଗାନ କରିଥିଲେ। ମୋବାଇଲ ସ୍କ୍ରିନ୍ ଭିତରେ ଆଜିର ପିଢ଼ି ସଂସାର ଖୋଜିଥିବା ବେଳେ ଗଙ୍ଗାଧରଙ୍କ ବିଶ୍ୱ ଦେଖ ମଧୁମୟ କବିତା କେତେ ପ୍ରାସଙ୍ଗିକ ହୋଇପଡିଛି ବୋଲି ସେ କହିଥିଲେ। ଆଲୋଚିକା ମିଶ୍ର ତାଙ୍କ ଅଧ୍ୟୟନ ସମୟରେ କଲେଜର ସ୍ମୃତି ଛାତ୍ରୀମାନଙ୍କୁ ବାଣ୍ଟିଥିଲେ। ସମାରୋହରେ ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ସୁଷମା ମଞ୍ଜରୀ ନାୟକ ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରେ ଅଧ୍ୟାପିକା ସୁନନ୍ଦିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାରେ କଲେଜ ଛାତ୍ରୀମାନଙ୍କ ସହ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ବଲାଙ୍ଗୀର ମହିଳା ମହାବିଦ୍ୟାଳୟର ଗଙ୍ଗାଧର ଜୟନ୍ତୀରେ ଆଲୋଚିକା ବକ୍ତବ୍ୟ ରଖୁଛନ୍ତି।

ବନ୍ୟାର ୧୫ଦିନ ବିତିଲା

## ଧୋଇଯାଇଥିବା ରାସ୍ତା ମରାମତି ହୋଇନି

**ଡୁଙ୍ଗୁରିପାଲି,୨୭।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଗତ ୧୨ତାରିଖରୁ ଦୁଇ ଦିନଧରି ଲଗାଣ ବର୍ଷା ଲାଗି ରହିବାରେ ପରିସ୍ଥିତି ସଙ୍ଗୀନ ହୋଇଥିଲା। ଜୋର, ନାଳ ପାଣି ଉଚ୍ଛୁଳି ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ଏଥିଯୋଗୁ ବହୁ ସ୍ଥାନରେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଡୁଙ୍ଗୁରିପାଲି-ରାମପୁର ରାସ୍ତା ମଝିରେ ଥିବା ସାଲେପାଲି ନାଳ ପୋଲ ଉପରେ ୩ ଫୁଟ ଓ ବେହେରାମାଲ ଓ କୁଡାଡେରା ଜୋରନାଳ ଉପରେ ଚାରି ଫୁଟପାଣି ପ୍ରବାହିତ ହୋଇଥିଲା । ଫଳରେ ରାସ୍ତା ଧୋଇ ହୋଇଯାଇଛି । ଇତିମଧ୍ୟରେ ବନ୍ୟାର ୧୫ଦିନ ବିତିଗଲାଣି। ହେଲେ ଏହି ସବୁ ରାସ୍ତା ମରାମତି ହେଉନି। ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଭାଙ୍ଗିଯାଇଥିବା ରାସ୍ତାରେ ବିଭାଗ ପକ୍ଷରୁ ବାଡ଼ା ବା ସଙ୍କେତ ଦିଆଯାଇ ନ ଥିବାରୁ ପଥଚାରୀ ଧୋଇଯାଇଥିବା ରାସ୍ତାରେ ପଡି ଯିବାର ଆଶଙ୍କା ଦେଖାଦେଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ରାଜ୍ୟ ଯୁବ କଲ୍ୟାଣ ପରିଷଦ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ବନ୍ୟାଞ୍ଚଳ ପରିଦର୍ଶନ

**ବଲାଙ୍ଗୀର ଅଫିସ, ୨୭।୮**

ରାଜ୍ୟ ଯୁବ କଲ୍ୟାଣ ପରିଷଦ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ ସୋମବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ପୁଇଁତଲା ବ୍ଲକର ଗ୍ରାମାଞ୍ଚଳ ଓ ବଲାଙ୍ଗୀର ମ୍ୟୁନିସିପାଲିଟିର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ। ବନ୍ୟା ସମୟରେ ବିଜୁ ଯୁବବାହିନୀ ସଦସ୍ୟମାନେ କିଭଳି ସହଯୋଗ କରିଥିଲେ ତାହାର ତଦାରଖ କରିଥିଲେ। ଯୁବବାହିନୀର ଆଗାମୀ କାର୍ଯ୍ୟପନ୍ଥା କ'ଣ ହେବ ସେନେଇ ଅପରାହ୍ଣରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ପୁଇଁତଲା ବ୍ଲକ ଅନ୍ତର୍ଗତ ଅଙ୍କରିଆପଦର ପଞ୍ଚାୟତର ବନ୍ୟାରେ ସର୍ବାଧିକ ପ୍ରଭାବିତ ଗ୍ରାମ ମୋତିଝରିଆ ଓ ଡେଣ୍ଡିପାଲକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଯୁବବାହିନୀ ତରଫରୁ ଏହି ଗାଁରେ କିଭଳି କାମ କରାଯାଇଛି ତାହାର ତଦାରଖ କରିଥିଲେ। ପୁଇଁତଲା ଭାରପ୍ରାପ୍ତ ବିଡିଓ ଉପେନ୍ଦ୍ର ମାଝି, ଜିଲା ପରିଷଦ ସଭ୍ୟ ଶ୍ରୀପତି ବାଗ, ସରପଞ୍ଚ ବାସନ୍ତୀ ଡାଙ୍ଗ, ବିଜୁ ଯୁବବାହିନୀ ଜିଲା ସଂଯୋଜକ ରାଜେନ୍ଦ୍ର ଝାଙ୍କର, ବିଜୁ ଯୁବବାହିନୀ ରାଜ୍ୟ ତଦାରଖ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଏହାପରେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନାୟକ ବଲାଙ୍ଗୀର ମ୍ୟୁନିସିପାଲିଟିର ଡ୍ୟାମପଡା, ଚମାରପଡା ଓ ପୋଲିସ କଲୋନୀ ପଛପଟ ଶ୍ରୀରାମ ନଗର ଅଞ୍ଚଳର ବନ୍ୟା ପୀଡିତଙ୍କୁ ଭେଟିଥିଲେ। ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓଙ୍କ ସହ ମିଶି କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନାୟକ ଶତାଧିକ ବନ୍ୟା ପୀଡିତଙ୍କୁ ଶାଢ଼ୀ ଓ ପୋଷାକ ବଣ୍ଟନ କରିଥିଲେ । ଅପରାହ୍ଣରେ ଡିଆରଡିଏ ଅଫିସ ସମ୍ମିଳନୀ କକ୍ଷରେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନାୟକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ ଓ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପିଡି ଯୁଗଳେଶ୍ୱରୀ ଦାଶ ଉପସ୍ଥିତ ଥିଲେ। କିଛିଦିନ ତଳେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟାରେ ଜିଲାର ବିଭିନ୍ନ ବ୍ଲକ୍‌ର ୪୬ଟି ଗ୍ରାମର ୪୬ ହଜାର ୫୪୨ ଜଣ ଲୋକ ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଥିଲା । ଏହି ବନ୍ୟାରେ ଜିଲାର ୫୦୪ଜଣ ବିଜୁ ଯୁବବାହିନୀ ସ୍ୱେଚ୍ଛାସେବୀ ସକ୍ରିୟ ଅଂଶଗ୍ରହଣ କରି ଲୋକଙ୍କୁ ସହାୟତା ଓ ଉଦ୍ଧାର କାର୍ଯ୍ୟ କରିଥିବା କହିଥିଲେ। ବନ୍ୟା ପୀଡିତଙ୍କୁ କିଭଳି ସବୁ ପ୍ରକାରର ସହଯୋଗ କରାଯିବ ଓ ସେମାନଙ୍କ ଜୀବନକୁ ପୁଣି ଥରେ ସ୍ୱାଭାବିକ କରାଯିବ ସେ ଦିଗରେ ଯୁବବାହିନୀ ସଦସ୍ୟା, ସଦସ୍ୟ କାମ କରିବାକୁ ପରାମର୍ଶ ଦେଇଥିଲେ।



ରାଜ୍ୟ ଯୁବ କଲ୍ୟାଣ ପରିଷଦ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ ପୁଇଁତଲା ବ୍ଲକ୍‌ରେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

## ଶ୍ରମିକ ପଞ୍ଜୀକରଣ ସମ୍ପର୍କିତ ତାଲିମ ଶିବିର

**ଖପ୍ରାଖୋଲ,୨୭।୮(ଡି.ଏନ.ଏ.)**

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ଶ୍ରମ ବିଭାଗ, ବ୍ଲକ ପ୍ରଶାସନ ଏବଂ ଲିଭୋଲିଙ୍କ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ପ୍ରବାସୀ ଶ୍ରମିକ ପଞ୍ଜୀକରଣ ସମ୍ପର୍କିତ ଏକ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ମ୍ୟାନେଜର ସୁଶିଲ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ସ୍ଥାନୀୟ ବିଡିଓ ତରଣୀ ସୁନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତାଲିମଦାତା ଭାବେ ବଲାଙ୍ଗୀର ଜିଲା ଶ୍ରମ ନୀରିକ୍ଷକ ନିରଞ୍ଜନ ଭୂୟାଁ ଯୋଗଦେଇ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ଜିପିଇଓ ସୁଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ଦାଦନ ସମସ୍ୟା ଏବଂ ସରକାରଙ୍କ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ୍ ଉପରେ ଆଲୋଚନା ହୋଇଥିଲା। ପ୍ରବାସୀ ଶ୍ରମିକମାନେ ଦେଶାନ୍ତର ଯିବାବେଳେ ନାମ ପଞ୍ଜୀକରଣ କରି ଯିବାର ବ୍ୟବସ୍ଥା ରହିଛି। ପ୍ରାଥମିକତା ଦୃଷ୍ଟିରୁ ବ୍ଲକର ଖପ୍ରାଖୋଲ, ଲାଠୋର, ଘୁନସର, ଓଡ଼ିଆପାଲି, ମହରାପଦର, ନାନ୍ଦୁପଲା, ମଟିଆଭଟା, ପଡ଼ିଆବାହାଲ, ଧଣ୍ଡାମୁଣ୍ଡା ପ୍ରମୁଖ ୧୦ଟି ପଞ୍ଚାତରେ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ଆଲୋଚନା ହୋଇଥିଲା। ଏହି ଅବସରରେ ପଞ୍ଜୀକରଣ ପୁସ୍ତିକା ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଦିଆଯିବା ସହ ଜନସଚେତନତା ସୃଷ୍ଟି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ତପନ ମେହେର, ରାହାସ ବିହାରୀ ମଲ୍ଲିକ, ଲାଠୋର ସରପଞ୍ଚ ପ୍ରବିଣ ଅଗ୍ରୱାଲ, ଘୁନସର ସରପଞ୍ଚ କପିଳ ବୁଡେକ, ଠଟସୁନ୍ଦର ନିଆଲ, ରାଘବ ପଧାନଙ୍କ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଉପସ୍ଥିତ ଥିଲେ। ଶେଷରେ ଏପିଓ ପୁଷ୍ପାଞ୍ଜଳୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଉପସ୍ଥିତ ଅତିଥି।

ଗଣମାଧ୍ୟମ ଜରିଆରେ ସାହାଯ୍ ଲାଗି ଗୁହାରି କଲେ

## ଦିବ୍ୟାଙ୍ଗ ଝି'ପୁଓର ଚିନ୍‌ତାରେ ଗରିବ୍ ମା'ବାପ୍

**ଖପ୍ରାଖୋଲ,୨୭।୮ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମହରାପଦର ପଁଚେତ୍ ବାଗଝରନ ଗାଁର ଜୟନ୍ତ ବରିହା। ପରିବାର କହେଲେ ମାଏକିନା ବିମଳା, ପୁଓ ନରେନ୍ଦ୍ର(୪) ଆର ଝି' ଅମ୍ବିକା(୨)। ପୁଓ ଜନମ୍ ହେଲା ଉତାରୁ ପରିବାରରେ ଖୁସିର ମାହୋଲ ଥିଲା। ହେଲେ ପୁଓର ବଏସ୍ ବଢ଼ବାର ସଂଗେ ତାର ଶାରୀରିକ, ମାନସିକ ବିକାଶ ନାଇଁ ହେଲା। ଏନ୍‌ତା କି ସେ ଠିକ୍‌ସେ ଠିଆ ନାଇଁ ହେଇପାରବାର ଲାଗି ପରିବାର ଲୋକ୍ ଚିନ୍‌ତାରେ ପଡ଼ିଗଲେ। ସେନ୍‌ତା ଝି' ଅମ୍ବିକା ୨ ବଛର୍‌ର ହେଇଥିଲାବେଲେ ସେ ଠିଆ ହେଇ କି କଥା କହି ନାଇଁ ପାରବାର। ଇଆଡ଼େ ଜୟନ୍ତ ଝନେ ଦିନ୍ ମଜୁରିଆ ହେଇଥିଲାବେଲେ ସେଥିରୁ ସେ ଯାହା କମଉଛନ୍ ବଡ଼ା କଷ୍ଟେ ଦୁଇ ଛୁଆକର ଚିକିଛା କରଉଛନ୍। ଏନ୍‌ତାଥି ପରିବାର ଚଲାବାର ଜୟନ୍ତ ଲାଗି ଭିଡ଼ ପଡ଼ିଯାଉଛେ। ଇଆଡ଼େ ଡାକ୍‌ତର ଛୁଆକୁ ପୋଲିଓ ହେଇଛେ ବଲି କହୁଥିବାର ଜୟନ୍ତ କହିଛନ୍। ଏନ୍‌ତାଥି ଝି'ପୁଓର ଚିକିଛାକେ ନେଇ ମା'ବାପ୍ ଚିନ୍‌ତାରେ ପଡ଼ିଛନ୍। ଗରିବ୍ ମା'ବାପ୍ ଝି'ପୁଓକେ ସରକାରୀ ଚିକିଛା ସୁବିଧା ଯୁଗେଇ ଦେବାକେ ଗଣମାଧ୍ୟମ ଜରିଆରେ ଜିଲା ପରଶାସନକେ ନିବେଦନ କରିଛନ୍। ଇଆଡ଼େ ଜୟନ୍ତ ଝନେ ନିହାତି ଗରିବ୍ ଶ୍ରେଣୀର ହେଇଥିଲାବେଲେ କୁଟୁମବସିଆ ଗୁଟେ ମାଏଟ୍ କୁରିଆରେ ରହୁଛନ୍। ସେନ୍‌ତା ସରକାରୀ ସାହାଯ୍ କହେଲେ ପଁଚେତ୍‌ରୁ ମାସିକ୍ ମିଲୁଥିବାର ୫ କେ.ଜି. ଚାଉଲ। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ଇ ଘଟନା ବାବ୍‌ଦେ ଜାନିଛେଁ। ବହୁତ୍ ଜଲଦି ଦୁଇ ଛୁଆକୁ ଭତା ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।



ଦୁଇ ଛୁଆଙ୍କ ସହ ମା' ବାପା।



ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ ନାହିଁ, ଯେପରି ସୂତାରେ ଟିକିଏ ଆଂଶୁ ଥିଲେ ଛୁଞ୍ଚରେ ଗଳେନାହିଁ।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଖଡ଼ିଆଳରେ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ

**ଖଡିଆଳ,୨୭।୮(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଅଞ୍ଚଳରେ ନୂଆଁଖାଇ ପାଇଁ ଉତ୍ସବ ମୁଖର ହୋଇଛି। ନୂଆଁଖାଇ ପାଇଁ ପ୍ରଥମେ ଲଗ୍ନ, ତିଥି, ବାର, ସମୟ ନିର୍ଦ୍ଧାରଣ କରିବାକୁ ପଡିଥାଏ। ଏଥିପାଇଁ ଖଡିଆଳ ରାଜଦରବାରଠାରେ ରାଜା ଜିତାମିତ୍ର ସିଂହଦେଓଙ୍କ ନିର୍ଦ୍ଦେଶରେ ନୂଆଁଖାଇ ପାଇଁ ଲଗ୍ନ ସ୍ଥିର କରିବାକୁ ରାଜ ପୁରୋହିତ ପ୍ରଫୁଲ୍ଲ ରଥ, ଜ୍ୟୋତିଷ ସୁଦର୍ଶନ ଠାକୁର ଓ ତାରା ପ୍ରସାଦ ଆଚାର୍ଯ୍ୟ ଗଣନା କରି ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ କରିଥିଲେ। ଖଡିଆଳ ଅଞ୍ଚଳର ଲୋକମାନଙ୍କ ପାଇଁ ଆସନ୍ତା ଶୁକ୍ଲପକ୍ଷ ପଞ୍ଚମୀରେ ବିଶୁଦ୍ଧ ବୃଶ୍ଚିକ ଲଗ୍ନରେ ସାଢ଼େ ୧୦ଟା ରୁ ୧୧ ଟା ୪୫ ମିନିଟରେ ଭିତରେ ନବାନ୍ନ ଭକ୍ଷଣର ଯୋଗ ରହିଛି। ଲଗ୍ନ ସ୍ଥିର ହେବା ସମୟରେ ଖଡିଆଳ ଯୁବରାଜ ଦେବଦେବ ସିଂଦେଓ, ପ୍ରଦୀପ ସିଂଦେଓ, ଅମିତ ସିଂଦେଓ, ଚିତ୍ତରଞ୍ଜନ ମହାପାତ୍ର, ଶିବରମଣ ସିଂଦେଓ, କ୍ଷୀରପ୍ରସାଦ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନୂଆପଡା ଅଫିସ/ବୋଡେନ,୨୭।୮:** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଫରସରା ସେବାଶ୍ରମ ବିଦ୍ୟାଳୟ ଶିକ୍ଷକଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଶିକ୍ଷକ କମଳ ସିଂ ମାଝିଙ୍କୁ ଶିକ୍ଷକଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଡବ୍ଲ୍ୟୁଇଓ ହିମାଂଶୁ ଶେଖର କୁମ୍ଭାର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ସମ୍ମାନିତ ଅତିଥି ଭାବରେ ଡି.ଆଇ ଉଦୟ ସିଂ ମାଝି, ସ୍ପେସିଆଲ ଅଧିକାରୀ ସିବିଡିଏ ଭକ୍ତ ବନ୍ଧୁ ଅଗସ୍ତି, ପଞ୍ଚମପୁର ପ୍ରଧାନ ଶିକ୍ଷକ ମଦନ ସୁନ୍ଦର ହୋତା, କୈକେଡ଼ା ପ୍ରଧାନ ଶିକ୍ଷକ ସନ୍ତୋଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବୋଡେନ ବ୍ଲକ ସେବାଶ୍ରମର ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ହୃଦ୍‌ଘାତରେ ବିଶ୍ୱନାଥପୁର ମା' ହୀରାନୀଳା ଯୁକ୍ତ ୨ କଲେଜ ପିଅନଙ୍କ ମୃତ

**ଲାଞ୍ଜିଗଡ଼,୨୭।୮(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ଯୁକ୍ତ ୨ ଜୁନିୟର କଲେଜ ପିଅନ ଧନେଶ୍ୱର ପ୍ରଧାନୀ(୫୫)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। କଲେଜରେ ସକାଳ ୧୦ଟାରେ ପ୍ରଧାନୀ ଚୌକିରେ ବସିଥିବା ବେଳେ ହଠାତ୍ ଅସୁସ୍ଥ ହୋଇଥିଲେ। ଦେହ ଅସୁସ୍ଥତା ଯୋଗୁ ଚୌକିରୁ ପଡିଯିବା ବେଳେ ପାଖରେ ବସିଥିବା ଆଉ ୨ ଜଣ ପିଅନ ପ୍ରଧାନୀଙ୍କୁ ଜାବୁଡି ଧରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବିଶ୍ୱନାଥପୁର ମେଡିକାଲକୁ ନେଇଥିଲେ। ସେଠାରେ ବିଶ୍ୱନାଥପୁର ସ୍ୱାସ୍ଥ୍ୟାଧିକାରୀ ପ୍ରାଥମିକ ଚିକିତ୍ସା ପରେ ପ୍ରଧାନୀଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଶୁଣି ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝି ଡାକ୍ତରଖାନା ଯାଇ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ଡାକ୍ତର ତାଙ୍କୁ ହୃଦଘାତରେ ମୃତ୍ୟୁ ହୋଇଥିବା କହିଥିଲେ।

■ ସମୀକ୍ଷା କଲେ ଶକ୍ତି ମନ୍ତ୍ରୀ

# କାହାରିକୁ ବିଜୁଳିରୁ ବାଦ୍ ଦିଆଯିବନାହିଁ

**ନୂଆପଡା ଅଫିସ,୨୭।୮**

ନୂଆପଡା ଭଳି ଜିଲାରେ ଅର୍ଦ୍ଧାଧିକ ଅଞ୍ଚଳ ବଣପାହାଡ ଘେରା ହୋଇ ରହିଛି। ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ବିଜୁଳି ଭଳି ମୌଳିକ ସୁବିଧା ଯୋଗାଇ ଦିଆଯିବ। କାହାରିକୁ ବିଜୁଳୀ ଆଲୁଅରୁ ବଞ୍ଚିତ ରହିବାକୁ ଦିଆଯିବନାହିଁ। ସବୁଗାଁ ଗଳିକନ୍ଦିକୁ ବିଜୁଳି ଆଲୁଅ ପହଞ୍ଚିବ ବୋଲି ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ନୂଆଦିଲ୍ଲୀରୁ କଳାହାଣ୍ଡି ଗସ୍ତ ସମୟରେ ନୂଆପଡା ଦେଇ ଗସ୍ତ କରିବା ବେଳେ ସ୍ୱାଗତ ସମାରୋହରେ ଏହା କହିଥିଲେ। ସନ୍ଧ୍ୟାରେ ନୂଆପଡା ଜିଲା ଖରିଆରରୋଡ ସହରରେ ଆସି ପହଞ୍ଚିଥିଲେ। ଏଠାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ପାଛୋଟି ଆଣିଥିବାବେଳେ ସାଢେ ୫ଟାବେଳେ ନୂଆପଡା ସହରସ୍ଥିତ ଏକତା ଛକ ନିକଟରେ ସହରବାସୀ ସ୍ୱାଗତ କରିଥିଲେ। ବାଣ ରୋଶନୀ ସହ ସହର ଦୁଲୁକିପଡିଥିଲା। ଏଥିରେ ବିଜେଡି ରାଜ୍ୟ ସମ୍ପାଦକ ତଥା ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ନେତୃତ୍ୱ ନେଇଥିବାବେଳେ ସହରର ବଣିକ ସଂଘ, ଠିକାଦାର ସଂଘ ସହ ନାଗରିକ କମିଟି କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ପୁରୋହିତ, ଟୁଲୁ ପାଢୀ, ମହେଶ କୁମାର ନିଆଲ, ସୁଧୀର କୁମାର ମିଶ୍ର, ନଟରାଜ ବହିଦାର ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ସହରବାସୀଙ୍କୁ ମନ୍ତ୍ରୀ ମିଶ୍ର ଉଦ୍‌ବୋଧନ ଦେବା ପରେ ଜିଲାପାଳଙ୍କ ସଭା ଗୃହରେ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରିଥିଲେ। ଏଥିରେ ଜିଲାପାଳ ମଧୁସ୍ମିତା ସାହୁ, ଏସ୍‌ପି ବିନୀତ ଅଗ୍ରୱାଲ, ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ବିଜୁଳୀ ସମସ୍ୟା ଉପରେ ସମୀକ୍ଷା କରି କ'ଣ ସବୁ ଦରକାର ସେ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସୁନାବେଡା ଅଭୟାରଣ୍ୟରେ ଅର୍ଦ୍ଧାଧିକ ଲୋକ ବିଜୁଳି ଆଲୁଅ ଦେଖିପାରିନାହାନ୍ତି। ସେଠାରେ ତାର ସଂଯୋଗ ହୋଇଥିଲେ ମଧ୍ୟ ବିଜୁଳି ଯୋଗାଇଦିଆଯାଇ ପାରିନାହିଁ। ଏହା ଉପରେ ଅଧିକାରୀ ଏବଂ ଜିଲାପାଳଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ । ଏହା କେବେ କାର୍ଯ୍ୟକାରୀ ହେବ ଏବଂ ଏଥିସକାଶେ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ଉପରେ ସମୀକ୍ଷା କରାଯାଇଥିଲା।



ଏକତା ଛକ ନିକଟରେ ସ୍ୱାଗତ ବେଳେ ସହରବାସୀଙ୍କ ସହ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ।

■ ଗଣମାଧ୍ୟମ ସହ ସୌଜନ୍ୟ ସାକ୍ଷାତ

# ଶୃଙ୍ଖଳିତ ଜିଲା ଭାବେ ଗଢ଼ି ତୋଳିବା

**ଆଭିମୁଖ୍ୟ ପ୍ରକାଶ କଲେ ଏସ୍‌ପି**

**ନୂଆପଡା ଅଫିସ,୨୭।୮**

ନୂଆପଡା ଏକ ଉପାନ୍ତ ତଥା ଛତିଶଗଡ ସୀମାନ୍ତବର୍ତ୍ତୀ ଜିଲା। ଏଠାରେ ମାଓବାଦୀ, ଦାଦନ ଭଳି ସମସ୍ୟା ରହିଥିବାବେଳେ ଲୋକଙ୍କ ସାଧାରଣ ଜୀବନ ଶୈଳି ନିଆରା। ଏହାକୁ ଏକ ଶୃଙ୍ଖଳିତ ଜିଲା ଭାବେ ଗଠନ କରାଯିବ। ଏଥିପାଇଁ ପୋଲିସ ଲୋକଙ୍କ ନିକଟତର ହୋଇ କାମ କରିବ ବୋଲି ନୂତନ ଭାବେ ଯୋଗଦେଇଥିବା ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରି ଆଲୋଚନା ବେଳେ ନିଜର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଏସ୍‌ପି ସ୍ମିତ ପରମାରଙ୍କ ବଦଳି ପରେ ୨୦୧୬ ବ୍ୟାଚ ଆଇପିଏସ ବିନୀତ ଅଗ୍ରୱାଲ ଏଠାରେ ଯୋଗ ଦେଇଛନ୍ତି । ତାଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ସମସ୍ୟାଗୁଡିକ ଉପରେ ସମ୍ୟକ ଧାରଣା ଦେଇଥିଲେ। ମାଓବାଦୀ ଅଧ୍ୟୁଷିତ ଜିଲା ଭାବେ ଏଠିକାର ଲୋକଙ୍କୁ ଉପଯୁକ୍ତ ନ୍ୟାୟ ଦେବାର ଆବଶ୍ୟକତା ରହିଛି। ଏଠିକାର ଟ୍ରାଫିକ ସମସ୍ୟା, ଅପରାଧ ନିୟନ୍ତ୍ରଣ, ମହିଳାଙ୍କୁ ନ୍ୟାୟ ସମ୍ପର୍କୀତ ମାମଲା ଉପରେ ବିଶେଷ ଧ୍ୟାନ ଦିଆଯିବ। ସର୍ବୋପରି ଏହାକୁ ଏକ ସୁସଙ୍ଗଠିତ ଏବଂ ଶୃଙ୍ଖଳିତ ଜିଲା ଭାବେ ଗଠନ କରାଯିବାକୁ ସମସ୍ତଙ୍କ ଉଦ୍ୟମ ଦରକାର ବୋଲି କହିଥିଲେ। ସାକ୍ଷାତକାର ସମୟରେ ସ୍ଥାନୀୟ ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ ମଧ୍ୟ ଉପସ୍ଥିତ ଥିଲେ।



ଏସ୍‌ପି ବିନୀତ ଅଗ୍ରୱାଲ ।

## ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

**କୋମନା,୨୭।୮(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ପେଣ୍ଡରାବନ୍ଦ ଗ୍ରାମପଞ୍ଚାୟତ ଚାନ୍ଦୋପଲା ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, କୋମନା ବ୍ଲକ କାର୍ଯ୍ୟାଳୟଠାରୁ ୧୫ କି.ମି. ଦୂରରେ ଉପାନ୍ତରେ ଅବସ୍ଥିତ ଚାନ୍ଦୋପଲା ଗାଁ। ଏହି ଗାଁରେ ୭ଟି ପଡା ଥିବା ବେଳେ ଏଠାରେ ଆଦିବାସୀ, ହରିଜନ, ପହରିଆ, ଶବର ସମେତ ବିଭିନ୍ନ ସମ୍ପ୍ରଦାୟର ୩ ହଜାର ଲୋକ ବାସ କରନ୍ତି। ଏମାନଙ୍କ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବାରୁ ବିଭିନ୍ନ ସମୟରେ ଲୋକେ ଅସୁବିଧା ଭୋଗ କରୁଛନ୍ତି। ଗାଁରୁ ୫ କି.ମି. ଦୂର ୩୫୩ ନଂ. ଜାତୀୟ ରାଜପଥ ସାନ ମହେଶ୍ୱରକୁ ଯିବାକୁ ହେଲେ କାଦୁଅ ପଚପଚ, ଖାଲଢିପ, ଗର୍ତ୍ତ ରାସ୍ତାରେ ଯିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। କୌଣସି ପ୍ରସୂତି ମହିଳା ତଥା ରୋଗୀଙ୍କୁ ଆବଶ୍ୟକସ୍ଥଳେ ଡାକ୍ତରଖାନାକୁ ନେବାକୁ ହେଲେ ଆମ୍ବୁଲାନ୍ସ ମଧ୍ୟ ଗାଁକୁ ଆସିପାରୁ ନ ଥିବାରୁ ନାହିଁ ନ ଥିବା ଅସୁବିଧା ସମ୍ମୁଖିନ ହେବାକୁ ପଡୁଛି। ଏ ନେଇ ଗ୍ରାମବାସୀ ଅନେକ ଥର ସରପଞ୍ଚ, ବିଡିଓ, ଜିଲା ପ୍ରସାସନ ତଥା ବିଭିନ୍ନ ରାଜନେତାଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



ଚାନ୍ଦୋପଲା ଗାଁକୁ ଯାଇଥିବା ରାସ୍ତା ।

## ଭବାନୀପାଟଣା ମହାବିଦ୍ୟାଳୟ ସହବନ୍ଧିତ ବିଶ୍ୱବିଦ୍ୟାଳୟ ଘୋଷଣାକୁ ସ୍ୱାଗତ

**ଭବାନୀପାଟଣା,୨୭।୮(ଡି.ଏନ.ଏ.)**

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱାବିଦ୍ୟାଳୟରେ ପରିଣତ କରିବାକୁ ଘୋଷଣା କରିଥିଲେ । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଭବାନୀପାଟଣା କଲେଜକୁ ସହବନ୍ଧିତ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତ ସରିଛି ଏବଂ ଏହି ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଲେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବା ବୋଲି ଘୋଷଣା କରିଥିଲେ । ଆସନ୍ତା ୨୦୨୦-୨୧ ଶିକ୍ଷା ବର୍ଷରୁ ଭବାନୀପାଟଣା ଏକ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ହେବ ଏବଂ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଘୋଷଣା କରିଥିଲେ। ଏହାକୁ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ସ୍ୱାଗତ କରିଛି । ଏହାକୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପୂରଣ କରିଥିବାରୁ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସାହୁ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ଅଧକ୍ଷ ପ୍ରଫେସର ଗୋପବନ୍ଧୁ ବେହେରା ଧନ୍ୟବାଦ ଜଣାଇଛନ୍ତି ।



କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ସହ ଏମ୍‌ପି ବସନ୍ତ ପଣ୍ଡା ।

## ୧୨୦ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

**କୋମନା,୨୭।୮(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଝଗ୍ରାହୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୋମନା ବିଡିଓ ଶ୍ୟାମଳ ରୟ ଅଧ୍ୟକ୍ଷତା କରିଥିଲେ। ଏଥିରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ୧୨୦ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ କାର୍ଯ୍ୟାଦେଶ ଓ ୩୦ ଜଣ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ବିତରଣ କରିଥିଲେ। ସେହିଭଳି କାଣ୍ଡେତରା ଗ୍ରାମପଞ୍ଚାୟତରେ ୫୦ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ସହିତ କାଣ୍ଡେତରା ସମବାୟ ସମିତି ଗୋଦାମ ଗୃହ ଉଦ୍‌ଘାଟନ କରିଥିଲେ। ତତପଶ୍ଚାତ ସମରସିଂଙ୍ଗ ଗ୍ରାମପଞ୍ଚାୟତରେ ଏମ.ପି ପଣ୍ଡା ୫୦ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଗୁଡିକରେ ଢୋର୍ଲାମୁଣ୍ଡା ସରପଞ୍ଚ ସାନ ମହାନନ୍ଦ, ଝଗ୍ରାହୀ ସରପଞ୍ଚ ଭରତ ମାଝି, କାଣ୍ଡେତରା ସରପଞ୍ଚ ସନ୍ତରାମ ସାହୁଙ୍କ ସମେତ କାର୍ଯ୍ୟକର୍ତ୍ତା ମନିଜର ଆର୍ଯ୍ୟ, ଚୋକ ଦାସ, ସହଦେବ ପ୍ରଧାନ, ଫୁଲେଶ୍ୱର ଭୋଇ, ତାତୁରାମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏମପି ତରବୋଡସ୍ଥିତ ନବୋଦୟ ବିଦ୍ୟାଳୟ ପରିଦର୍ଶନ କରି ଅଧ୍ୟକ୍ଷାଙ୍କ ସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଫେରିଥିଲେ।

## ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଉଦ୍‌ଘାଟନ

**ନୂଆପଡା ଅଫିସ/ବୋଡେନ,୨୭।୮:**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ସେବାଶ୍ରମ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ଜିଲାପାଳ ମଧୁସ୍ମିତା ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ ବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥା ଉପରେ ଦେଖି ବୁଝିଥିଲେ। ପରିସର ମଧ୍ୟରେ ଛାତ୍ରୀଛାତ୍ରମାନଙ୍କ ସମସ୍ୟାଗୁଡ଼ିକ ଅନୁଧାନ କରିଥିଲେ। ଏହି ଅବସରରେ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ବୋଡ଼େନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ଡବ୍ଲ୍ୟୁଇଓ ହିମାଂଶୁ ଶେଖର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଧୋବେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ୟାମ କୁମାର ଦଣ୍ଡସେନାଙ୍କ ପରିଚାଳିତରେ ହୋଇଥିବା ବେଳେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।



ଜିଲାପାଳ ନୂତନ ହଷ୍ଟେଲ ଗୃହ ଉଦଘାଟନ କରୁଛନ୍ତି।

## ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ ଶିବିର

**ଭବାନୀପାଟଣା,୨୭।୮(ଡି.ଏନ.ଏ.)**

ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବ୍ୟାଙ୍କ ଅଫ୍ ବରୋଦା ମିଳିତ ଉଦ୍ୟମରେ ମହାବିଦ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଅନେକ ବ୍ୟକ୍ତି ଓ ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରି ରକ୍ତ ଭଣ୍ଡାରକୁ ଦାନ କରାଯାଇଥିଲା। ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ପିସି ଦଳେଇ, ଅଧ୍ୟାପକ ଜୟଦେବ ସାହୁ ଓ ପଲ୍ଲୀଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଡା. ଅମଳନ କେଶରୀ ନାଏକ, ଡା. ଯୁଧିଷ୍ଠିର ପାତ୍ର ଉପସ୍ଥିତ ରହି ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ଆଖି ଓ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସିନିୟର ବ୍ରାଞ୍ଚ ମ୍ୟାନେଜର ବ୍ୟାଙ୍କ ଅଫ୍ ବରୋଦା ଅମିତ ସାହୁ, ବିରେନ୍ଦ୍ର କୁମାର ମିଶ୍ର, ମେକ୍ସ ବୋପା ହେଲଥ୍ ଇନ୍‌ସୁରେନସ୍ କମ୍ପାନୀ ମନୋରଞ୍ଜନ ଦାସ, ମହାବିଦ୍ୟାଳୟ କେଣ୍ଟିନ ଦାୟିତ୍ୱ ନିର୍ବାହ କରୁଥିବା ବାବା ଅଲ୍ଲୀଖାନ୍ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

■ ଗାଁରେ ପହଞ୍ଚିପାରିଲାନି ମହାପ୍ରୟାଣ ଗାଡ଼ି

# ୫ କି.ମି. ମୃତଦେହ ବୋହିଲେ ଗାଁ ଲୋକେ

**ଭବାନୀପାଟଣା/ମୋହନଗିରି, ୨୭।୮(ଡି.ଏନ.ଏ.)**

ଘାଟି ଓ ଖରାପ ରାସ୍ତା ଯୋଗୁ ମହାପ୍ରୟାଣ ଗାଡି ଗାଁରେ ପହଞ୍ଚି ନ ପାରିବାରୁ ୫ କି.ମି. ଯାଏ ମୃତଦେହକୁ ଖଟିଆରେ ବୋହି ନିଆଯାଇଛି । କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଦେଡସୁଲି ପଞ୍ଚାୟତ ଅନ୍ତର୍ଗତ ବାଗବିଲା ଗାଁରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ ମୋହନଗିରିଠାରୁ ୮ କି.ମି. ଦୂର ପାହାଡ ଉପରେ ଥିବା ବାଗବିଲା ଗ୍ରାମର ଗୋବିନ୍ଦ ମାଝିଙ୍କ ସ୍ତ୍ରୀ ଜେମନ୍ତି ରବିବାର ସକାଳୁ ଚାଷ ଜମିକୁ ଧାନ ରୋଇବାକୁ ଯାଉଥିବା ବେଳେ ଜମିରେ ଥିବା ଏକ ଘାଇରେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ସେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ମୋହନଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାହାରକୁ ନେଇ ଚିକିତ୍ସା କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ପରେ ପରିବାରବର୍ଗ ତାଙ୍କୁ ବଲାଙ୍ଗୀର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ଏକ ମହାପ୍ରୟାଣ ଗାଡିରେ ବଲାଙ୍ଗୀରରୁ ଆଣି ମୋହନଗିରିଠାରୁ ୪ କି.ମି. ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଘାଟି ଓ ରାସ୍ତା ଖରାପ ଯୋଗୁ ଗାଡି ଆଗକୁ ଯାଇ ନ ପାରିବାରୁ ଅଧାବାଟରେ ଛାଡି ଦେଇ ଆସିଥିଲେ। ଗାଁ ଲୋକେ ତାଙ୍କୁ ସେଠାରୁ ବୋହି ନେଇ ଶବ ଶତ୍କାର କରିଥିଲେ। ସୂଚନାଯୋଗ୍ୟ ଯେ, ମୋହନଗିରି ଅଞ୍ଚଳର ପାହାଡ ଉପରେ ଏପରି ଅନେକ ଗାଁ ରହିଛି ଯେଉଁଠିକି ସ୍ଥାୟୀ ରାସ୍ତା ଅଦ୍ୟବଧି ହୋଇପାରିନାହିଁ। ଫଳରେ ସ୍ଥାନୀୟ ଲୋକେ ଏହଭିଳି ଅସୁବିଧା ସମ୍ମୁଖୀନ ହେଉଛନ୍ତି ।



ଅଧାବାଟରୁ ଲୋକେ ମୃତଦେହକୁ ଖଟିଆରେ ବୋହି ନେଉଛନ୍ତି ।



ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମର୍‌ସନ



## ସଂକ୍ଷେପରେ

### ନୂଆଁଖାଇ ଭେଟ ପ୍ରସ୍ତୁତି ବୈଠକ

ରିଷିଡା, ୨୭।୮ (ଡି.ଏନ.ଏ.): କର୍ଲାମୁଣ୍ଡା ବ୍ଲକ ତେରେସିଂହା ମା' ମାଣିକେଶ୍ୱରୀ ଯୁବ କଳା ଅନୁଷ୍ଠାନ ତରଫରୁ ନୂଆଁଖାଇ ଭେଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଶ୍ୱମ୍ଭର ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ରୋହିତ ରଣା, ମନୁ ରଣା, ଅଚ୍ୟୁତ ରଣା, ବୁଲୁ ରଣା ପ୍ରମୁଖ ଉପସ୍ଥିତ ଥିଲେ । ନୂଆଁଖାଇ ଭେଟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

### ୭ମ ଆର୍ଥିକ ଗଣନା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭବାନୀପାଟଣା, ୨୭।୮ (ଡି.ଏନ.ଏ.): ଭବାନୀପାଟଣା ଜିଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସପ୍ତମ ଆର୍ଥିକ ଗଣନା କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ମୋବାଇଲ ଆପ୍ଲିକେସନ ଜରିଆରେ ଆର୍ଥିକ ଗଣନାର ସମସ୍ତ ସର୍ଭେ, କମନ ସର୍ଭିସ ସେଣ୍ଟର ଦ୍ୱାରା ନିୟୋଜିତ ହୋଇଥିବା ଏନୁମିରେଟର୍ସମାନଙ୍କ ଦ୍ୱାରା ପରିଚାଳିତ ହେବ । ସିଏସସି ପରିଚାଳକମାନେ ସୁପରଭାଇଜର ଭୂମିକା ନିର୍ବାହ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଜନା ଓ ସମୀକ୍ଷା ଡେପୁଟି ଡାଇରେକ୍ଟର ବିଜୟ ତ୍ରିପାଠୀ, ଏସଏସଓ ଦିଲୀପ ମିଶ୍ର, ପ୍ରକାଶ ରାଉତ, ସିଏସସି ଜିଲା ମ୍ୟାନେଜର ସୁରଥ ସାହୁଙ୍କ ସମେତ ସୁପରଭାଇଜର ଓ ଏନୁମିରେଟର୍ସମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବସଷ୍ଟାଣ୍ଡ ଯାଏ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

■ ହାତୀ ନଦୀକୂଳିଆ ଗ୍ରାମବାସୀଙ୍କ ଦୁଃଖ ବଢୁଛି

# ଆଡ଼ିବନ୍ଧ ନିର୍ମାଣ ହିଁ ସ୍ଥାୟୀ ସମାଧାନର ଏକମାତ୍ର ବିକଳ୍ପ

ସଞ୍ଜୀବ କୁମାର ଯୋଷୀ
ଭବାନୀପାଟଣା, ୨୭।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଦେଇ ପ୍ରବାହିତ ହେଉଛି ହାତୀ ନଦୀ। ଏଣୁ ଲଘୁଚାପ ଓ ବର୍ଷା ହେବା ସୂଚନା ପାଇ ଭୟଭୀତ ହୋଇପଡିଛନ୍ତି ଅଞ୍ଚଳବାସୀ। ପ୍ରତିବର୍ଷ ବର୍ଷା ଦିନେ ହାତୀ ନଦୀ ବଢିପାଣି ଗାଁ ଭିତରକୁ ପଶି ଘରଦ୍ୱାରା ଭଙ୍ଗାରୁଜା କରିଥାଏ। ଲଘୁଚାପଜନିତ ବର୍ଷା ଲାଗି ରହିଲେ ଗ୍ରାମବାସୀଙ୍କ ନିଦ ହଜିଯାଏ। ଏହା କେବଳ ବାଲିଛଡା ଗ୍ରାମର ଦୁଃଖ ନୁହେଁ। ଗତ ଦୁଇ ଦଶନ୍ଧି ଧରି ହାତୀ ନଦୀ କୂଳରେ ଥିବା କଲମପୁର ବ୍ଲକ ଟେମରା, ଖଙ୍ଗାରଗୁଡା, ବିରିପୁର, ମାଟିଖାଲ, ଜାମପଡା, କର୍ମେଲ, ବାଲିଛଡା, ବଙ୍କାପଲା, ରସତୁମେର ଓ ସାନକୁଟ୍ଟ ଆଦି ୧୦ଟି ଗ୍ରାମର ଗ୍ରାମବାସୀ ଏଭଳି ଭୟ ଓ ଆଶଙ୍କା ମଧ୍ୟରେ ରହୁଛନ୍ତି। ଗତ ଦୁଇ ଦଶନ୍ଧିରେ ହାତୀ ନଦୀ କୂଳରେ ଥିବା ବାଲିଛଡା ଗାଁର ୫ ଏକର, ବିରିପୁର, ଗାଁର ୫ ଏକର, ଖଙ୍ଗାରଗୁଡା ଗାଁର ୨ ଏକର, କେରମେଲି ଗାଁର ୪ ଏକର ଜମି ସମେତ ନଦୀକୂଳିଆ ଗାଁର ପ୍ରାୟ ୫୦ ଏକର ଜମି ହାତୀ ନଦୀରେ ଲିନ ହୋଇ ସାରିଲାଣି। ଗତବର୍ଷ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ହାତୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷତି ଘଟାଇଥିଲା। ହାତୀ ନଦୀ କୂଳରେ ଆଡିବନ୍ଧ ନିର୍ମାଣ ହିଁ ଏହି ସମସ୍ୟା ସ୍ଥାୟୀ ସମାଧାନର ଏକମାତ୍ର ବିକଳ୍ପ। ୨୦୧୦ରେ ହାତୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏହା ପରେ ହାତୀ ନଦୀ କୂଳରେ ଆଡିବନ୍ଧ ନିର୍ମାଣ ପାଇଁ ସରକାର ୧ କୋଟି ୪୬ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ସେଥିପାଇଁ



ହାତୀନଦୀ କୂଳ ଖାଉଥିବା ଗାଁ ।

ଟେଣ୍ଡର ହୋଇଥିଲା। ଟେଣ୍ଡର ପାଇଥିବା ଠିକା ସଂସ୍ଥା ନିର୍ଦ୍ଧାରିତ ସମୟରେ ଆଡିବନ୍ଧ ନିର୍ମାଣ ଆରମ୍ଭ କଲେନାହିଁ । ରାଜ୍ୟ ସରକାର ଦ୍ୱିତୀୟ ଥର ପାଇଁ ଟେଣ୍ଡର ଆହ୍ୱାନ କରିବାରୁ ସମ୍ପୃକ୍ତ ଠିକା ସଂସ୍ଥା ହାଇକୋର୍ଟରେ ମାମଲା ରୁଜୁ କଲା। ଏବେ ଏହା ହାଇକୋର୍ଟରେ ବିଚାରାଧୀନ। ଫଳରେ ଅର୍ଥ ମଞ୍ଜୁରୀ ସତ୍ତ୍ୱେ ଆଡିବନ୍ଧ ନିର୍ମାଣ ହୋଇପାରୁନାହିଁ। ପ୍ରତିବର୍ଷ ଫ୍ଲାସ ଫ୍ଲଡରେ ଲୋକେ ଜର୍ଜରିତ ହୋଇ ଗାଁ ଛାଡିବାକୁ ବସିଲେଣି। ଇନ୍ଦ୍ରାବତୀ ପ୍ରକଳ୍ପ ଯୋଗୁ ହାତୀନଦୀରେ ବନ୍ୟା ସୃଷ୍ଟି ହେଉଛି। ଏହାର ନିରାକରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କ'ଣ ପଦକ୍ଷେପ ନେଇଛନ୍ତି ତାହା ଜାଣିବା ପାଇଁ ଏଚ୍‌ପିସି ମହାପ୍ରବନ୍ଧକ ଆଶିଷ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଓଏଚ୍‌ପିସି ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ କରିଥାଏ। ନଦୀ ବନ୍ଧରେ ପଥର ପ୍ୟାଚିଂ କାମ ଜଳସେଚନ ବିଭାଗ କରିଥାଏ । ହାତୀ ନଦୀରେ ବନ୍ଧ ବାନ୍ଧିବା କିମ୍ବା ପଥର ପ୍ୟାଚିଂ ବାବଦକୁ ଓଏଚ୍‌ପିସି

## ଲଘୁଚାପ, ବର୍ଷା ନାଁ ଶୁଣିଲେ ଭୟଭୀତ ହୋଇପଡନ୍ତି

ପକ୍ଷରୁ କୌଣସି ଅର୍ଥ ଦିଆଯାଇ ନାହିଁ। ନଦୀର ସୁରକ୍ଷା ବ୍ୟବସ୍ଥା ଜଳସେଚନ ବିଭାଗ ପଦକ୍ଷେପ ନେବ। ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାଶଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ନଦୀବନ୍ଧ ନିର୍ମାଣ ପାଇଁ ଦାନ ସୂତ୍ରରୁ ଜମି ଦେଲେ ଯାଇ ଏହି ନଦୀବନ୍ଧ ନିର୍ମାଣ କାମ ହୋଇପାରିବ। ହାତୀ ନଦୀର କୂଳରେ ଥିବା ଗାଁଗୁଡିକର ସମସ୍ୟା ସମାଧାନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କେତେକ ସ୍ଥାନରେ ପଥର ପ୍ୟାଚିଂ କରାଯାଇଛି । ବର୍ତ୍ତମାନ ମାଟିଖାଲଠାରେ ପଥର ପ୍ୟାଚିଂ ପାଇଁ ୧ କୋଟି ୭୦ ଲକ୍ଷ, ବଙ୍କାପଲାଠାରେ ୭୨ ଲକ୍ଷ, ଟେମରାଠାରେ ୯୫ ଲକ୍ଷ ଓ ଖଣ୍ଡି ଡଗ୍ରିଗୁଡାଠାରେ ୧ କୋଟି ୮୪ ଲକ୍ଷ ଟଙ୍କାର ପ୍ରସ୍ତାବ ଟେକ୍ନିକାଲ ଆଡଭାଇଜାରି କମିଟି ଓ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଅନୁମୋଦନ ମିଳି ସାରିଛି । ଅନୁଦାନ ଅର୍ଥ ଆସିଲେ ଏହି ସବୁ କାମ କରାଯିବ ବୋଲି ସେ କହିଛନ୍ତି।

## ସେମାନେ ଯାହା କୁହନ୍ତି...



"ହାତୀ ନଦୀ କୂଳିଆ ଗାଁଗୁଡ଼ିକରେ ଦେଖାଯାଉଥିବା ବନ୍ୟା ସମ୍ପର୍କରେ ତଦନ୍ତ କରି ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟରତ ଓଏଚ୍‌ପିସି କର୍ତ୍ତୃପକ୍ଷଙ୍କୁ ବର୍ଷା ଋତୁରେ ପ୍ରତିଦିନ ଜଳଭଣ୍ଡାରର ଜଳସ୍ତର ଓ ବିଦ୍ୟୁତ୍ ଉତ୍ପାଦନ ସମ୍ପର୍କରେ ତଥ୍ୟ ଜିଲା ପ୍ରଶାସନକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଓଏଚପିସି କର୍ତ୍ତୃପକ୍ଷ ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀ ଓ କୃଷି ଉପନିର୍ଦ୍ଦେଶକଙ୍କୁ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଉଛି ।

**ଡ. ଗାଭାଲି ପରାଗ ହର୍ଷଦ, ଜିଲାପାଳ, କଳାହାଣ୍ଡି ।**



"ଏକଦା ହାତୀ ନଦୀ ଶୁଷ୍କ ଥିଲା । କେବଳ ବର୍ଷାଦିନେ ୪ ମାସ ହାତୀ ନଦୀରେ ପାଣି ପ୍ରବାହିତ ହେଉଥିଲା। ୧୯୯୯ରେ କଳାହାଣ୍ଡି ଜିଲାରେ ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପ କାର୍ଯ୍ୟକାରୀ ହେଲା। ଏବେ ଇନ୍ଦ୍ରାବତୀ ପାଲଟିଛି କଳାହାଣ୍ଡିର ଜୀବନ ରେଖା। ଅପରପକ୍ଷେ ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ଦ୍ୱାରା ଉଦ୍‌ବୃତ୍ତ ପାଣିକୁ ମଙ୍ଗଳପୁର ବ୍ୟାରେଜରେ ଛଡାଯାଉଛି । ସେହି ପାଣିରେ ଫୁଲିଯାଏ ହାତୀ ନଦୀ । ଜିଲା ପ୍ରଶାସନ, ଇନ୍ଦ୍ରାବତୀ କର୍ତ୍ତୃପକ୍ଷ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରତିବର୍ଷ ହାତୀ ନଦୀର ବନ୍ୟା ପ୍ରଳୟଙ୍କରୀ ରୂପ ଧାରଣ କରି ବ୍ୟାପକ କ୍ଷତି ସାଧନ କରିଥାଏ। ଏଣୁ ହାତୀ ନଦୀର ବନ୍ୟା କେତେକାଂଶରେ ମନୁଷ୍ୟକୃତ ବୋଲି କୁହାଯାଇପାରେ ।

**ବିକାଶ ବେହେରା, ଗ୍ରାମବାସୀ, ବାଲିଛଡା ।**



"ଇନ୍ଦ୍ରାବତୀ ଯୋଗୁ ହାତୀ ନଦୀରେ ଆସୁଥିବା ବନ୍ୟା ଆମ ଗାଁର ଦୁଃଖର କାରଣ ପାଲଟିଛି । ନଦୀର ଉଭୟ ପାର୍ଶ୍ୱରେ କୂଳ ଖାଉଛି । ସ୍ଥାନେ ସ୍ଥାନେ ନଦୀର ଗତି ପଥ ବଦଳି ଯାଇଛି । ହାତୀ ନଦୀ ଯୋଗୁ ମୋ ଜମିର ପ୍ରାୟ ୧୫ ମିଟର ଭିତରକୁ ନଦୀ ପଶିଯାଇ ବ୍ୟାପକ କ୍ଷତି ଘଟାଇଛି । ବର୍ଷା ଋତୁରେ କେତେ ବେଳେ ବନ୍ୟା ଜଳ ଗାଁ ଭିତରକୁ ମାଡି ଆସିବ ସେହି ଭୟରେ ଗ୍ରାମବାସୀ ସବୁବେଳେ ଆଶଙ୍କା ଭିରରେ ଜୀବନ ବିତାଉଛନ୍ତି । ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସରକାରଙ୍କୁ ଅନୁରୋଧ କରୁଛି ।

**ଗଜିନ୍ଦ୍ର ବିହାର, ସମିତି ସଭ୍ୟ, ବାଲିଛଡା ।**



"୨୦୧୦ରୁ ବାଲିଛଡା ଗାଁରେ ହାତୀ ନଦୀ କୂଳରେ ଆଡିବନ୍ଧ ନିର୍ମାଣ ପାଇଁ ମଞ୍ଜୁର ହୋଇଥିବ ପ୍ରାୟ ୨ କୋଟି ଟଙ୍କା ଏଯାଏ ଖର୍ଚ୍ଚ ହୋଇପାରି ନାହିଁ । ରାଜ୍ୟ ସରକାର ତୁରନ୍ତ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକତା ରହିଛି ।

**ଶଙ୍କର୍ଷଣ ବେହେରା, ଗ୍ରାମବାସୀ, ବାଲିଛଡା ।**



ସଲଣ୍ଡିଆମୁଣ୍ଡା ଧରଣୀ ପୀଠରେ ଗାଁର ଝାଙ୍କର ପୂଜାର୍ଚ୍ଚନା କରୁଛନ୍ତି ।

## ନୂଆଁଖାଇ ପୂର୍ବରୁ ଦେବୀଦେବ ଉପାସନା

ରିଷିଡା, ୨୭।୮ (ଡି.ଏନ.ଏ.)

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଆଉ ୬ ଦିନ ରହିଲା। ନୂଆଁଖାଇ ପର୍ବ ପାଳନ କରିବା ପାଇଁ ଏବେଠୁ ଲୋକେ ନିଜକୁ ପ୍ରସ୍ତୁତ ଆରମ୍ଭ କରିଦେଇଥିବା ବେଳେ ବିଭିନ୍ନ ଗ୍ରାମରେ ଗ୍ରାମ ଦେବୀଦେବଙ୍କ ଉପାସନା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରିଷିଡା କନ୍ଧପଡା ଓ ସଲଣ୍ଡିଆ ମୁଣ୍ଡାର ଧରଣୀ ପୀଠରେ ନୂଆଁଖାଇ ପୂର୍ବ ରୋଗୀ ବଟା ପର୍ବ ପାଳନ କରାଯାଇଛି। ରୋଗୀ ବଟା ପର୍ବ ଏକ ନିଆରା ପାରମ୍ପାରିକ ପର୍ବ। ନୂଆଁଖାଇ ପୂର୍ବରୁ ପଡୁଥିବା ମଙ୍ଗଳବାର ଏହା ପାଳନ କରାଯାଏ। ଏଥିରେ ଗ୍ରାମବାସୀଙ୍କୁ ରୋଗରୁ ମୁକ୍ତି କରିବା ନିମନ୍ତେ ଧରଣୀ ମା'ଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ। ଗାଁ ଗାଁ ବୁଲି ଧୂପ, ଫୁଲ, ଅରୁଆ ଚାଉଳ ସଂଗ୍ରହ କରାଯାଇ ପୀଠ ସ୍ଥଳରେ ଗାଁର ଝାଙ୍କର (ପୂଜାରୀ)ମାନେ ପୂଜାର୍ଚ୍ଚନା କରିଥାନ୍ତି। ଏଥିରେ ଗଞ୍ଜା କୁକୁଡା ବଳି ଦିଆଯାଇଥାଏ। ପୂଜାର୍ଚ୍ଚନାରେ ପୂଜକ ସହ ଅନେକ ସହକର୍ମୀ ସହଯୋଗ କରିଥାନ୍ତି। ନୂଆଁଖାଇ ପର୍ବ ପୂର୍ବରୁ ଏହି ପୂଜା କରାଯାଇ ନୂଆଁଖାଇ ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ ।

■ ଜୁନାଗଡ଼ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ପଞ୍ଜୀକରଣ କଲେ ୩୯୩ ଦିବ୍ୟାଙ୍ଗ

ଜୁନାଗଡ, ୨୭।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ ବ୍ଲକର ୩୪ଟି ପଞ୍ଚାୟତର ୩୯୩ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ମୂକ ବଧିର ୬୯, ଦୃଷ୍ଟିହୀନ ୫୮, ମାନସିକ ବେକାରଗ୍ରସ୍ତ ୪୧ ଓ ଚଳବାଧିତ ୧୦୨ ଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ ଓ ଟ୍ରେନ ପାସ୍ ପାଇଁ ୧୨୨ ଓ ଭିନ୍ନକ୍ଷମ ଭତ୍ତା ପାଇଁ ୨୦ ଜଣ ଆବେଦନ କରିଥିଲେ। ସେହିପରି ୧୬ଜଣଙ୍କୁ ସ୍ୱତନ୍ତ୍ର ଦିବ୍ୟାଙ୍ଗ ପରିଚୟପତ୍ର ପ୍ରଦାନ କରାଯାଇଥିବା ବେଳେ ୩୩ଜଣଙ୍କୁ ଭୁବନେଶ୍ୱରର ଏକ ଟିମ୍ ଦକ୍ଷତା ବିକାଶ ତାଲିମ ଦେବା ପାଇଁ ଚିହ୍ନଟ କରିଥିଲେ। ଏହାସହ ୨୭ଜଣ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ଓ ଟ୍ରାଏସାଇକେଲ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝି ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦୁଳାରାମ ମାରାଣ୍ଡି, ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିର୍ଦ୍ଧେଶ୍ୱର ମେହେର, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା ପ୍ରମୁଖଙ୍କ ସହ ବ୍ଲକର ବିଭିନ୍ନ ପଞ୍ଚାୟତ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ହୁଇଲଚେୟାର ଓ ଟ୍ରାଏସାଇକେଲ ବଣ୍ଟନ କରାଯାଉଛି।

■ ପ୍ରଧାନ ଶିକ୍ଷକ ନିୟମିତ ସ୍କୁଲ ନ ଆସିବା ଘଟଣା

## ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ

ଭବାନୀପାଟଣା, ୨୭।୮ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳରାମପୁର ବ୍ଲକ ସିନ୍ଦିପଦର ପଞ୍ଚାୟତ ବାର୍ଷିକୋଣା ନୂତନ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟରତ ପ୍ରଧାନଶିକ୍ଷକ ରୋହିତ ମାଝି ନିୟମିତ ସ୍କୁଲ ଆସୁ ନ ଥିବା ନେଇ ସ୍କୁଲ ସହକାରୀ ଶିକ୍ଷୟିତ୍ରୀ, ପାଚିକା ତଥା ପରିଚାଳନା କମିଟି ସଭାପତି ଅଭିଯୋଗ କରିଥିଲେ। ଫଳରେ ଏହି ସ୍କୁଲରେ ପାଠପଢା ସହ ମଧ୍ୟାହ୍ନ ଭୋଜନ ପରିଚାଳନାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହି ଘଟଣାକୁ ନେଇ ଗତ ୧୮ ତାରିଖ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥୁଆମୂଳ ରାମପୁର ଭାରପ୍ରାପ୍ତ ଶିକ୍ଷାଧିକାରୀ ସଞ୍ଜୀବ ନାଏକ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ମାଗିଥିବା ଜଣାପଡିଛି।

ଧରିତ୍ରୀ ପ୍ରଭାବ

■ କେନ୍ଦ୍ରୀୟ ରିଜର୍ଭ ପୋଲିସ ୬୪ ବାଟାଲିୟନ

## ଜନସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, ୨୭।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଅବସ୍ଥାପିତ କେନ୍ଦ୍ରୀୟ ରିଜର୍ଭ ପୋଲିସ ୬୪ ବାଟାଲିୟନ ପକ୍ଷରୁ ମିଡିଆ ପ୍ଲାନ ସ୍କିମ୍ ଜରିଆରେ ଉର୍ଲାଦାନୀ ଓ ମ.ରାମପୁରଠାରେ ମାଓବାଦୀ ବିରୋଧି ଅଭିଯାନ ସକାଶେ ଦେଶାତ୍ମବୋଧକ ଗୀତ, ନୃତ୍ୟ ଓ ଜନସଚେତନତା ସମ୍ପର୍କିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗାସ୍ଥିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କଳାକାରମାନଙ୍କୁ ନେଇ ୬୪ ବାଟାଲିୟନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ କଳାହାଣ୍ଡି ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳରେ ବାସ କରୁଥିବା ଜନସାଧାରଣ ମାସବାଦୀରଙ୍କୁ ପ୍ରଭାବରୁ ବଞ୍ଚିବା, କେନ୍ଦ୍ର, ରାଜ୍ୟ ସରକାର ଦ୍ୱାରା ଯୋଜନା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ଓ ମାସବାଦୀ ପ୍ରଭାବିତ ଅଞ୍ଚଳ ଉନ୍ନତି ସକାଶେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଇଥିଲା। ଲୋକଙ୍କ ମନରେ ମାଓବାଦୀ ଭୟ ଦୂର କରାଯିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଛୁଆପିଲାମାନଙ୍କୁ ଶିକ୍ଷିତ କରାଇବା ମୂଳ ଲକ୍ଷ୍ୟ ବୋଲି ୬୪ ବାଟାଲିୟନର କମାଣ୍ଡେଣ୍ଟ ବିପ୍ଳବ ସରକାର ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ଖଜୋରିଆ ସହାୟକ କମାଣ୍ଡେଣ୍ଟ, ସଞ୍ଜୀବ କୁମାର ମିନା, ସହାୟକ କମାଣ୍ଡେଣ୍ଟ ଏବଂ ୬୪ ବାଟାଲିୟନମାନେ ସହଯୋଗ କରିଥିଲେ।



ଲୋକଙ୍କ ସଚେତନତା ପାଇଁ ଆୟୋଜିତ କାର୍ଯ୍ୟକ୍ରମ ।

## ଷ୍ଟେଟ୍ ୟୁଥ୍ ୱେଲଫାୟାର ବୋର୍ଡ ସଭାପତିଙ୍କ ବନ୍ୟାଞ୍ଚଳ ଗସ୍ତ

କର୍ଲାମୁଣ୍ଡା/କେସିଙ୍ଗା, ୨୭।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ୩ଟି ପଞ୍ଚାୟତର ବିଭିନ୍ନ ବନ୍ୟା ଅଞ୍ଚଳକୁ ମଙ୍ଗଳବାର ଷ୍ଟେଟ ୟୁଥ୍ ୱେଲଫାୟାର ବୋର୍ଡ ସଭାପତି ବିଜୟ କୁମାର ନାଏକ ଗସ୍ତ କରିଛନ୍ତି। ଏହି ଗସ୍ତ ବେଳେ ନାଏକ ଗତ ବନ୍ୟାରେ ଲୋକଙ୍କ କ୍ଷୟକ୍ଷତି ବିଷୟରେ ବୁଝିବା ସହ ଆଲୋଚନା କରିଥିଲେ। ପ୍ରଥମେ ବ୍ଲକ କାର୍ଯ୍ୟାଳୟରେ ସ୍ଥାନୀୟ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ଭାରପ୍ରାପ୍ତ ତହସିଲଦାର ସର୍ବେଶ୍ୱର ଜାଲ, ଜିଲା ପ୍ରକଳ୍ପ ଅଧିକାରୀ ଜ୍ଞାନ ରଞ୍ଜନ ଭଞ୍ଜଦେଓ, ବିଜେଡି ଯୁବ ସଭାପତି ଅବିନାଶ ଠାକୁର, ଉପସଭାପତି ଅଜିତ କୁମାର ସାହୁ, ବିଜୁ ଯୁବବାହିନୀ ବ୍ଲକ ସଭାପତି ଦେବେନ୍ଦ୍ର କୁମାର ଓ ବିଜୁ ଯୁବ ବାହିନୀର କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ରାଜପୁର ପଞ୍ଚାୟତ ବାଞ୍ଜିପଦର ଗାଁକୁ ପରିଦର୍ଶନରେ ଯାଇଥିଲେ। ଏହା ପରେ ପୌରଜେଲା ପଞ୍ଚାୟତ ବୁଢୀପଦର ଛକଠାରେ ଆଇଜିଏସଏସଏସ ସଂସ୍ଥା ଓ ଗ୍ରାମ ବିକାଶ କମିଟି ତରଫରୁ ହେଉଥିବା ଚାରା ରୋପଣ କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ କେତକୀ ରଣା, ସମିତି ସଭ୍ୟ ସିମାଞ୍ଚ ଭୋଇ, ଆଜିଏସଏସଏସ ସଂସ୍ଥାର ଜଗଦିଶ ରଣା, ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ପରେ ବୁଢୀପଦର ଓ ରିଷିଡା ପଞ୍ଚାୟତ ବିଭିନ୍ନ ବନ୍ୟା ଅଞ୍ଚଳ ଗାଁ ପରିଦର୍ଶନ କରିଥିଲେ। ସେହିପରି ଷ୍ଟେଟ ୟୁଥ ୱେଲଫେୟାର ବୋର୍ଡ ସଭାପତି ବିଜୟ କୁମାର ନାଏକ କେସିଙ୍ଗା ବ୍ଲକର ୫ଟି ଗ୍ରାମପଞ୍ଚାୟତରେ ଗତ ବନ୍ୟାର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ପଞ୍ଚାୟତ ସମିତି ସଭା ଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସଭାପତି ପ୍ରକାଶ କରିଥିଲେ ଯେ, ବିଜୁ ବାହିନୀର ଅଗ୍ରଗତି ଏବଂ ବିଜୁ ବାହିନୀ ଦ୍ୱାରା ମୁଖ୍ୟମନ୍ତ୍ରୀ ବହୁ ଉପକୃତ ହୋଇଥିବାରୁ ପୁର୍ନବାର ବିଜୁ ବାହିନୀର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ନାଏକଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିବା ପ୍ରକାଶ କରିଥିଲେ। ଏହି ସଭାରେ ଜିଲା ପ୍ରକଳ୍ପ ଅଧିକାରୀ ଜ୍ଞାନରଞ୍ଜନ ଭଞ୍ଜଦେଓ, କେସିଙ୍ଗା ବିଡିଓ ଭୀମସେନ ଶବର ପ୍ରମୁଖ ଗତ ବନ୍ୟାରେ କ୍ଷୟକ୍ଷତି ହୋଇଥିବା କେସିଙ୍ଗା ବ୍ଲକ ବେଲଖଣ୍ଡି ଓ ହାତୀଖୋଜ ଗ୍ରାମ ପଞ୍ଚାୟତ ପିପଲପଦର, ବେଲସାପଡା, ବେଲଖଣ୍ଡି ପ୍ରଭୃତି ବନ୍ୟାଞ୍ଚଳକୁ ଗସ୍ତ କରି କ୍ଷୟକ୍ଷତି ହୋଇଥିବା ରାସ୍ତାଘାଟ, ଘର ଦ୍ୱାରା ବୁଲି ଦେଖିଥିଲେ।



କେସିଙ୍ଗା ବ୍ଲକର ପିପଲପଦର ଗ୍ରାମରେ ସଭାପତି କ୍ଷୟକ୍ଷତି ଅଞ୍ଚଳ ପରିଦର୍ଶନ କରୁଛନ୍ତି ।



❝ ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କଲିନ



## ସଂକ୍ଷେପରେ

### ବଦଳିଲେ ବିନିକା ଆଇଆଇସି

**ସୋନପୁର,୨୭।୮(ନି.ପ୍ର.):** ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଆଇଆଇସି ସ୍ତରରେ ସାମାନ୍ୟ ଅଦଳ ବଦଳ କରିଛନ୍ତି। କୁଶ ପାଣିଗ୍ରାହୀଙ୍କୁ ବିନିକା ଥାନାର ଆଇଆଇସି ଭାବେ ନିଯୁକ୍ତ ଦେଇଛନ୍ତି। ପାଣିଗ୍ରାହୀ ମଙ୍ଗଳବାର ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ପାଣିଗ୍ରାହୀ ଜିଲା ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ ଥିଲେ। ଅନ୍ୟପକ୍ଷେ ବିନିକା ଥାନାରେ ଆଇଆଇସି ଥିବା ରାଜେନ୍ଦ୍ର ସମରିଆଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ବିନିକାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇଆଇସିଙ୍କୁ ବଦଳି ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ।

### ଗାଁ କଲ୍ୟାଣ ସମିତି, ବଜରଙ୍ଗ କ୍ଲବର ଚାରାରୋପଣ

**ଅମରପାଲି, ୨୭।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବଜରଙ୍ଗ କ୍ଲବ ଏବଂ ମୁର୍ଷୁଣ୍ଡୀ ପଞ୍ଚାୟତର କର୍ଡାପାଲ ଗାଁ କଲ୍ୟାଣ ସମିତି ଦ୍ୱାରା ଚାରାରୋପଣ କରାଯାଇଛି । କର୍ଡାପାଲରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ୱାର୍ଡସଭ୍ୟା ମମତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଗ୍ରାମ୍ୟ ଜଙ୍ଗଲ ନିକଟରେ ଶାଗୁଆନ, ନିମ୍ବ, ଜାମୁ, ବାଉଁଶ ଆଦି ପ୍ରାୟ ହଜାରେ ଚାରାରୋପଣ କରାଯାଇଥିଲା। ସେହିପରି ବୀରମହାରାଜପୁର ବଜରଙ୍ଗ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ କ୍ଲବର ସଭାପତି ବିବେକାନନ୍ଦ ପଣ୍ଡା, ସମ୍ପାଦକ ସବ୍ୟସାଚୀ ମିଶ୍ର, ଉପସଭାପତି ଶୁଭେନ୍ଦୁ ଷଡଙ୍ଗୀ, କୋଷାଧକ୍ଷ ଅରବିନ୍ଦ ପାଢ଼ୀ, ବିଶ୍ୱନାଥ ମହାକୁର, ଆଶୁତୋଷ କର୍ଣ୍ଣ, ଅଜିତ ଖଣ୍ଡଗିରୀ, ଚିନ୍ମୟ ପଣ୍ଡା, କୌଶିକ ସେଠୀ ପ୍ରମୁଖ କର୍ମକର୍ତ୍ତା ବୃକ୍ଷରୋପଣ କରିଥିଲେ।

### ବୁଢ଼ାରଜା ଏସ୍‌ବିଆଇରେ ସେବା ବିପର୍ଯ୍ୟସ୍ତ

**ସମ୍ବଲପୁର,୨୭।୮(ବ୍ୟୁରୋ):** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ବୁଢ଼ାରଜା ଶାଖାରେ ଗ୍ରାହକ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। କର୍ମଚାରୀ ଅଭାବ ଯୋଗୁ ଦୀର୍ଘମାସ ହେବ ଗ୍ରାହକ ସେବା ପାଇପାରୁ ନାହାନ୍ତି। ଦୁଇଟି କାଉଣ୍ଟରରେ ଟଙ୍କା ଜମା ସହ ଅନ୍ୟ କାମ ମଧ ହେଉଛି। ଫଳରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏପରିକି କେତେକ ଗ୍ରାହକ ଓ କର୍ମଚାରୀଙ୍କ ମଧରେ ଯୁକ୍ତିତର୍କ ମଧ ହେଉଥିବା ଦେଖାଯାଉଛି। ଅପରପକ୍ଷେ ଏହି ଶାଖାରେ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ପେନସନଭୋଗୀ କାରବାର କରୁଛନ୍ତି। ସେମାନଙ୍କ ପାଇଁ ମଧ କୌଣସି ପ୍ରକାର ସୁବିଧା ଯୋଗାଇ ଦିଆଯାଉନାହିଁ। ଫଳରେ ସେମାନେ ହଟହଟା ହେଉଥିବା ପ୍ରକାଶ କରିଛନ୍ତି। ମଙ୍ଗଳବାର କେତେଜଣ ବରିଷ୍ଠ ନାଗରିକ ଓ ଗ୍ରାହକ ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଏ ନେଇ ଅଭିଯୋଗ କରିଥିଲେ। କର୍ମଚାରୀ ଅଭାବ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ସେମାନେ ଦାବି କରିଥିଲେ।

### ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ଟିପିଲିମା,୨୭।୮(ଡି.ଏନ୍.ଏ.):** ସମ୍ବଲପୁର ଜିଲା ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଆନୁକୂଲ୍ୟରେ ବୁର୍ଲା ସରକାରୀ ହାଇସ୍କୁଲରେ ମଙ୍ଗଳବାର ତମାଖୁ ବର୍ଜନ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ବିଶି ସଭାପତିତ୍ୱ କରିଥିଲେ।

# ବନ୍ୟା ସାରିଦେଇଛି ନୂଆଁଖାଇ ସରାଗ

**ତରଭା, ୨୭।୮(ଡି.ଏନ୍.ଏ.)**

- ସହାୟତା ଅପେକ୍ଷାରେ ବିପନ୍ନ
- ରନ୍ଧାଖାଦ୍ୟ ଯୋଗାଣ ବନ୍ଦ, ଭୋକରେ କଟୁଛି ଦିନ

ସୁବର୍ଣ୍ଣପୁର ଜିଲା ତରଭା ସହର ଓ ଗ୍ରାମାଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଛି ଗତ ୧୩ ତାରିଖର ଲଗାଣ ବର୍ଷା ଓ ତଦ୍ ପରବର୍ତ୍ତୀ ବନ୍ୟା। ଭାଙ୍ଗି ପଡିଛି ଘର, ଧୋଇ ଯାଇଛି ରାସ୍ତା। ଚାଷଜମି ଜଳାର୍ଣ୍ଣବ ହୋଇ କେଉଁଠି ଫସଲ ପଚି ଯାଇଛି ତ, କେଉଁଠି ବାଲିଚରି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ବନ୍ୟାରେ ବହୁ ସଂଖ୍ୟାରେ ଦୋକାନ ବଜାର ଭାଙ୍ଗି ଯାଇଥିବାରୁ ଲୋକେ ଏବେ କର୍ମହରା ହୋଇ ହା ହୁତାଶ ମଧ୍ୟରେ ଦିନ କାଟୁଛନ୍ତି। କହିବାକୁ ଗଲେ ବନ୍ୟା ଉଜାଡି ଦେଇଛି ଜୀବନଜୀବିକା। ଏକ ଘୋର ଅନିଶ୍ଚିତତା ମଧ୍ୟରେ ଏବେ ସନ୍ତୁଳି ହେଉଛନ୍ତି ତରଭାବାସୀ। ଏହି ପରିସ୍ଥିତିରେ ସେପ୍ଟେମ୍ବର ୩ତାରିଖରେ ହେବାକୁ ଥିବା ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଇଁ ଅଞ୍ଚଳବାସୀଙ୍କର ସେଭଳି ଆଗ୍ରହ ଥିବା ଭଳି ମନେ ହେଉନାହିଁ। ଗଣପର୍ବର ସପ୍ତାହକ ପୂର୍ବରୁ ଲୋକଙ୍କ ମଧ୍ୟରେ ଯେଭଳି ପ୍ରସ୍ତୁତି ରହିଥାଏ ତାହାର ଲେଶମାତ୍ର ସୂଚନା ନାହିଁ। ବନ୍ୟା ହଜାଇ ଦେଇଛି ସେମାନଙ୍କର ନୂଆଁଖାଇ ସରାଗ। ଏଭଳି କେବେ ବି ହୋଇ ନ ଥିଲା, ନବାନ୍ନ ପାଇଁ ନିଜ କ୍ଷେତର ଧାନ ମିଳିବା ତ ଦୂରର କଥା ଧାନଗଛଟିଏ ନାହିଁ ବୋଲି ତରଭା ଅଞ୍ଚଳର ଚାଷୀମାନେ ଦୁଃଖର ସହ କହୁଛନ୍ତି।



ବନ୍ୟାରେ କ୍ଷତିଗ୍ରସ୍ତ ତରଭା ବ୍ଲକ ତୁଲୁଣ୍ଡା ଗାଁ।

ତରଭା ସହରର ହରିଜନପଡା, ଚମାରପଡା, ହାଟପଦାପଡା, ଶିବଶଙ୍କରପଡା, ମାଳିପଡା, ମାହାରପଡା, ପୌର୍ଣ୍ଣମାସୀପଡା, କୁମ୍ଭାରପଡା, ଝୁମ୍ପୁଡିପଡା, ବନ୍ଧପଡାରେ ବନ୍ୟା ପ୍ରଭୂତ କ୍ଷତି ଘଟାଇଛି । ଶହେରୁ ଅଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ୭ଦିନ ଧରି ଦିଆଯାଉଥିବା ରନ୍ଧାଖାଦ୍ୟ ରବିବାରଠାରୁ ବନ୍ଦ ହେଲା ପରେ ବାସହରା ପରିବାରଙ୍କ ଦୁର୍ଦ୍ଦଶା ବଳି ପଡୁଛି। ଘର ଭାଙ୍ଗି ଯାଇଥିବାରୁ ସେମାନେ ଘରକୁ ଫେରି ପାରୁନାହାନ୍ତି। ବନ୍ୟାରେ ସବୁକିଛି ହରାଇବା ପରେ ସେମାନେ ଏବେ କଣ କରିବେ ସେଇ ଚିନ୍ତାରେ ଘାରି ହେଉଛନ୍ତି । ବିପନ୍ନ ପରିବାରରେ ଥିବା ପିଲାଙ୍କ ପାଠପଢ଼ା ସାଂଘାତି ଭାବେ ପ୍ରଭାବିତ ହୋଇଛି। ସ୍କୁଲ ଖୋଲିଥିଲେ ମଧ ବହି ବସ୍ତାନୀ ନ ଥିବାରୁ ପାଠପଢ଼ା ଆଗେଇ ପାରୁନାହିଁ। ଅପରପକ୍ଷରେ ବନ୍ୟାଯୋଗୁ ବହୁ ସ୍କୁଲର ଅବସ୍ଥା ଶୋଚନୀୟ ଅବସ୍ଥାରେ ରହିଛି। ଚା, ପାନ, କିରାଣା, ଜଳଖିଆ, କପଡା ଦୋକାନ ପରି ବ୍ୟବସାୟୀ ଚରମ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହୋଇଛନ୍ତି। ଭାଙ୍ଗି ଯାଇଛି ଦୋକାନ ଘର, ନଷ୍ଟ ହୋଇଛି ଦୋକାନ ସାମଗ୍ରୀ । ମରାମତି କରି ପୁନଃ ଠିଆ ହେବା ସେମାନଙ୍କ ପକ୍ଷରେ କାଠିକର ପାଠ ହେଉଛି ବୋଲି କେତେକ କ୍ଷୁଦ୍ର ବ୍ୟବସାୟୀ ପ୍ରକାଶ କରିଛନ୍ତି । ତରଭା ବ୍ଲକ ଅଞ୍ଚଳରେ ମଧ ସମାନ ଚିତ୍ର। କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନିର୍ମିତ ତୁଲୁଣ୍ଡା ଜଳ ପ୍ରକଳ୍ପର ତଳି ଅଞ୍ଚଳରେ ନାହିଁ ନ ଥିବା କ୍ଷତି ହୋଇଛି । ବଲାଙ୍ଗୀର ଗନ୍ଧରେଲ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମାଟିବନ୍ଧ ଭାଙ୍ଗିଯିବା ଯୋଗୁଁ ପ୍ରବଳ ମାତ୍ରାରେ ପାଣି ଆସି ତୁଲୁଣ୍ଡାସ୍ଥିତ(କୁଟେନ ଦରହୋ) କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ୪ଟି ସ୍ଥାନରେ ଘାଇ ସୃଷ୍ଟି ହୋଇ ତୁଲୁଣ୍ଡା ହରିଜନ ପଡାରେ ପାଣି ପଶି ବ୍ୟାପକ କ୍ଷତି କରିଥିଲା। କ୍ଷତିଗ୍ରସ୍ତ ପରିବାରଗୁଡିକୁ ସ୍ଥାନୀୟ ଉଚ୍ଚମାଧମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଇତିମଧରେ ବନ୍ୟାର ୧୫ଦିନ ବିତିଯାଇଥିଲେ ବି ବିପନ୍ନଙ୍କ ଅବସ୍ଥାରେ କୌଣସି ସୁଧାର ଆସିନାହିଁ । ବିପନ୍ନଙ୍କୁ ତୁରନ୍ତ ଆର୍ଥିକ ସହାୟତା ଓ ଭାଙ୍ଗିଯାଇଥିବା ଘର ନିର୍ମାଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଗାୟତ୍ରୀ ଆବାସିକ ଶିକ୍ଷାନିକେତନରେ ଶାରଦୀୟ କ୍ରୀଡ଼ା

**ଅମରପାଲି, ୨୭।୮(ଡି.ଏନ.ଏ)**

ବୀରମହାରାଜପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷାନିକେତନରେ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ କ୍ରୀଡା ପ୍ରମୁଖ ସୁରେନ୍ଦ୍ର ମୋହନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଉଭୟ ବାଳିକା ଓ ବାଳକ ବର୍ଗର କବାଡି ଓ ଖୋଖୋ ଖେଳ ପ୍ରତିଯୋଗିତା ହୋଇଥିଲା। ବୌଦ୍ଧ ଆର୍ଯ୍ୟନ ଏକାଡେମୀର କ୍ରୀଡା ଶିକ୍ଷକ ପ୍ରଦୀପ ନାୟକ, ସୋନପୁର ଶିଶୁ ବିଦ୍ୟା ମନ୍ଦିରର ଅକ୍ଷୟ ସାହୁ, ବୀରମହାରାଜପୁର ଗାୟତ୍ରୀ ଆବାସିକ ଶିକ୍ଷାନିକେତନର ରଣମୋହନ ଭୋଇ, ଯୁଧିଷ୍ଠିର ଖମାରୀ, ଉମାକାନ୍ତ ପଧାନ, ଆଶୁତୋଷ ପାଣିଗ୍ରାହୀ, ପ୍ରଭାତୀ ତ୍ରିପାଠୀ, ଅନ୍ୟାନ୍ୟ ଗୁରୁମା, ଗୁରୁଜୀ ଓ ମୁର୍ଷୁଣ୍ଡୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ପଙ୍କଜ ଖମାରୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

### ସରକାରଙ୍କ ପଲିଥିନ କଟକଣା ଫେଲ୍

# ଜରି ପାଉଚରେ ମଦ ବିକ୍ରି

**ଭବାନିପାଟଣା/ପର୍ଲା, ୨୭।୮ (ଡି.ଏନ.ଏ.)**

ସରକାର ପଲିଥିନ ବ୍ୟବହର ଉପରେ କଟକଣା ଜାରି କରିଥିବା ବେଳେ କଳହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ଏହା ଫେଲ ମାରିଛି। ଏଠାରେ ଖୋଲାଖୋଲି ଭାବେ ବିଶେଷ କରି ଦେଶୀ ମଦ ଭାଟିରେ ବହୁଳ ଭାବେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ବେହେରା ଗ୍ରାମରେ ଲାଇସେନ୍ସପ୍ରାପ୍ତ ଦେଶୀମଦ ଭାଟି ରହିଥିବା ବେଳେ ଗୋଡମୁଣ୍ଡା ଓ ପର୍ଲାଠାରେ ଏହାର ଶାଖା ରହିଛି । ଏହି ଭାଟିରେ ମଦ ତିଆରି କରି ଶାଖା ଓ ବିଭିନ୍ନ ଗ୍ରାମଗୁଡିକୁ ବେଆଇନ ଭାବେ ବିକ୍ରି କରାଯାଉଥିବା ଜଣାପଡ଼ିଛି। ମଦ ଜରି ପାଉଚରେ ପେକିଂ କରାଯାଇ ମାସ ମାସ ଧରି ରହୁଥିବା ଓ ତାକୁ ଲୋକମାନେ ପିଇ ବିଭିନ୍ନ ରୋଗାରେ ଆକ୍ରାନ୍ତ ହେଉଛନ୍ତି । ଏପଟେ ଅଭିଯୋଗକୁ ଭାଟି କର୍ମଚାରୀମାନେ ଅସ୍ୱୀକାର କରିଛନ୍ତି। ସରକାରଙ୍କ କଡାକଡି ନିର୍ଦ୍ଦେଶ ସତ୍ତ୍ୱେ ବେଖାତିର ଭାବେ ପଲିଥିନ ଭିତରେ ମଦ ରଖି ବିକ୍ରି କରାଯାଉଛି। ଏବେ ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ଗ୍ରାମଗୁଡିକରେ ମଦ କୋଠି ଖୋଲାଯାଇ ବିକ୍ରି କରୁଥିବାରୁ ମଦ୍ୟପଙ୍କ ସଂଖ୍ୟା ବଢିବାରେ ଲାଗିଛି । ଦିନକୁ ଦିନ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ମଧ ପାଉଛି । ମଦଭାଟିଠାରୁ ମାତ୍ର ୧୦ ମିଟର ଦୂରରେ ବେହେରା ଗ୍ରାମବାସୀଙ୍କୁ ଜଳ ଯୋଗାଣ କରିବା ପାଇଁ ଏକ ଟ୍ୟାଙ୍କର ରହିଛି । ପ୍ରତିଦିନ ମଦ୍ୟପମାନେ ଜରି ମଦ ପାଉଚ ପିଇ ସେଠାରେ ଫିଙ୍ଗି ଦେଉଥିବାରୁ ଲୋକଙ୍କ ମଧ୍ୟରେ ସଂକ୍ରାମକ ରୋଗ ଆଶଙ୍କା ପ୍ରକାଶ ପାଇଛି। ସେହିପରି ୧୫୦ ମିଟର ଦୂରରେ ପ୍ରାଥମିକ ବିଦ୍ୟାଳୟ ରହିଥିବାରୁ ମଦ ଭାଟି ଦେଇ ଯିବାଆସିବା କରୁଥିବାରୁ ଏହାର କୁପ୍ରଭାବ ଛାତ୍ରୀଛାତ୍ରମାନଙ୍କ ଉପରେ ପଡୁଛି। ସରକାରଙ୍କ ନିୟମ ଅନୁସାରେ ମୁଖ୍ୟରାସ୍ତାଠାରୁ ୫୦୦ ଶହ ମିଟର ଦୂରରେ ମଦଭାଟି ରହିବା ନିୟମ ରହିଛି। ଭାଟି କର୍ମଚାରୀମାନେ ନିୟମକୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ଧର୍ମଗଡ ଅବକାରୀ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ମତାମତ ଦେବାକୁ ମନା କରିଥିଲେ। ଏପରିକି ନିଜ ନାମ କହିବାକୁ ମଧ୍ୟ କୁଣ୍ଠାବୋଧ ପ୍ରକାଶ କରିଥିଲେ।



ଜରି ମଦପାଉଚ ଏଣେତେଣେ ପଡ଼ିରହିଛି।

### ଗ୍ରାମୀଣ ଖାଦ୍ୟ ସୁରକ୍ଷା ଟ୍ରଷ୍ଟ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଅମରପାଲି, ୨୭।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଗ୍ରାମୀଣ ଖାଦ୍ୟ ସୁରକ୍ଷା ଟ୍ରଷ୍ଟର କାର୍ଯ୍ୟାଳୟ ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଜିଲାସ୍ତରୀୟ କୋଅର୍ଡିନେଟର ଚିତ୍ତରଞ୍ଜନ ସାହୁ ଅଧକ୍ଷତା କରିଥିଲେ। ରାଜ୍ୟସ୍ତରୀୟ ଟ୍ରଷ୍ଟର ଅଧକ୍ଷ ଚିତ୍ତରଞ୍ଜନ ସାମଲ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁରେନ୍ଦ୍ର ସାହୁ, ଯୁଗଳ କିଶୋର ବଳୱାର ଓ ସୌମ୍ୟ ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସମସ୍ତ ବ୍ଲକସ୍ତରୀୟ କୋଅର୍ଡିନେଟର ମନୋରଞ୍ଜନ ପଧାନ, ନବଦୀପ ଶତପଥୀ, ଆନନ୍ଦ ଦାଶ, ନିରଞ୍ଜନ ପଧାନ, ଦିଲୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ପଞ୍ଚାୟତସ୍ତରୀୟ କାର୍ଯ୍ୟାଳୟ ବାଗବରଠାରେ ମଧ ଉଦ୍‌ଘାଟିତ ହୋଇଛି।




ଅମରପାଲି ହାଇସ୍କୁଲରେ ଆର୍ଥିକ ଓ ଡିଜିଟାଲ ସ୍ୱାକ୍ଷର ଶିବିରରେ ମଞ୍ଚାସୀନ ଅତିଥିମାନେ ।

# ଆର୍ଥିକ, ଡିଜିଟାଲ ସାକ୍ଷରତା ଶିବିର

**ଅମରପାଲି, ୨୭।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭାରତୀୟ ଗ୍ରାମୀଣ ପୋଷ୍ଟ ବ୍ୟାଙ୍କର ସୋନପୁର ଜିଲା ଶାଖା ପରିଚାଳକ କୃଷ୍ଣ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଏବଂ କ୍ଷେତ୍ରିୟ ଅଧିକାରୀ ଅଚ୍ୟୁତାନନ୍ଦ ପଲିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଗ୍ରାମୀଣ ପୋଷ୍ଟ ବ୍ୟାଙ୍କର ବିଭିନ୍ନ ଦିଗ ଓ ଏଠାରୁ ମିଳୁଥିବା ସୁବିଧା ସୁଯୋଗ ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପଦ୍ମନାଭ ପଧାନ, ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଅମରପାଲି ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଜୟପ୍ରକାଶ ସାହୁ, ଶିକ୍ଷକ କହ୍ନେଇଚରଣ ପଧାନ, ବିଷ୍ଣୁଚରଣ ଧଳ ଓ ମାଧବ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନଟିଆ ସାହୁ, ଜଗନ୍ନାଥ ସାହୁ ଓ ଗୋବର୍ଦ୍ଧନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ବିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ସାପ୍ତାହିକ ହାଟ ଆରମ୍ଭ ନେଇ ପ୍ରସ୍ତୁତି ବୈଠକ

**ଟିଟିଲାଗଡ଼,୨୭।୮(ଡି.ଏନ୍.ଏ.)**

ଆସନ୍ତା ୩୧ତାରିଖ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଏସ୍‌ଏଚ୍‌ଜି ମହିଳାମାନଙ୍କ ପାଇଁ ଏକ ସାପ୍ତାହିକ ହାଟ ଆରମ୍ଭ କରିବା ନେଇ ସ୍ଥିର ହୋଇଛି। ଏନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୌରପରିଷଦ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ସୁଧାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଟିଟିଲାଗଡ଼ ସହରର ବିଭିନ୍ନ ଅନୁଷ୍ଠାନ, ବ୍ୟାଙ୍କ ଅଧିକାରୀ, ଏସ୍‌ଏଚ୍‌ଜି ମହିଳାଙ୍କ ସହ ବୁଦ୍ଧଜୀବୀ ଯୋଗ ଦେଇଥିଲେ। ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ସ୍ୱତନ୍ତ୍ର ହାଟର ବ୍ୟବସ୍ଥା କରାଯାଉଥିବା ଉପଜିଲାପାଳ ନାୟକ କହିଥିଲେ। ଏହାଦ୍ୱାରା ମହିଳାମାନେ ତିଆରି କରୁଥିବା ସାମଗ୍ରୀ ସୁଲଭ ମୂଲ୍ୟରେ ହାଟରେ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧରେ ବ୍ୟବସାୟୀ ସଂଘ ସଭାପତି ତ୍ରିନାଥ ସରାଫ, ସାମାଜିକ କର୍ମୀ ଦୀପକ ସାହୁ, ବିନୋଦ ବିହାରୀ ଜାଲ, ଗୋବର୍ଦ୍ଧନ ନାଗ, ଅଶ୍ୱିନୀ କୁମାର ମହାନ୍ତି, ଶିବ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ ।




ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ୩ ଗାଈ ମୃତ

**ପାଟଣାଗଡ଼,୨୭।୮(ଡି.ଏନ.ଏ.)**

ପାଟଣାଗଡ଼ ବ୍ଲକ ସୋଲବନ୍ଧ ପଞ୍ଚାୟତ ଅନ୍ତର୍ଗତ ପଣ୍ଡରିପାଣି ଗ୍ରାମରେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ଟି ଗାଈ ମରିଯାଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ସକାଳୁ ଗାଁର ଗାଈ ଗୋଠ ଯାଉଥିବା ବେଳେ ପଣ୍ଡରିପାଣି ସ୍କୁଲ ନିକଟରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ତାରରେ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ୩ଟି ଗାଈଙ୍କ ମୃତ୍ୟୁ ଘଟିଥିଲା ।



ବଲାଙ୍ଗୀର ଜିଲା କୁରସୁଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଜନ୍ମାଷ୍ଟମୀ ଉତ୍ସବର ଉଦ୍‌ଯାପନୀ ଅବସରରେ ବିଭିନ୍ନ ବେଶରେ ସଜ୍ଜିତ ଛାତ୍ରୀଛାତ୍ରମାନେ ।

### ବଲାଙ୍ଗୀର ଫୁଟବଲ ଲିଗ୍‌ର ଅଷ୍ଟମ ଦିବସ

# ନାନଧର, ଖଲିଆପାଲି, ପାଟଣେଶ୍ୱରୀ, ଡୁଙ୍ଗୁରିପଡ଼ା ବିଜୟୀ

**ବଲାଙ୍ଗୀର ଅଫିସ,୨୭।୮**

ବଲାଙ୍ଗୀର ଜିଲା କ୍ରୀଡ଼ାସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ନକ୍‌ଆଉଟ ଓ ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଅଷ୍ଟମ ଦିବସରେ ମଙ୍ଗଳବାର ୮ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ କଲେଜ ପଡ଼ିଆରେ ଅନୁଷ୍ଠିତ ଖେଳରେ ନାନ୍‌ଧର ଦଳ ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲରେ ନାରେନ୍ ଦଳକୁ ପରାସ୍ତ କରିଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାଏକ, ପୂର୍ବତନ ଡିଏଭି କଲେଜ ଅଧକ୍ଷ ଶିବପ୍ରସାଦ ବେହେରା ଯୋଗ ଦେଇଥିଲେ। ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ଖେଳରେ କୁଶଙ୍ଗ ଦଳ ଟ୍ରାଇବ୍ରେକର ଜରିଆରେ ୫-୪ ଗୋଲରେ ଗେର୍ଡି ଦଳକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ବଲାଙ୍ଗୀର ସଦର ବ୍ଲକ ଅଧକ୍ଷ ଗୋଲାପ ବାଗ, କ୍ରୀଡ଼ା ସଂଗଠକ ଅଶୋକ ପ୍ରଧାନ, ଖେଳ ଶିକ୍ଷକ ଈଶ୍ୱର ମଛଖଣ୍ଡ ଯୋଗ ଦେଇଥିଲେ। ଖୁଜେନପାଲି ପଡ଼ିଆରେ ଅନୁଷ୍ଠିତ ଖେଳରେ ଜେଏସ୍‌ସି ଖଲିଆପାଲି ଦଳ ୨-୦ ଗୋଲରେ କୁର୍ଲୁପାଲିକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ପୂର୍ବତନ ଖେଳାଳି ଦିଲୀପ ସେଠ୍ ଯୋଗଦେଇଥିଲେ। ଲୋଇସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ଏବିଏଫ୍‌ଏ ଲୋଇସିଂହା ଦଳ ୧-୦ ଗୋଲରେ ଜେଡିଏଫଏ ମନହୀରା ଦଳକୁ ହରାଇଥିଲା। ଚୁଡାପାଲି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଖେଳରେ ଭାଲୁପିଟା ଦଳ ୨-୧ ଗୋଲରେ ଭଇଁଷାକୁ ପରାସ୍ତ କରିଥିଲା। ଅତିଥି ଭାବେ କ୍ରୀଡ଼ାବିତ ନରେଶ ଅଗ୍ରୱାଲ ଓ ଗୌରୀ ଶଙ୍କର କୁମୁରା ଯୋଗ ଦେଇଥିଲେ। ଜରାସିଂହା ମିନି ଷ୍ଟାଡିୟମରେ ଅନୁଷ୍ଠିତ ଖେଳରେ ମହୀପୁର ଦଳ ୪-୦ ଗୋଲରେ ଚନ୍ଦ୍ରପୁରକୁ ହରାଇ ବିଜୟୀ ହୋଇଥିଲା। ପୂର୍ବତନ ଫୁଟବଲ ଖେଳାଳି ବୈଲୋଚନ ବଗର୍ତ୍ତୀ, ନିରଞ୍ଜନ ପୁଟେଲ, ନବୀନ ବାରିକ ଅତିଥି ଭାବେ ଯୋଗଦେଇଥିଲେ। ପାଟଣାଗଡ଼ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଖେଳରେ ପାଟଣେଶ୍ୱରୀ ସ୍ପୋର୍ଟିଂ ପାଟଣାଗଡ଼ ୩-୦ ଗୋଲରେ ରୁଗୁଡିମୁଣ୍ଡା ଦଳକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ପୂର୍ବତନ ଖେଳାଳି ସହଦେବ ପୁରୋହିତ ଯୋଗ ଦେଇଥିଲେ । ବଲାଙ୍ଗୀର ମିଶନ ପଡ଼ିଆରେ ଅନୁଷ୍ଠିତ ଖେଳରେ ଡୁଙ୍ଗୁରିପଡ଼ା ଏଫଏ ଦଳ ଟ୍ରାଇବ୍ରେକର ଜରିଆରେ ୨-୧ ଗୋଲରେ କାଲସାଏପାଲିକୁ ହରାଇଥିଲେ। ଅତିଥି ଭାବେ ପୂର୍ବତନ ଖେଳାଳି ନବକିଶୋର ପଧାନ, ଆଡ୍ରିଏଲ ନାଗ, ବେନାରସିଂ କଲେତ, ଦେବାଶିଷ ନାଗ ଯୋଗଦେଇଥିଲେ।



ଟିଟିଲାଗଡ କଜେଲ ପଡ଼ିଆରେ ଅନୁଷ୍ଠିତ ଖେଳରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



**ସଂକ୍ଷେପରେ**

## ମଦ ଜବତ: ୪ ଅଭିଯୁକ୍ତ ଗିରଫ

**ବେଦବ୍ୟାସ, ୨୭।୮ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଅବକାରୀ ବିଭାଗ ରାଉରକେଲା ଓ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମିଳିତ ଚଢ଼ାଉ କରି ମଙ୍ଗଳବାର ୬୭ ଲିଟର ଦେଶୀ ମଦ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ମାଣ୍ଡିଆକୁଦର ନିବାସୀ ରଞ୍ଜନ ଖଣ୍ଡରିଆ ଓ ଅନ୍ୟ ଜଣେ, ଚିକଟମାଟି ନିବାସୀ ସିପୁ ଲାକ୍ରା ଏବଂ ଗୋପାପାଲିର ଜଣେ ବ୍ୟକ୍ତି। ଅଭିଯୁକ୍ତ ରଞ୍ଜନ ଏବଂ ସିପୁଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ୪୧ (କ) ପ୍ରୋଭିଜନ ଅନୁଯାୟୀ ଥାନାରୁ ଛାଡି ଦିଆଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ପୃଥକ ପୃଥକ ମାମଲା ନଂ.୨୧୬/୧୯, ୨୧୭/୧୯, ୨୧୮/୧୯ ଏବଂ ୨୧୯/୧୯ ରୁଜୁ କରାଯାଇଛି। ଅଧିକ ତଦନ୍ତ ଚାଲିଥିବା ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ କହିଛନ୍ତି।

# ପଞ୍ଚାୟତ ସମିତି ବୈଠକ ବାତିଲ ନେଇ ଅସନ୍ତୋଷ

## ■ ସ୍ପଷ୍ଟୀକରଣ ଦାବିକଲେ ବ୍ଲକ ଅଧ୍ୟକ୍ଷ, ସମିତି ସଭ୍ୟ ଓ ସରପଞ୍ଚ

**ନୂଆଗାଁ, ୨୭।୮ (ଡି.ଏନ.ଏ)**

ନୂଆଗାଁ ବ୍ଲକରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବାର ତାରିଖ ଧାର୍ଯ୍ୟ ହୋଇଥିଲା। ଏନେଇ ବୃତ୍ତାନ୍ତ ପ୍ରସ୍ତୁତି ମଧ୍ୟ ସରିଥିଲା। ପଞ୍ଚାୟତ ସମିତି ବୈଠକ ହେବା ନେଇ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କାଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ତାରିଖ (୨୭।୮।୨୦୧୯)କୁ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କୁ ୧୬ ତାରିଖ ହ୍ୱାଟ୍ସଆପ୍ ମେସେଜ ମାଧ୍ୟମରେ ଅବଗତ କରାଯାଇଥିଲା। ହେଲେ ବିଧାୟକ ଏହି ମେସେଜ ଗତ ୨୩ ତାରିଖରେ ଦେଖିଥିଲେ। ପରେ ସେ ୨୭।୮।୨୦୧୯ରେ ହିଁ ତାଙ୍କର ହାଉସ କମିଟି ମିଟିଂ ଥିବା ଦର୍ଶାଇ ଚିଠି ନଂ. ୧୩୮/ ୨୩।୮।୨୦୧୯ ଅନୁଯାୟୀ ବିଧାନସଭା ସଚିବଙ୍କୁ ଜଣାଇବା ସହ ଏହାର ନକଲ ନୂଆଗାଁ ବିଡିଓଙ୍କୁ ଦିଆଯାଇଥିଲା। ଯେଉଁଥିରେ ପଞ୍ଚାୟତ ସମିତି ବୈଠକ ପାଇଁ ଅନ୍ୟ ତାରିଖ କରିବାକୁ କୁହାଯାଇଥିଲା। ଏହା ପରେ ବ୍ଲକ ପ୍ରଶାସନ ପଞ୍ଚାୟତ ସମିତି ବୈଠକକୁ ବାତିଲ କରିଥିଲେ। ଏହାକୁ ନେଇ ବର୍ତ୍ତମାନ ନୂଆଗାଁରେ ଜୋର ଧରିଛି ରାଜନୀତି। ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ଓ ସମିତି ସଭ୍ୟମାନେ ଏନେଇ ଉଦ୍‌ବେଗ, ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଧାୟକଙ୍କ ଚିଠି ଅନୁଯାୟୀ ବୈଠକ କାହିଁକି ବାତିଲ କରାଗଲା, ପଞ୍ଚାୟତ ସମିତି ବୈଠକ ଡାକିବାର କ୍ଷମତା କାହାର ବୋଲି ପ୍ରଶ୍ନ ଉଠାଇଛନ୍ତି। କେବଳ ସେତିକି ନୁହେଁ, ୨୭ ତାରିଖ ହେବାକୁ ଥିବା ବୈଠକକୁ କେଉଁ ପରିସ୍ଥିତିରେ ବାତିଲ କରାଗଲା ଓ ପଞ୍ଚାୟତ ସମିତି ବୈଠକ ଡାକିବାର କ୍ଷମତା କାହାର ବୋଲି ବ୍ଲକ ଅଧ୍ୟକ୍ଷଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟମାନେ ସୁନ୍ଦରଗଡ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ସ୍ପଷ୍ଟୀକରଣ ମାଗିଛନ୍ତି। ଏହାର ନକଲ ପାନପୋଷ ଉପଜିଲାପାଳ ଓ ନୂଆଗାଁ ବିଡିଓଙ୍କୁ ମଧ୍ୟ ଦିଆଯାଇଛି। ଏପରିକି ବୈଠକ ବାତିଲ ହେବା ଦ୍ୱାରା ନୂଆଗାଁ ବ୍ଲକ ପାଇଁ ଯେଉଁ ଉନ୍ନୟନ କାର୍ଯ୍ୟର ଖସଡା ପ୍ରସ୍ତୁତ ହେବା କଥା କିମ୍ବା ବିଭିନ୍ନ ପ୍ରକାର ଆଲୋଚନା ହେବା କଥା ତାହା ବାଧାପ୍ରାପ୍ତ ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ବିଧାୟକ ଶଙ୍କର ଓରାମଙ୍କ ପ୍ରତିକ୍ରିୟା ନେବାରେ ସେ କହିଲେ, ମୁଁ କୌଣସି ସମିତି ବୈଠକ ବାତିଲ କରିନାହିଁ। ଯେହେତୁ ଉକ୍ତ ଦିନ ହାଉସ କମିଟି ମିଟିଂ ଥିଲା। ତେଣୁ ବିଡିଓଙ୍କୁ ଅନ୍ୟ ତାରିଖ ଧାର୍ଯ୍ୟ ପାଇଁ ଚିଠି ଲେଖିଥିଲି। ଏହାକୁ ନେଇ କୌଣସି ରାଜନୀତି କରିବା ଠିକ ନୁହେଁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଗତ କୁଆଁରମୁଣ୍ଡା ସମିତି ବୈଠକରେ ମଧ୍ୟ ଯୋଗଦେଇଥିଲି। ସେଠାରେ ସବୁ ଦଳର ବ୍ୟକ୍ତିବିଶେଷ ମୋ ସହିତ ମିଶି ଉନ୍ନୟନ ପ୍ରସଙ୍ଗ ଆଲୋଚନା କରିଥିଲେ। ବହୁ ଶାନ୍ତିପୂର୍ଣ୍ଣ ଭାବରେ ସମିତି ବୈଠକ ହୋଇଥିଲା। ହେଲେ ନୂଆଗାଁ ପଞ୍ଚାୟତ ସମିତି ବୈଠକରେ ମୋର ଉପସ୍ଥିତି ବୋଧେ କିଛି ଲୋକ ପ୍ରତିନିଧି ଚାହୁଁ ନାହାନ୍ତି। ଯେହେତୁ ଜଣେ ଲୋକ ପ୍ରତିନିଧି ତେଣୁ ଲୋକଙ୍କ ସମସ୍ୟା ପାଇଁ ମୁଁ ପଞ୍ଚାୟତଠାରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ସବୁଠି ନ୍ୟାୟ ତଥା ଲୋକଙ୍କ ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରିବି ବୋଲି ସେ ସ୍ପଷ୍ଟ ଭାବରେ କହିଥିଲେ। ଏନେଇ ପଞ୍ଚାୟତ ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନା କହିଲେ, ପଞ୍ଚାୟତ ସମିତି ବୈଠକ ବାତିଲ ହୋଇନାହିଁ। ବିଧାୟକଙ୍କ ଚିଠିକୁ ସମ୍ମାନ ଜଣାଇ ବୈଠକ ଘୁଞ୍ଚାଇ ଦେଇଛୁ।



ନୂଆଗାଁ ପଞ୍ଚାୟତ ସମିତି।

## ଜିଲା ସବ୍‌ଜୁନିୟର, ଜୁନିୟର ଭାରୋତ୍ତୋଳନ ଚୟନ ୩୧ରେ

**ସୁନ୍ଦରଗଡ଼, ୨୭।୮ (ଡି.ଏନ୍.ଏ)**

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆସନ୍ତା ଅଗଷ୍ଟ ୩୧ରେ ସୁନ୍ଦରଗଡ ଜିଲାର ସବଜୁନିୟର ଓ ଜୁନିୟର ଭାରଉତ୍ତୋଳନ ଦଳ ଚୟନ ଶିବିର ଅନୁଷ୍ଠିତ ହେବ। ସୁନ୍ଦରଗଡ ଷ୍ଟାଡିୟମଠାରେ ଶନିବାର ସକାଳ ୧୦ଟାରେ ଏହି ଶିବିରରେ ଏହି ଭାରଉତ୍ତୋଳନ ଦଳ ଚୟନ କରାଯିବ । ଆଗ୍ରହୀ ଖେଳାଳିମାନେ ଉକ୍ତ ଦିନ ନିଜର ଜନ୍ମତାରିଖ ପ୍ରମାଣପତ୍ର ,ଆଧାରକାର୍ଡ ଦାଖଲ କରି ନିଜର ନାମ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ଯେଉଁମାନେ ପୂର୍ବରୁ ରାଜ୍ୟ ଉତ୍ତୋଳନ ସଂଘରେ ତାଙ୍କର ନାମ ପଞ୍ଜିକରଣ କରି ସାରିଛନ୍ତି ସେମାନେ ମଧ୍ୟ ୩୧ ତାରିଖ ସୁନ୍ଦରଗଡ ଷ୍ଟାଡିୟମରେ ନିଜର ନାମ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ସେପ୍ଟେମ୍ବର ୭ ଓ ୮ରେ ବ୍ରହ୍ମପୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ସବିଶେଷ ତଥ୍ୟ ପାଇଁ ଜିଲା କ୍ରୀଡା ସଂସଦ ସହିତ ଯୋଗାଯୋଗ କରିବା ପାଇଁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୂଚନା ଦେଇଛନ୍ତି।

# ମହିଳା କଲେଜରେ ଅଭିଭାବକ, ଶିକ୍ଷକ ସମ୍ମିଳନୀ



ବୈଠକରେ ଅଭିଭାବକ ଓ ଅଧ୍ୟାପିକା ଅଧ୍ୟାପକ।

**ସୁନ୍ଦରଗଡ଼, ୨୭।୮ (ଡି.ଏନ୍.ଏ)**

ସ୍ଥାନୀୟ ସରକାରୀ ମହିଳା କନିଷ୍ଠ ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀଙ୍କର ମାତା ପିତା, ଅଭିଭାବକ ଓ ଅଧ୍ୟାପିକା ଅଧ୍ୟାପକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷା ସୁଷମା ହାଁସଦା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦୂରଦୂରାନ୍ତରୁ ଆସିଥିବା ଛାତ୍ରୀମାନଙ୍କର ମାତା, ପିତା ତଥା ଅଭିଭାବକମାନଙ୍କ ସହ ଆଲୋଚନା କରି ସେମାନଙ୍କ ପିଲାମାନେ କିପରି ଉପଯୁକ୍ତ ଭାବେ ଜ୍ଞାନ ଆହରଣ କରି ଭଲ ନାଗରିକ ହୋଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ଛାତ୍ରୀମାନେ ପରୀକ୍ଷା ଗୁଡିକରେ ରଖିଥିବା ମାର୍କ ସମ୍ପର୍କରେ ଅଭିଭାବକମାନଙ୍କୁ ଅବଗତ କରାଯାଇଥିଲା। ଏଥି ସହିତ ବୋର୍ଡ ପରୀକ୍ଷାରେ କିଭଳି ଉନ୍ନତି କରି ଉତ୍ତମ ପ୍ରଦର୍ଶନ କରିବେ ସେ ନେଇ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜୟ ବେହେରା ପରୀକ୍ଷା ଓ ପରୀକ୍ଷା ନମ୍ବର ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଡ. ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଭବାନୀପାଟଣା ମହାବିଦ୍ୟାଳୟ ସହବନ୍ଧିତ ବିଶ୍ୱବିଦ୍ୟାଳୟ ଘୋଷଣାକୁ ସ୍ୱାଗତ

**ଭବାନୀପାଟଣା,୨୭।୮(ଡି.ଏନ.ଏ.)**

ରାଜ୍ୟ ସରକାର ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଘୋଷଣା କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଭବାନୀପାଟଣା କଲେଜକୁ ସହବନ୍ଧିତ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତ ସରିଛି ଏବଂ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଲେ ବିଜ୍ଞପ୍ତି ପ୍ରକାଶ ପାଇବା ବୋଲି ଘୋଷଣା କରିଥିଲେ।

# ଅରୁଣ ଜେଟ୍‌ଲୀଙ୍କୁ ଶ୍ରଦ୍ଧାଞ୍ଜଳି

**ବଡଗାଁ, ୨୭।୮ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବସ୍ତି ସ୍ଥିତ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ସ୍ୱର୍ଗତ ଅରୁଣ ଜେଟଲୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ଜିଲା ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ବଡଗାଁ ମଣ୍ଡଳ ସଭାପତି ପିଣ୍ଟୁ ହୋତା, କାର୍ଯ୍ୟକାରୀ ସଭାପତି ଦିଲୀପ ସେନାପତି, କର୍ମକର୍ତ୍ତା ସୀତାରାମ କେଶରୀ, ଫକିର ମୋହନ ପୃଷେଟ ପ୍ରମୁଖ ଯୋଗଦେଇଥିଲେ । ରାଜ୍ୟ ସାଧାରର ସମ୍ପାଦକ ପଟେଲ, ଜେଟଲୀଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କରେ ଆସିଥିବା ଅନୁଭୂତି ବର୍ଣ୍ଣନା କରିବା ସହ ଜେଟଲୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ସମସ୍ତ କର୍ମକର୍ତ୍ତା, ଜେଟଲୀଙ୍କ ବିୟୋଗ ଦେଶ ପାଇଁ ବଡକ୍ଷତି ବୋଲି ବର୍ଣ୍ଣନା କରି ତାଙ୍କ ଦ୍ୱାରା ନୋଟବନ୍ଦି ଓ ଜିଏସଟିର ପ୍ରଚଳନର ଲାଭ ଭାରତକୁ ମିଳିବ କହିଥିଲେ ।



ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ, ଭାଜପା କର୍ମକର୍ତ୍ତା।

# ପାଣି ପାଇଁ ଆର୍‌ଏମ୍‌ଡି ସେଲ୍ ଫାଟକ ସମ୍ମୁଖରେ ବିକ୍ଷୋଭ

**ଲହୁଣୀପଡା, ୨୭।୮ (ଡି.ଏନ.ଏ)**

ବରସୁଆଁ ଆରଏମଡି ସେଲ ମାଇନ୍ସ ଫାଟକ ସମ୍ମୁଖରେ ପାନୀୟ ଜଳ ଯୋଗାଣ ଦାବିରେ ଭାରତୀୟ ଜନତା ପାର୍ଟି (ଭାଜପା) ମହିଳା ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯାଇଥିବା ଜଣାଯାଇଛି। ପାନୀୟ ଜଳ ଯୋଗାଣର ଟାଳଟୁଳ ନୀତି ଯୋଗୁ ଏହି ଆନ୍ଦୋଳନ କରାଯାଇଥିଲା। ବକ୍ସି ହାଟିଙ୍ଗ, ବାଙ୍କା ବଜାର, ଲାଲ ବିଲ୍ଡିଂ ବସଷ୍ଟାଣ୍ଡ, ଲେବର ହାଟିଙ୍ଗ, ବିଏନଆର ବସ୍ତି, ମେଡିକାଲ ବସ୍ତି, ତଳ ବଜାର ପ୍ରଭୃତି ବିଭିନ୍ନ ସ୍ଥାନରେ ଶତାଧିକ ଲୋକେ ବସବାସ କରୁଛନ୍ତି। ମାତ୍ର ଏମାନେ ପାଣି ଟୋପେ ପାଇଁ ଅନେକ ହିନସ୍ଥା ହେଉଛନ୍ତି। ବହୁ ସମୟରେ ଦାବି କରିଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ପ୍ରତିବାଦରେ ମହିଳା ମୋର୍ଚ୍ଚା ସଭାପତି ଲିଲିମା ମାହାନ୍ତ ଏବଂ ସମ୍ପାଦିକ ବାଲେନ ଲୁଗୁନଙ୍କ ନେତୃତ୍ୱରେ ଶତାଧିକ ବସ୍ତି ବାସିନ୍ଦା ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ପାଣି ଯୋଗାଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀ କହିଥିଲେ। ଖୁବଶୀଘ୍ର ପାଇପରେ ପାଣି ଯୋଗାଇ ଦିଆଯିବ ବୋଲି ଆରଏମଡି ସେଲ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।



ପାନୀୟ ଜଳ ପାଇଁ ମହିଳାମାନେ ବିକ୍ଷୋଭ କରୁଛନ୍ତି।

## ନୂଆଁଖାଇ ଭେଟ ପ୍ରସ୍ତୁତି ବୈଠକ

**ରିଷିଡା,୨୭।୮(ଡି.ଏନ.ଏ.):** କର୍ଲାମୁଣ୍ଡା ବ୍ଲକ ତେରେସିଂହା ମା' ମାଣିକେଶ୍ୱରୀ ଯୁବ କଳା ଅନୁଷ୍ଠାନ ତରଫରୁ ନୂଆଁଖାଇ ଭେଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଶ୍ୱମ୍ଭର ଭୋଇ ଅଧକ୍ଷତା କରିଥିବା ବେଳେ ରୋହିତ ରଣା, ମନୁ ରଣା, ଅଚ୍ୟୁତ ରଣା, ବୁଲୁ ରଣା ପ୍ରମୁଖ ଉପସ୍ଥିତ ଥିଲେ । ନୂଆଁଖାଇ ଭେଟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# ପାଣିରେ ବୁଡ଼ି ଶିଶୁ ମୃତ

**ବେଦବ୍ୟାସ, ୨୭।୮ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟ୍ରାଇଁସର ଗ୍ରାମର ଜଣେ ଶିଶୁର ସୋମବାର ପାଣିରେ ବୁଡି ମୃତ୍ୟୁ ହୋଇଛି। ମଙ୍ଗଳବାର ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତବରଣ କରିଥିବା ନାବାଳକଙ୍କ ନାମ ଯୋସେଫ ଖେସ (୩)। ସୋମବାର ସନ୍ଧ୍ୟା ପ୍ରାୟ ୬ଟାରେ ଯୋସେଫ ଘର ନିକଟରେ ଖେଳୁ ଖେଳୁ ଏକ ପାଣି ଗାଡ଼ରେ ପଶି ବୁଡି ଗୁରୁତର ହୋଇଯାଇଥିଲେ। ଘର ଲୋକେ ଖୋଜା ଖୋଜି କରି ହଠାତ ଦେଖିବାକୁ ପାଇଥିଲେ ଯେ, ଯୋସେଫ ପାଣି ଗାଡ଼ରେ ବୁଡି ଉବୁଟୁବୁ ହେଉଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆରଜିଏଚ ରାଉରକେଲାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ମଙ୍ଗଳବାର ଯୋସେଫଙ୍କ ମୃତ ଶରୀର ବ୍ୟବଚ୍ଛେଦ କରାଯିବା ପରେ ଘର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି।

# ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ଜିଲା ପରାମର୍ଶଦାତା କମିଟି ବୈଠକ

**ସୁନ୍ଦରଗଡ଼, ୨୭।୮ (ଡି.ଏନ୍.ଏ)**

ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ୍ ୧୯୯୪ର ଜିଲାପରାମର୍ଶଦାତା କମିଟି ଏବଂ ଜିଲା ଟାସ୍କଫୋର୍ସ କମିଟିର ଏକ ବୈଠକ ମଙ୍ଗଳବାର ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ଲିଙ୍ଗ ଅନୁପାତ ତଥ୍ୟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାପାଳ ଏବଂ ସମସ୍ତ ସଭ୍ୟ ଜନସଚେତନତା ମାଧ୍ୟମରେ କନ୍ୟା ସନ୍ତାନ ଲିଙ୍ଗହାର ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ସମସ୍ତ ଅଲଟ୍ରା ସାଉଣ୍ଡ କ୍ଲିନିକ ଗୁଡିକୁ ଠିକ ଭାବରେ ତଦାରଖ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଙ୍କଜ କୁମାର ପଟେଲ ଯୋଗଦେଇ ଏସମ୍ପର୍କୀତ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ବୁଧରଞ୍ଜନ ଭୋଇ ଧନ୍ୟବାଦ ଦେଇଥିଲେ।



କମିଟି ବୈଠକରେ ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ।

## ■ ଶହୀଦ ନିର୍ମଳ ମୁଣ୍ଡା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ୧-୦ ଗୋଲ୍‌ରେ ତେଲିପୋଷ ଦଳ ଚାମ୍ପିୟନ

**କୁଆଁରମୁଣ୍ଡା,୨୭।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ତେଲିପୋଷ ଖେଳ ପଡ଼ିଆରେ ରବିବାର ଅପରାହ୍ନରେ ଶହୀଦ ନିର୍ମଳ ମୁଣ୍ଡା ସ୍ମାରକୀ କମିଟି ଓ ବେଦବ୍ୟାସ ଗୁରୁକୂଳ ଆଶ୍ରମ ଟ୍ରଷ୍ଟର ମିଳିତ ଉଦ୍ୟମରେ ଦିନିକିଆ ଫୁଟବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଏହି କ୍ରୀଡା ପ୍ରତିଯୋଗିତା ବେଶ୍ ରୋମାଞ୍ଚକପୂର୍ଣ୍ଣ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ କ୍ରୀଡାପ୍ରେମୀ ଛତାଧରି ଏହି ଖେଳକୁ ଉପଭୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଶେଷରେ ତେଲିପୋଷ ଓ ଡନବସ୍କୋ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତା ହୋଇଥିଲା। ହେଲେ ଶେଷରେ ତେଲିପୋଷ ଦଳ ବିପକ୍ଷ ଡନବସ୍କୋ ଦଳକୁ ୧-୦ ଗୋଲ ଦେଇ ଚାମ୍ପିୟନ ଘୋଷିତ ହୋଇଥିଲା। ଏହି ଅବସରରେ ଶହୀଦ ସ୍ମାରକୀ କମିଟି ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲା ପରିଷଦ ସଭ୍ୟ ମହେଶ ନାଗ ଯୋଗ ଦେଇ ଚାମ୍ପିୟନ ଘୋଷିତ ତେଲିପୋଷ ଦଳକୁ କପ୍ ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ଘୋଷିତ ଡନବସ୍କୋ ଦଳକୁ ମୁଖ୍ୟବକ୍ତା ପଣ୍ଡିତ ଧନେଶ୍ୱର ବେହେରା କପ୍ ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଅନ୍ୟାନ୍ୟ କୃତୀ କ୍ରୀଡାବିତ୍‌ମାନଙ୍କୁ ସମ୍ମାନିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସୁବାଷ ଚନ୍ଦ୍ର ଲେଙ୍କା, ରାଜୁ ମହାନ୍ତ, ଗୁରୁଚରଣ ସାହୁ, ଶତ୍ରୁଘ୍ନ ଲେଙ୍କା, କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟା ସୁନିତା ଅହିର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଡା.ଉମାକାନ୍ତ ପଣ୍ଡା ପରିଚାଳନା କରିଥିବା ବେଳେ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଞ୍ଚାଳନ କରିଥିଲେ।



ଶହୀଦ ସ୍ମାରକୀ କମିଟି ପକ୍ଷରୁ ଆୟୋଜିତ ଫୁଟବଲ୍ ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଗୋଡ଼ଭଗା ନାଗରିକ କମିଟି ବୈଠକ

ଅତାବିରା, ୨୭।୮ (ଡି.ଏନ.ଏ)

ଅତାବିରା ବ୍ଳକ ଗୋଡଭଗା ନାଗରିକ କମିଟିର ବାର୍ଷିକ ବୈଠକ ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି । କମିଟି ସଭାପତି ହାରାଧର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୂତନ କମିଟି ଗଠନ କରାଯାଇଥିଲା। ହାରାଧନ ବାରିକ ସଭାପତି, ଏମ. ସତ୍ୟନାରାୟଣ ଉପସଭାପତି, ଉପେନ୍ଦ୍ର ପଣ୍ଡା ସାଧାରଣ ସମ୍ପାଦକ, ହାଡୁ କର୍ଣ୍ଣ ସଙ୍ଗଠନ ସଂଯୋଜକ, କୁନୁବାବୁ ଗଡତିଆ ସହ ସମ୍ପାଦକ, ଲକ୍ଷ୍ମଣ ଭୋଇ କୋଷାଧକ୍ଷ ଭାବେ ମନୋନିତ ହୋଇଛନ୍ତି । ରାମନାରାୟଣ ରଥ, ଶେଷଦେବ ପ୍ରଧାନ, ମିତ୍ରଭାନୁ ମିର୍ଦ୍ଧା, ନାଭିଦତ୍ତ ବୁଡେକ, ଶିବଶଙ୍କର ମହାକୁର ସଦସ୍ୟ ଓ ସୌକିଲାଲ ମିଶ୍ର, କେଶବ ପ୍ରଧାନ ଉପଦେଷ୍ଟା ରହିଛନ୍ତି । ଶ୍ରୀନିବାସ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ଅତାବିରା, ୨୭।୮ (ଡି.ଏନ.ଏ)

ଅତାବିରା ବ୍ଲକ ଗୋଡଭଗା ନାଗରିକ କମିଟିର ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ହାରାଧନ ବାରିକଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କରାଯାଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ନୂଆଁଖାଇ ଭେଟଘାଟ ଦିନ ଅଞ୍ଚଳର ଜଣେ ଶିକ୍ଷାବିତ୍‌ଙ୍କୁ ସାରସ୍ୱତ ନାଗରିକ ସମ୍ମାନ, ୫ଜଣ ବରିଷ୍ଠ ନାଗରିକଙ୍କୁ ନାଗରିକ ସମ୍ମାନ, ଯୁକ୍ତ ୨ ଓ ଯୁକ୍ତ ୩ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ର ଏବଂ ମାଟ୍ରିକ ପରୀକ୍ଷାରେ ଅଞ୍ଚଳର ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ନାଗରିକ କମିଟି ସଭାପତି ବାରିକ ଜଣାଇଛନ୍ତି ।

### ଜ୍ଞାନବିଜ୍ଞାନ ମେଳାରେ ୨୪୫ ପ୍ରକଳ୍ପ ପ୍ରଦର୍ଶିତ

ଅତାବିରା, ୨୭।୮ (ଡି.ଏନ.ଏ)

ଭେଡେନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । କାଦୋବାହାଲ କଲେଜ ଅଧକ୍ଷ ସୁରେନ୍ଦ୍ର କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଶିଳ୍ପପତି ପୁଚ୍ଛା ସୁରୁବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଙ୍କୁଳ ସଂଯୋଜକ ଅଶୋକ ସାହୁ, ସଙ୍କୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ, ପରିଚାଳନା କମିଟି ଉପସଭାପତି ଶମ୍ଭୁରାମ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ମେଳାରେ ୨୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଆଚାର୍ଯ୍ୟ ସାନ୍ତ୍ୱନା ପୁରୋହିତ, ସୁଜିତ ଆଚାର୍ଯ୍ୟ, ନିଶାନ୍ତ ମହାରଣା, ଅଶୋକ ଧର, ସୁରେନ୍ଦ୍ର ବିଶି, ଗଜରାଜ ଦୁଆନ ପ୍ରମୁଖ ମେଳା ପରିଚାଳନା କରିଥିଲେ । ଶେଷରେ ପରିଚାଳନା କମିଟି ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ୯ଟି ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

### ଦୁର୍ଗାପୂଜା କମିଟି ଗଠିତ

ଭେଡ଼େନ,୨୭।୮(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆସନ୍ତା ଦୁର୍ଗାପୂଜାକୁ ସୁଚାରୁ ଭାବେ ପାଳନ କରିବା ପାଇଁ ନୂତନ କମିଟି ମାନ ଗଠିତ ହୋଇଛି । ଭେଡ଼େନ ଗ୍ରାମରେ ଆସନ୍ତା ୫୩ ତମ ଦୁର୍ଗାପୂଜା ପାଇଁ ସୋମବାର ସ୍ଥାନୀୟ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଏକ ସଭାରେ ନୂତନ କମିଟି ଗଠିତ ହୋଇଛି । ଏହି କମିଟିରେ ଦଶରଥ ମେହେର ସଭାପତି, ସ୍ୱାଧୀନ କୁମାର ରଥ ଉପସଭାପତି, ନିତ୍ୟାନନ୍ଦ ମେହେର, ମାନଭଞ୍ଜନ ମଡ଼ପାଚି ସମ୍ପାଦକ, ଗୌରଚନ୍ଦ୍ର ଅଦାବର ସହ ସମ୍ପାଦକ, ରାଜେଶ ଅଗ୍ରୱାଲ କୋଷାଧକ୍ଷ ଭାବେ ପ୍ରମୁଖ ମନୋନିତ ହୋଇଥିଲେ। ଉପଦେଷ୍ଟା କମିଟିରେ ୯ ଜଣ ସଦସ୍ୟ ଅଛନ୍ତି । ରେମଣ୍ଡା ଦୁର୍ଗାପୂଜା ସକାଶେ ପୂର୍ବତନ ସଭାପତି ଆଶିଷ କୁମାର ମାହାରଙ୍କ ପରିଚାଳନାରେ ହୋଇଥିବା ବୈଠକରେ ନୂତନ କମିଟିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଦୀପକ ଭୋଇ, ଉପସଭାପତି ଟିଟୁ ପଟେଲ, ସମ୍ପାଦକ ସୁଦାମ ସାହୁ, ସହ ସମ୍ପାଦକ ଯଦୁମଣି ପ୍ରଧାନ, କୋଷାଧକ୍ଷ ପ୍ରଭଞ୍ଜନ ଶତପଥି ଏବଂ ସହ କୋଷାଧକ୍ଷ ଭାବେ ହେମନ୍ତ କୁମାର ନାୟକ ମନୋନିତ ହୋଇଛନ୍ତି ।

■ ସହରବାସୀଙ୍କ ସମସ୍ୟା ନେଇ କଂଗ୍ରେସ ନେତାଙ୍କ ଉଦ୍‌ବେଗ

# ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା ଅଫିସ,୨୭।୮

ସ୍ମାର୍ଟ ସିଟି ରାଉରକେଲାବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ନେଇ ବାରମ୍ବାର ଅଭିଯୋଗ କରୁଛନ୍ତି। ଏହା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଏନେଇ କଂଗ୍ରେସ ନେତୃମଣ୍ଡଳୀ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ, ବୀରେନ ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଉରକେଲା ଅତିରିକ୍ତ ଜିଲାପାଳ ଯେଦୁଲ୍ଲା ବିଜୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଗତ ଜୁନ ମାସରୁ ମଧୁବାବୁ ପେନସନ ଯୋଜନାରେ ପ୍ରାୟ ୭ ଶହ ହିତାଧିକାରୀଙ୍କ ଭତ୍ତା ମଞ୍ଜୁରୀ କରାଯାଇଛି। ଏହା ସତ୍ତ୍ୱେ ହିତାଧିକାରୀମାନଙ୍କୁ ଟଙ୍କା ମିଳିପାରୁ ନାହିଁ। ହିତାଧିକାରୀମାନେ ବାରମ୍ବାର ମହାନଗର କାର୍ଯ୍ୟାଳୟକୁ ଧାଉଁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା କଂଗେସ ନେତା ତିର୍କୀ ଅଭିଯୋଗ କରିଛନ୍ତି। ଗତ ୩ ବର୍ଷ ହେବ ସ୍ୱେରେଜ ଲାଇନ୍ ପାଇପ୍ ବିଛା ଆଳରେ ଲୋକଙ୍କୁ ଯେଉଁ ଦୁର୍ଦ୍ଦଶା ମଧକୁ ଠେଲି ଦିଆଯାଇଛି ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ। ସହରର ବିଭିନ୍ନ ସ୍ଥାନରେ ଗର୍ତ୍ତ ଓ ମାଟି ସ୍ତୁପ ଲୋକଙ୍କୁ ନାକେଦମ କରୁଥିବା ବେଳେ ଏହି ଦିଗରେ କୌଣସି ଦୃଷ୍ଟି ଦିଆଯାଉ ନାହିଁ। ଏହାକୁ ନେଇ ପ୍ରତ୍ୟକ ଦିନ ସହରରେ ଛୋଟ ବଡ ଦୁର୍ଘଟଣା ଘଟିବାରେ ଲାଗିଛି। ସେହିପରି ରାଉରକେଲା ସହର ମଧ ଦେଇ ଯାଇଥିବା ୧୪୩ ନଂ ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ ହୋଇପଡିଛି। ରାଉରକେଲା ପ୍ରବେଶ ପଥ ଗାନ୍ଧୀ ଛକ ଅବସ୍ଥା ନ କହିଲେ ଭଲ। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏହାର ମରାମତି କରିବାକୁ ଉଚିତ ମଣୁ ନ ଥିବା ଅଭିଯୋଗ ହୋଇଛି। ସହରରେ ଅନ୍ୟ ଏକ ସମସ୍ୟା ହେଉଛି ବିଜୁଳି କାଟ। ଏନେଇ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନେକ ପ୍ରତିଷ୍ଠିତ ବ୍ୟବସାୟିକ ଅନୁଷ୍ଠାନ, ଡାକ୍ତରଖାନା ଓ ଶିକ୍ଷା ଅନୁଷ୍ଠାଗୁଡିକ ପ୍ରଭାବିତ ହେବାରେ ଲାଗିଛି। ଅନ୍ୟପକ୍ଷେ ଘରୋଇ ସ୍କୁଲଗୁଡିକରେ ମନ ଇଚ୍ଛା ଫି ବୃଦ୍ଧି ନେଇ ଅଭିଭାବକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରାଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ କଂଗ୍ରେସ ନେତୃମଣ୍ଡଳୀ ଦାବି କରିଛନ୍ତି। ଏଥିରେ କଂଗ୍ରେସ ନେତା ରାମାନନ୍ଦ ଶ୍ରୀଚନ୍ଦନ, ଜ୍ଞାନେନ୍ଦ୍ର ଦାସ, କୈଳାସ ସାହୁ, ବିନୋଦ ରାଉତ, ପ୍ରଶାନ୍ତ ସେଠ, ନିହାର ଦାସ, ପ୍ରଫୁଲ୍ଲ ପ୍ରଧାନ, ସଂଗ୍ରାମ ବେହେରା, ନିରୁପମା ବଳିଆରସିଂ, ବିଶ୍ୱରଞ୍ଜନ ରାଉତ, ସୂର୍ଯ୍ୟକାନ୍ତ ବାରିକ, ଜ୍ୟୋତି ଡୁଙ୍ଗଡୁଙ୍ଗ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ ନେତୃମଣ୍ଡଳୀ।

## ଏସ୍‌ପିଙ୍କ ସହ ଆଇନଜୀବୀ ସଂଘର ଆଲୋଚନା

ରାଉରକେଲା ଅଫିସ,୨୭।୮

ରାଉରକେଲାର ନୂତନ ଏସ୍‌ପି ଭାବେ ଯୋଗ ଦେଇଥିବା କେ.ଶିବା ସୁବ୍ରମଣିଙ୍କୁ ମଙ୍ଗଳବାର ଓକିଲ ସଂଘ ପକ୍ଷରୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସଂଘ କର୍ମକର୍ତ୍ତା ଷ୍ଟିଲ ସିଟିର ବିଭିନ୍ନ ସମସ୍ୟା ଏବଂ ସହରରେ କିପରି ଆଇନଶୃଙ୍ଖଳା ବଜାୟ ରହିବ ସେନେଇ ଆଲୋଚନା କରିଥିଲେ। ଏପରି କି ସହରରେ ବେପରୁଆ ବାଇକ୍ ଚାଳନା ବୃଦ୍ଧି ପାଉଥିବା କର୍ମକର୍ତ୍ତା ଏସ୍‌ପିଙ୍କୁ ଜଣାଇଥିଲେ। ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ସେହିପରି ସହରର ବିଭିନ୍ନ ଥାନାରେ ପଡି ରହିଥିବା ୱାରେଣ୍ଟ କାର୍ଯ୍ୟକାରୀ କରିବା ସହ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସି ଟିଭି ଲଗାଇବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। ଏଥିରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସୋହେଲାରେ ଫଟୋଗ୍ରାଫି କର୍ମଶାଳା

ସୋହେଲା,୨୭।୮(ଡି.ଏନ.ଏ)

ବରଗଡ ଜିଲା ସୋହେଲା ଅଗ୍ରସେନ ଭବନରେ ମଙ୍ଗଳବାର ରାଜବୋରାସମ୍ବର ଫଟୋଗ୍ରାଫି ଆସୋସିଏଶନ ତରଫରୁ ଏକ ଫଟୋଗ୍ରାଫି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନିକନ ଇଣ୍ଡିଆର ଓଡିଶା ମେଣ୍ଟର ଆଶୁତୋଷ ସାହୁ ଓ ଦେବେଶ ମାଝି କର୍ମଶାଳା ପରିଚାଳନା କରିଥିଲେ। ରାଜବୋରାସମ୍ବର ଫଟୋଗ୍ରାଫି ଆସୋସିଏଶନ ସଭାପତି ସୁବାଷ ମେହେର, ସମ୍ପାଦକ ବିକ୍ରମ ପ୍ରଧାନ, ସହ ସମ୍ପାଦକ ସୁନୀଲ ଦାଶ, କୋଷାଧ୍ୟକ୍ଷ ରାଜେଶ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ସୋହେଲା, ବରପାଲି, ବରଗଡ, ପଦ୍ମପୁର ଅଞ୍ଚଳର ଶତାଧିକ ଫଟୋଗ୍ରାଫର ଯୋଗଦେଇ ଫଟୋଗ୍ରାଫି ଉପରେ ଜ୍ଞାନ କୌଶଳ ଶିକ୍ଷାଲାଭ କରିଥିଲେ।



ରୋଗ ନିରାକରଣ ସପ୍ତାହ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

## ରୋଗ ନିରାକରଣ ସପ୍ତାହ ଶୁଭାରମ୍ଭ

ରାଉରକେଲା ଅଫିସ, ୨୭।୮

ଗାୟତ୍ରୀ ଯୋଗ ସାଧନା ଟ୍ରଷ୍ଟ ପରିଚାଳିତ ଉତ୍କଳ ଯୋଗ ଓ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପକ୍ଷରୁ ରୋଗ ନିରାକରଣ ସପ୍ତାହ ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଫେସର ଏସ୍. ଜୟନ୍ତ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ନିୟମିତ ଯୋଗାସନ, ପ୍ରାଣାୟାମ ଏବଂ ଉଚିତ ଆହାର ସେବନ ଦ୍ୱାରା ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ। କାର୍ଯ୍ୟକର୍ତ୍ତା ଅମୂଲ୍ୟ ପାତ୍ର ଯୋଗାଭ୍ୟାସୀ କେବେ ରୋଗକୁ ଡରନ୍ତି ନାହିଁ ବୋଲି କହିଥିଲେ। ଯୋଗବିତ୍ ଗୋବିନ୍ଦରାମ ଅଗ୍ରୱାଲ ଯୋଗାଭ୍ୟାସ ଦ୍ୱାରା ରୋଗ ନିରାକରଣ ସମ୍ଭବ ବୋଲି କହିଥିଲେ। ଆସନ୍ତା ୩୧ ଅଗଷ୍ଟରେ ରୋଗ ନିରାକରଣ ସପ୍ତାହ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମରେ ସଜଳ ଚାନ୍ଦ, କୈଳାସ ସୁବୁଦ୍ଧି, ଅମୂଲ୍ୟ ପାତ୍ର, ରୋନକ ସାହୁ, ମନୋରମା ସୁବୁଦ୍ଧି, ବନ୍ଦନା ସୋରେନ ପ୍ରମୁଖ ସହଯୋଗ କରିଥିଲେ।

## ମାଟିମୂର୍ତ୍ତି କାମ ଦେଇଛି ପରିବାରକୁ ଦାନା

ବରପାଲି, ୨୭।୮ (ଡି.ଏନ.ଏ)

ଗଣେଶ ପୂଜାକୁ ଆଉ କିଛି ଦିନ ବାକି ଥିବାବେଳେ କାରିଗର ମୂର୍ତ୍ତିଗଢ଼ି ରଙ୍ଗ କରିବାରେ ଲାଗିପଡିଛନ୍ତି। ସେମାନଙ୍କ ମଧରେ ଅଛନ୍ତି ବରପାଲି କୁମ୍ଭାରପଡାର ଜିତେନ୍ଦ୍ର ରଣା (୪୫)। ସେ ତାଙ୍କ ବାପ, ଅଜା ଅମଳରୁ ଏହି ମୂର୍ତ୍ତି ନିର୍ମାଣ କରି ନିଜର ଜୀବନ ଜିବିକା ନିର୍ବାହ କରି ଆସୁଛନ୍ତି। ଏଥିପାଇଁ ସେ ବର୍ଷସାରା ସଂଘର୍ଷ ଜାରି ରଖିଛନ୍ତି। ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଗଲାଣି। ଗଣେଶ ପୂଜା ପରେ ବିଶ୍ୱକର୍ମା, ଅନନ୍ତ ପୂଜା ଓ ଦୁର୍ଗାପୂଜା ଆଦି ଲାଗି ରହିବ। ଏଥିପାଇଁ କୁମ୍ଭାରପଡାର ମୂର୍ତ୍ତି କାରିଗର ଦେବରାଜ, ରୋହିତ, ପ୍ରେମା ଓ ଜିତୁ ମୂର୍ତ୍ତି ଗଢ଼ିବାରେ ଦିନ ରାତି ଏକ କରିଦେଇଛନ୍ତି। ସେମାନେ ଜୁଲାଇ ମାସରୁ ମୂର୍ତ୍ତି ଗଢ଼ିବା କାମ ଆରମ୍ଭ କରିଛନ୍ତି। ଏହାପରେ ଆଗକୁ ଅଛି ଦୁର୍ଗା ଓ କାଳୀପୂଜା। ଏଥିପାଇଁ ସେମାନଙ୍କୁ ଆଉ ଫୁରସତ ନାହିଁ ବୋଲି କୁହନ୍ତି ଏହି ମୂର୍ତ୍ତି କାରିଗର। ମୂର୍ତ୍ତି ନିର୍ମାଣ କାମ ସରିବା ପରେ ତାକୁ ଖରାରେ ଶୁଖାଇ ରଙ୍ଗ ଦେବାକୁ ହୋଇଥାଏ। ଏହାକୁ ବର୍ଷ ବର୍ଷ ଧରି ନିଜ ପେଶା ଭାବେ ଆଦରି ନେଇଥିବା ମୂର୍ତ୍ତି କାରିଗରଙ୍କ ପାଇଁ ଆବଶ୍ୟକ ମାଟି, ବାଉଁଶ ଓ ନଡାପୁଆଲ ମିଳୁ ନ ଥିବାରୁ ମୂର୍ତ୍ତି ଗଢ଼ିବାରେ ସମସ୍ୟା ହେଉଛି। ସେହିପରି ଆଖପାଖ ଅଞ୍ଚଳରେ ଚିଟିକା ମାଟି ମିଳୁ ନ ଥିବାରୁ ଦୂର ଦୂରାନ୍ତରୁ ଟ୍ରାକ୍ଟର ଯୋଗେ ମାଟି ଆଣିବାକୁ ପଡିଥାଏ। ଏଥିପାଇଁ ଟ୍ରାକ୍ଟର ପିଛା ହଜାରେ ଟଙ୍କା ଦେବାକୁ ପଡିଥାଏ। ଏହା କୌଳିକ ବୃତ୍ତି ହୋଇଥିବାରୁ ପର୍ବ ପର୍ବାଣୀରେ ମୂର୍ତ୍ତି ଗଢ଼ିବା ପେଷାକୁ ଛାଡି ପାରୁନାହାନ୍ତି ବୋଲି ଏହି କାରିଗରମାନେ କୁହନ୍ତି। ହେଲେ ପ୍ରୋତ୍ସାହନ ମିଳିଲେ ଏହି ମାଟିଶିଳ୍ପ ଆଗକୁ ବଢ଼ି ପାରନ୍ତା ବୋଲି ସେମାନେ କହିଛନ୍ତି। ତେବେ ପ୍ରୋତ୍ସାହନ ମିଳୁ ନ ଥିବାରୁ କେବଳ ମାଟିରେ ଘାଣ୍ଟି ହେବା ସାର ହେଉଛି ବୋଲି କାରିଗର ଜିତେନ୍ଦ୍ର କୁହନ୍ତି।



ଜଣେ କାରିଗର ମାଟି ମୂର୍ତ୍ତି ତିଆରି କାମରେ ବ୍ୟସ୍ତ ।



ଆମ୍‌କୋ ସିମୋକୋ ସ୍ମୃତି ସଂଗଠନ ପକ୍ଷରୁ ରାଉରକେଲାର ଏସ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

## ଏସ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୨୭।୮

ରାଉରକେଲାର ନୂତନ ଏସ୍‌ପି ଭାବେ ଯୋଗଦେଇଥିବା କେ. ଶିବା ସୁବ୍ରମଣିଙ୍କୁ ମଙ୍ଗଳବାର ଆମ୍‌କୋ ସିମୋକୋ ସ୍ମୃତି ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସଂଗଠନ କର୍ମକର୍ତ୍ତା ସହରର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ଏଥିରେ ରବି ପ୍ରଧାନ, ଓମପ୍ରକାଶ ମଲ୍ଲିକ, ଅନନ୍ତ ବାର୍ଲା, ଦାଶରଥି ସେଠୀ, ବିଶ୍ୱପ୍ରକାଶ ବେହେରା, ଉମାକାନ୍ତ ପଣ୍ଡା, ଘନଶ୍ୟାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଭତା, ଆବାସ ଘର କାର୍ଯ୍ୟାଦେଶ ପାଏଲେ ଉତ୍ତର

ଅତାବିରା, ୨୭।୮ (ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଉଦେପୁର ଗାଁର ଉତ୍ତର ଝାଙ୍କର(୭୦) ଆର ମାଏକିନା ତାରା ଝାଙ୍କର(୬୫)। ଉତ୍ତର ଦିବ୍ୟାଙ୍ଗ ହେଇଥିଲାବେଲେ ତାରା ଝନେ ମାନ୍‌ସିକ ରୁଗୀ। ଇ ଦମ୍ପତି ନିହାତି ଗରିବ୍ ହେଇଥିଲାବେଲେ ତାକର ପିଲାଛୁଆ ବି ନାଁଇଁନ। ଦମ୍ପତି ଗୁଟେ ନଡ଼ାଛପର ମାଏଟ୍ କୁରିଆରେ ରହୁଥିଲେ। ହେଲେ ଆଏଜ୍‌କେ ୧୦ ବଛର ତଲେ ଝରି ବରଷାରେ ତାକର ଘରଟା ଭାଂଗି ଯାଇଥିଲା। ସେଦିନ୍‌ଠାନୁ ଦୁଇ ବୁଢ଼ାବୁଢ଼ି ଇନେ ସେନେ ହେଇ ଦିନ୍ ବିତଉଥିଲେ। ଇ ସମିଆରେ ତାରା ମାନ୍‌ସିକ ରୋଗ୍‌ରେ ପୀଡ଼ିତ ହେଇଥିଲେ। ଏନ୍‌ତାଥି ସେ କେତେବେଲେ ଉତ୍ତରକଁର ପାସେ ରହୁଥିଲାବେଲେ ଆର କେତେବେଲେ ଇଆଡ଼େ ସେଆଡ଼େ ବୁଲି ଜୀବନ୍ ବିତଉଛନ୍। ତାକର ଚିକିଛା ଲାଗି ଉତ୍ତର ସକ୍ଷମ ନୁହଁନ୍। ସେନ୍‌ତା ଇ ଦମ୍ପତି ବୁଢ଼ାବୁଢ଼ି ଭତା, ଆବାସ ଯୋଜନାରୁ ବି ବଁଚିତ୍ ହେଇ ରହିଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଲାଗ୍ ଲାଗ୍ ଖବର ବାହାରିଥିଲା। ଖବର ବାହାରଲାରୁ ଥାନୀୟ ପରଶାସନର ଚେତା ପଶିଥିଲା। ପରଶାସନ ଉତ୍ତରକୁଁ ଭିନ୍ନକ୍ଷମ ଭତା ଯୁଗେଇ ଦେଇଥିଲାବେଲେ ତାରାକଁର ଭୋଟ ପରିଚଏପତର, ଆଧାର କାର୍ଡ ଅଭାବୁ ସେ ଭତାରୁ ବାଦ୍ ପଡ଼ିଥିଲେ। ହେଲେ ଧରିତ୍ରୀରେ ଇ ବାବ୍‌ଦେ ଫେନ୍ ଖବର ବାହାରଲାରୁ ପରଶାସନ ତାରାକଁର ଭୋଟ ପରିଚଏ ପତରର, ଆଧାର କାର୍ଡର ବେବସ୍‌ତା କରିଛେ। ସେନ୍‌ତା ପରଶାସନ ଉତ୍ତରକୁଁ ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ବି ସାମିଲ କରିଛେ। ତା.୧୭.୮.୨୦୧୯ ପରଶାସନ ଘର ମଂଜୁର କରବାର ସଂଗେ ସୋମବାର କାର୍ଯ୍ୟାଦେଶ ସଂଖ୍ୟା ୪୨୫/୧୯ରେ ତାହାକୁ ଘର ତିଆରିବାକେ ଅନୁମତି ଦେଇଛେ। ତାରାକଁର ଭତା ବାବ୍‌ଦେ ଭେଡ଼େନ ବିଡିଓ ମୂରଲୀଧର ନାୟକକୁଁ ପଚରାଲାରୁ ତାହାକୁ ଭୋଟ ପରିଚଏ ପତର, ଆଧାର କାର୍ଡ ଯୁଗେଇ ଦିଆଯାଇଛେ। ସେ ଫର୍ମ ଭରି ଆବେଦନ କଲେ ଯେତେ ଜଲଦି ହେବା ତାହାକୁ ଭତା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

ଧରିତ୍ରୀ ପ୍ରଭାବ



ଦିବ୍ୟାଙ୍ଗ ଉତ୍ତର ଝାଙ୍କର ଆବାସ ଘର କାର୍ଯ୍ୟାଦେଶ ଦେଖଉଛନ୍।

## ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିକଲେ ଗ୍ରାମବାସୀ

ବରଗଡ଼ ଅଫିସ୍,୨୭।୮

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଜାମୁଣ୍ଡା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ବଦଳି କରିବା ଏବଂ ତାଙ୍କ ସ୍ଥାନରେ ଅନ୍ୟ ଜଣେ ପ୍ରଧାନଶିକ୍ଷକଙ୍କୁ ସ୍କୁଲରେ ଅବସ୍ଥାପିତ କରିବାକୁ ଦାବି ହୋଇଛି । ଏହି ଦାବି ନେଇ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି । ଏ ନେଇ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, କୁଜାମୁଣ୍ଡା ସ୍କୁଲରେ ୨ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ଦୁଇ ଶିକ୍ଷକଙ୍କୁ ନେଇ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଚାଲୁଛି । ଏଭଳି ସ୍ଥଳେ ଉକ୍ତ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ନିୟମିତ ସ୍କୁଲକୁ ଆସୁ ନାହାନ୍ତି । ସେ ଅନ୍ୟ ଏକ କମ୍ପାନୀର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ସ୍କୁଲରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି ବୋଲି ସେମାନେ କହିଛନ୍ତି । ଫଳରେ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବା ସହିତ ଅନ୍ୟ ଜଣେ ଦାୟିତ୍ୱସମ୍ପନ୍ନ ପ୍ରଧାନଶିକ୍ଷକଙ୍କୁ ସ୍କୁଲରେ ଅବସ୍ଥାପିତ କରିବାକୁ ଜୟନ୍ତୀ ସିଂ, ମନବୋଧ ସାହୁ, ରାଜୁ ଦେହେରୀ, ଥବିର ବରିହା, ସୁଶାନ୍ତ ସୁନା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।



ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିବା ଗ୍ରାମବାସୀ ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ଗଙ୍ଗାଧର ଜୟନ୍ତୀ

ପାଇକମାଳ, ୨୭।୮(ଡି.ଏନ.ଏ)

ମାଣ୍ଡୋସିଲ ଡିଗ୍ରୀ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ବିନୟ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ସୋହେଲା କଲେଜର ଓଡିଆ ଅଧ୍ୟାପକ ଡା. ଉପେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଅମରେଶ ଠାକୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସନ୍ତୋଷ ସିଂହ ଠାକୁର ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରମ୍ଭରେ ଦେବକାନ୍ତ ନାୟକ ଗଙ୍ଗାଧର ମେହେରଙ୍କ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଧବଳେଶ୍ୱର ସାହା, ସୁମିତାବ ନାୟକ, ଝୁମିନା ପ୍ରଧାନ, ଆଲଫା ଅନୁପମା ପ୍ରଧାନ, ଅନୁସୟା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ନିରାକାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଲେଜ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା।



"ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



# କୋଇଲାଖଣି ବିସ୍ଫୋରଣରେ ଗାଁ ପ୍ରଭାବିତ

■ଗ୍ରାମବାସୀଙ୍କ ଦ୍ୱାରା ଏମ୍‌ସିଏଲ୍ କର୍ମଚାରୀ ଅଟକ
■କର୍ମଚାରୀଙ୍କୁ ଉଦ୍ଧାର କଲା ପୋଲିସ
■ପୋଲିସ୍‌ରେ ଅଭିଯୋଗ କଲେ ଗ୍ରାମବାସୀ

**ନୀଳେନ୍ଦ୍ର କୁମାର ଗଜେନ୍ଦ୍ର**
**ଲଖନପୁର,୨୭।୮ (ଡି.ଏନ୍.ଏ)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କୋଇଲା କ୍ଷେତ୍ରାଧୀନ ବେଲପାହାଡ ଖୋଲାମୁହଁ ୫ନଂ କୋଇଲାଖଣି ସମ୍ପ୍ରସାରଣ ଜୋର୍‌ଦାର୍ ଚାଲିଛି। ଏହି ଖଣି ସମ୍ପ୍ରସାରଣ ହୋଇ ଏବେ କେରୁଆଲବାହାଲ ଗ୍ରାମ ନିକଟରେ ପହଞ୍ଚିଲାଣି। ଗ୍ରାମ ନିକଟରୁ ମାତ୍ର ୫୦ମିଟର ଦୂରତ୍ୱରେ କୋଇଲା ଖଣି କାର୍ଯ୍ୟ ଚାଲିଛି। କୋଇଲା ଉତ୍ତୋଳନ ପାଇଁ ଖଣିରେ ଉଚ୍ଚ କ୍ଷମତା ବିସ୍ଫୋରଣ ହେଉଛି। ଏଥିରେ ଘରର କାନ୍ଥ, ଆଜ୍‌ବେଷ୍ଟ ଛାତ ଆଦି ଭାଙ୍ଗିରୁଜି ଯାଉଛି। ଏଥିରେ ଗ୍ରାମର ମୁନୁ ଖଡିଆ, କାନ୍ଦାର ଖଡିଆ, ମାଧବ ଓରାମ, ମନୋହର ଓରାମ, ପରମେଶ୍ୱର ରୋହିଦାସ, ଗୋବର୍ଦ୍ଧନ ଓରାମ ପ୍ରମୁଖଙ୍କ ଘର ଭାଙ୍ଗିରୁଜି ଗଲାଣି ବୋଲି ଅଭିଯୋଗ କରିଛନ୍ତି। ତଥାପି ଅସୁରକ୍ଷିତଭାବେ ଲୋକେ ଗ୍ରାମରେ ବସବାସ କରୁଛନ୍ତି। ଏନେଇ ଗ୍ରାମବାସୀ ପ୍ରଥମରୁ ଏହାକୁ ବିରୋଧ କରିଆସୁଛନ୍ତି। ଏନେଇ ଅନେକ ଥର ଖଣି କର୍ତ୍ତୃପକ୍ଷ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିବା ନଜିର ରହିଛି। ଏଭଳି ସ୍ଥିତିରେ ମଙ୍ଗଳବାର ମଧ୍ୟାହ୍ନ ୨ଟାରେ ପୁଣି କୋଇଲାଖଣିରେ ଉଚ୍ଚକ୍ଷମତା ବିସ୍ଫୋରଣ ହେବା ଫଳରେ ମାଟି ଓ ପଥର ଖଣ୍ଡସବୁ ଗ୍ରାମର ଘର ଉପରେ ପଡିଥିଲା । ଏଥିରେ ଘରଦ୍ୱାର ଭାଙ୍ଗିରୁଜି ଯାଇଛି । କିନ୍ତୁ ଏଥିରେ ଲୋକେ ଓ ଗୃହପାଳିତ ପ୍ରାଣୀ କେହି କିଛି ହୋଇନାହାଁନ୍ତି। ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଥିରେ ଅସନ୍ତୋଷ ଗ୍ରାମବାସୀ ବିସ୍ଫୋରଣ ଘଟାଇଥିବା ଏମ୍‌ସିଏଲ୍ କର୍ମଚାରୀଙ୍କୁ ଗ୍ରାମରେ ଅଟେଇ ଘଣ୍ଟା ଅଟକ ରଖିଥିଲେ । ଏନେଇ ଖଣି କର୍ତ୍ତୃପକ୍ଷ ପୋଲିସ୍‌କୁ ଜଣାଇ ଥିଲେ। ଖବର ପାଇ ବନହରପାଲି ଥାନା ପୋଲିସ ଗ୍ରାମରେ ପହଁଞ୍ଚି ଲୋକଙ୍କୁ ବୁଝାସୁଝା କରି ଅଟକ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା । ଏନେଇ ଗ୍ରାମବାସୀ ଘଟଣା ସମ୍ପର୍କରେ ବନହରପାଲି ଥାନାରେ ଲିଖିତ ଅଭିଯୋଗକରି ନ୍ୟାୟଭିକ୍ଷା କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ପୋଲିସ୍ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି । ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ ନ ହେଲେ ଅସନ୍ତୋଷ ଗ୍ରାମବାସୀ ଖଣି କାର୍ଯ୍ୟ ବନ୍ଦ କରିବା ପାଇଁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଥାଉକି ଗ୍ରାମତଳେ ଭରପୂର କୋଇଲା ରହିଥିବାବେଳେ ଏହାକୁ କମ୍ପାନୀ ଦୀର୍ଘବର୍ଷ ହେଲାଣି ଅଧିଗ୍ରହଣ କରିଛି । ଏହି ଗ୍ରାମକୁ ବିସ୍ଥାପିତ କରି ଅନ୍ୟତ୍ର ଥଇଥାନ କରିବା ପାଇଁ କମ୍ପାନୀ ତରଫରୁ ପ୍ରୟାସ ଚାଲିଛି। କିନ୍ତୁ ଏଥିରେ କମ୍ପାନୀ ବିଳମ୍ବ କରୁଥିବାରୁ ଗ୍ରାମବାସୀଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି। ଗ୍ରାମବାସୀ ଏବେ ବି କହୁଛନ୍ତି ଉପଯୁକ୍ତ କ୍ଷତିପୂରଣ, ଥଇଥାନ, ନିଯୁକ୍ତି ଆଦି ଯୋଗାଇଦେଲେ ଗ୍ରାମଛାଡି ଅନ୍ୟତ୍ର ଚାଲିଯିବୁ । ଗ୍ରାମବାସୀଙ୍କ ଏଭଳି ସହମତି ରହିଥିବେଳେ କମ୍ପାନୀ କର୍ତ୍ତୃପକ୍ଷ ଏହାର ସମାଧାନ କରିବା ପରିବର୍ତ୍ତେ କାଳକ୍ଷେପଣ ନୀତି ଚଳାଇଛନ୍ତି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।


ଗ୍ରାମବାସୀ ଏକଜୁଟ୍ ହୋଇ ବିସ୍ଫୋରଣକୁ ବିରୋଧ କରୁଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକିଏ କଥାରେ ରୁଷୁ**
**ଖଟ ତଳେ ଯାଇ ବସୁ**
**ଟିକିଏ ଆଦର କରିଲେ**
**କେତେ ମୁରୁକି ମୁରୁକି ହସୁ ।**

ଭାରି ଅଭିମାନୀ। କଡ଼ା କଥା ସହ୍ୟ କରିପାରେନି। କେତେକ ଟାଣ କରି କଥା କହିଲେ ମୁହଁ ଶୁଖାଇ ବସିଯାନ୍ତି, ରୁଷିଯାନ୍ତି। ଏପରିସ୍ଥଳେ ତାଙ୍କୁ ଟିକେ ଆଦର କରି ଦି'ପଦ ମିଠାକଥା ଶୁଣାଇଦେଲେ ପୂର୍ବରାଗ, ରୁଷା, ମାନ ଅଭିମାନ ଭୁଲି ନିଜର ବା ଆପଣାର ଭାବ ଦେଖାଇ ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାପରା ଯେବେ କରିବସିବ**
**ପାଖରେ ଥିବ ଶାଳୀ**
**ନ ଦେବ ଯେବେ ଗାଳି ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥାଏ। ଶାଳୀ ହିଁ ଭିଣୋଇର ଥଟ୍ଟା ପରିହାସର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅରୁଣ ଜେଟ୍‌ଲୀ, ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଭାଜପା କର୍ମୀ।

**ଲଖନପୁର,୨୭।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୩ନଂ ଜିଲା ପରିଷଦ ଜୋନ୍ ଭାଜପା ପକ୍ଷରୁ ଇନ୍ଦ୍ରଧନୁଷ୍ କ୍ଲବ୍‌ରେ ସୋମବାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲି ଓ ସୁଷମା ସ୍ୱରାଜଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ରଘୁନନ୍ଦନ ପଣ୍ଡା, ସନ୍ତୋଷ ବିଶ୍ୱାଳ, ବିଶ୍ୱଜିତ ଷଡ଼ଙ୍ଗୀ, ପ୍ରଶାନ୍ତ ତ୍ରିପାଠୀ, ବିଜୟ ସେଠ, ରତ୍ନାକର ପ୍ରଧାନ, କୈଳାସ ଖମାରୀ, ଅଚ୍ୟୁତାନନ୍ଦ ପ୍ରଧାନ, ହେମନ୍ତ ପଟେଲ, ପ୍ରସନ୍ନ କୁମାର ପାଢ଼ୀ, ମୁରଲୀଧର ବେହେରା, କେଶବ ନାୟକ, ଶଙ୍କର୍ଷଣ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, ଆଲୋକ କୁମାର ସାହୁ, ସଚ୍ଚିଦାନନ୍ଦ ନାୟକ, ସୁଶାନ୍ତ ଖମାରୀ, ଆକୁଳ ସ୍ୱାଇଁ, ଡିଲେଶ୍ୱର ସିଂ, ମୋହନ ବାଗ, ଜୟନ୍ତ ତରଙ୍ଗୀ, ଅଖିଳ ପାଣ୍ଡେ, ବାବୁଲ ଉପାଧ୍ୟାୟ, ଶକ୍ତି ସିଂହ, ଅଭିଳାଷ ବେହେରା, ଚନ୍ଦନ ପ୍ରଧାନ, ଓମ୍‌ପ୍ରକାଶ ସିଂହ, ବିଶ୍ୱଜିତ ମହାନ୍ତି ପ୍ରମୁଖ କର୍ମୀ ଯୋଗଦେଇ ଉଭୟ ନେତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ରାସ୍ତା କଡ, ଜମି ହିଡରେ କାଶତଣ୍ଡୀର ସମ୍ଭାର

**ଲଇକେରା.୨୭।୮(ଡି.ଏନ.ଏ.)**

ଆଗକୁ ପର୍ବପର୍ବାଣୀ ଆସୁଥିବା ବେଳେ ଧରଣୀରାଣୀ ସଜେଇ ହେଉଛି । ଆଉ ସପ୍ତାହେ ପରେ ପଶ୍ଚିମ ଓଡିଶାର କୃଷିଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ । ବହୁ ପଛରେ ହେଲେ ବି ବର୍ଷା ହୋଇଥିବା ବେଳେ ଚାଷୀ ତରବରିଆ ଭାବେ ଚାଷ ଏକ ରକମର ସାରିଛି । କ୍ଷେତରେ ସାଗୁଆ ସୁନାର ଫସଲ ଲହଡି ଭାଙ୍ଗିବାରେ ଲାଗିଛି । ଜମି ହିଡରେ ଧଳା କାଶତଣ୍ଡି ଆଉ ଜମିରେ ସବୁଜ ଧାନ ସତେ ଯେମିତି ସବୁଜ ଶାଢିରେ ଧଳା ଧଡି ଭଳି ଶୋଭା ପାଉଛି । ଝାରସୁଗୁଡା ଜିଲା ଲଇକେରା ବ୍ଲକ ଅଞ୍ଚଳରେ ଏମିତି ମନୋରମ ଦୃଶ୍ୟ ଦେଖିବାକୁ ମିଳିଛି।


କାଶତଣ୍ଡୀର ମନୋରମ ଦୃଶ୍ୟ।

# ୫ଦଫା ଦାବିନେଇ ଲଖନପୁର ଜିଏମ୍ ଅଫିସ୍ ସମ୍ମୁଖରେ ଧାରଣା


ଧାରଣାରେ ବସିଥିବା ସ୍ଥାନୀୟ ବାସିନ୍ଦା ।

**ଲଖନପୁର,୨୭।୮(ଡି.ଏନ୍.ଏ)**

୫ଦଫା ଦାବିନେଇ ସ୍ଥାନୀୟ ବାସିନ୍ଦା ମଙ୍ଗଳବାର ଏମ୍‌ସିଏଲ୍ ଲଖନପୁର ଜିଏମ୍ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ । ଖବର ପାଇ ବିଧାୟକ କିଶୋର ମହାନ୍ତି ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ସାମିଲ ହୋଇଥିଲେ । ଦାବି ସମୂହ ମଧ୍ୟରେ ରହିଥିଲା ସ୍ଥାନୀୟ ନିଯୁକ୍ତି, ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସମସ୍ୟା, ରାସ୍ତାର ଉନ୍ନତିକରଣ ଆଦି । ଏନେଇ ଜିଏମ୍ ଅଫିସ୍‌ରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଏଥିରେ ବିଧାୟକ ମହାନ୍ତି, ଏମ୍‌ସିଏଲ୍ ଜିଏମ୍ ଅନିଲ କୁମାର ସିଂହ,ପିତାମ୍ବର ମିଶ୍ର,ଗୌତମ ପ୍ରଧାନ ପ୍ରମୁଖ ରହିଥିଲେ । ଦାବି ସମୂହ ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏହାର ସମାଧାନ କରିବା ପାଇଁ ଜିଏମ୍ ସିଂହ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# ଗଞ୍ଜେଇ ଜବତ, ଜଣେ ଗିରଫ

**କନ୍ଧମାଳ,୨୭।୮(ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ବରିଗୁଭା ଛକରୁ ମଙ୍ଗଳବାର ଭୋର ୫ଟା ୩୦ ମିନିଟ୍ ସମୟରେ ପୋଲିସ ଏକ ବୋଲେରୋ ଗଞ୍ଜେଇ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଗୋପପଲି ଗ୍ରାମର ଦିଲୀପ କୁମାର ଦେହୁରୀ ଏବଂ ଜବତ ଗଞ୍ଜେଇର ପରିମାଣ ୬ କୁଇଣ୍ଟାଲ ୫୦ କେଜି ହେବ ବୋଲି ଜଣାପଡିଛି । ଏ ନେଇ କଣ୍ଟାମାଳ ଥାନାରେ ଏକ ମାମଲା (ନଂ.୧୪୭/୧୯) ରୁଜୁ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି । ସୂଚନା ଅନୁସାରେ, ସୋମବାର ରାତିରେ ଗଞ୍ଜେଇ ଚୋରା ଚାଲାଣ ହେବାକୁ ଥିବା ଖବରପାଇ କଣ୍ଟାମାଳ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ନାରାୟଣ ପ୍ରସାଦ ଅଞ୍ଚଳରେ ପେଟ୍ରୋଲିଂ ଚାଲିଥିଲା। ଏହି ସମୟରେ ନାରାୟଣପ୍ରସାଦ ପଟୁ ଆସୁଥିବା ଏକ ବୋଲେରୋ ପିକ୍‌ଅପ୍ (ନଂ.ଓଡି୩୧ଡି/୫୯୦୬)କୁ ପୋଲିସ ବରିଗୁଭା ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ବସ୍ତା ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଆର୍‌କେଏସ୍ ବୈଠକ



ଆର୍‌କେଏସ୍ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ।

**ଲଖନପୁର,୨୭।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ମେଡିକାଲ ଭାରପ୍ରାପ୍ତ ଅଧିକାରୀ ଡା. ନିବେଦିତା ବାରିକଙ୍କ ଅଧ୍ୟକ୍ଷତାରେ ରୋଗୀ କଲ୍ୟାଣ ସମିତି (ଆର୍‌କେଏସ୍) ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ କିଶୋର ମହାନ୍ତି, ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ବିଡିଓ ଗୋବିନ୍ଦ ଦଣ୍ଡସେନା, ସିଡିପିଓ ଆରତୀ ଯୋଶୀ, ଏବିଓ ଅଭିନ୍ନ ରାଉତ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠଯନ୍ତ୍ରୀ ବିଜୟ ଅଟି, ଡା. ଏକାନ୍ତ ପ୍ରଧାନ, ଆକାଉଣ୍ଟ ମ୍ୟାନଜେର ପ୍ରଭ୍ୟଜିତ୍ ଜେନା, ସରୋଜ ହୋତା ପ୍ରମୁଖ ଯୋଗଦେଇଥିଲେ। ଡା. ଜ୍ୟୋତିପ୍ରକାଶ ସାମଲ ମଞ୍ଚ ପରିଚାଳନା କରିଥିବାବେଳେ ବିପିଏମ୍ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତୀକରଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା, ଡିଜିଟାଲ୍ ଏକ୍ସ-ରେ ମେଶିନ, ଡେଣ୍ଟାଲ ଚିକିତ୍ସା, ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତୀକରଣ ଆଦି ଦାବି କରାଯାଇଥିଲା। କେତେକ ଦାବି ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠି ଓ ଜିଲା ଖଣିଜ ପାଣ୍ଠି ଅନୁଦାନରୁ ପୂରଣ କରାଯିବ ବୋଲି ବିଧାୟକ ମହାନ୍ତି କହିଛନ୍ତି।

■ବ୍ରାଣ୍ଡ୍ କମ୍ପାନୀ ନାମରେ ଷ୍ଟିକର୍ ଲଗାଇ ରେଜେଇ ବିକ୍ରି

# ୨ଗିରଫ, ୧୪ ନକଲି ରେଜେଇ, ଷ୍ଟିକର ଜବତ

**ଝାରସୁଗୁଡ଼ାଅଫିସ୍/ଲଖନପୁର, ୨୭।୮(ଡି.ଏନ୍.ଏ.)**

ବ୍ରାଣ୍ଡ୍ କମ୍ପାନୀର ନକଲି ଷ୍ଟିକର ଲଗାଇ ରେଜେଇ୍ (ଗଦି) ବିକ୍ରି କରୁଥିବା ଅଭିଯୋଗରେ ବଡମାଲ ଥାନା ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମେଦିନୀପୁରର ଶେଖ୍‌ନାସିର ଅଲ୍ଲୀ (୫୨) ଓ ଶେଖ୍ ହସନ୍ ଅଲ୍ଲୀ(୨୨)। ବୁଧବାର ଗିରଫ ଯୁବକଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଅମିତାଭ ପଣ୍ଡା କହିଛନ୍ତି। ଏ ନେଇ ବଡମାଲ ଥାନା ପୋଲିସ ଏକ ମାମଲା(ନଂ୧୩୬/୧୯) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ଗୋଦ୍‌ରେଜ୍ ଓ ନିଲକମଲ କମ୍ପାନୀର ଷ୍ଟିକର୍ ଲାଗିଥିବା ୧୪ ନକଲି ରେଜେଇ(ଗଦି) ସହ କେତେକ ନକଲି ଷ୍ଟିକର୍ ଜବତ କରିଛି । ପଶ୍ଚିମବଙ୍ଗ ମେଦିନୀପୁର ଅଞ୍ଚଳରୁ ଗିରଫ ଯୁବକ ଦ୍ୱୟ ଆସି ଝାରସୁଗୁଡ଼ା ବଡମାଲରେ ଭଡାରେ ରହି ଆଖପାଖ ଅଞ୍ଚଳରେ ନିଲକମଲ୍ ଏବଂ ଗୋଦେରେଜ୍ କମ୍ପାନୀର ରେଜେଇ(ଗଦି) କମ୍ ମୂଲ୍ୟରେ ବିକ୍ରି କରୁଥିଲେ । ଏହା ଜଣାପଡିବା ପରେ ଗ୍ରାହକମାନେ ସ୍ଥାନୀୟ ଦୋକାନଙ୍କୁ ଯାଇ ରେଜେଇର ମୂଲ୍ୟ ପଚାରି ବୁଝିଥିଲେ। ପରେ ଗ୍ରାହକମାନେ ସେମାନଙ୍କ ଉପରେ ସନ୍ଦେହ କରିଥିଲେ। ଏହି ସମ୍ପର୍କରେ ସ୍ଥାନୀୟ ଦୋକାନୀ କମ୍ପାନୀକୁ ଜଣାଇଥିଲେ । କମ୍ପାନୀ ଅଧିକାରୀ ଶଙ୍କର କୁମାର ଦାସ ଏ ନେଇ ବଡମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ କରିଥିଲା।


ଗିରଫ ହୋଇଥିବା ୨ ବ୍ୟକ୍ତି।

# ଗୋସୁରକ୍ଷା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ସହରରେ ବୁଲା ଗାଈଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରର ରାସ୍ତାଘାଟରେ ଗାଈଗୋରୁ ରହୁଥିବା ଯୋଗୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜି ଜୀବନହାନି ଘଟୁଛି । ଏପରିକି ଏଥିରେ ଗାଈଗୋରୁଙ୍କ ମଧ୍ୟ ମୃତ୍ୟୁ ହେଉଛି । ସେହିପରି ଜିଲାରେ ଗୋରୁ ଚାଲାଣ ମଧ୍ୟ ବିଭିନ୍ନ ସମୟରେ ଘଟୁଥିବା ଅଭିଯୋଗ ହୋଇଛି। ଏହାସତ୍ତ୍ୱେ ବରଗଡ଼ ସହରରେ କାଞ୍ଜି ହାଉସ ନିର୍ମାଣ କରାଯାଉନାହିଁ । ଏ ନେଇ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗୋ ସୁରକ୍ଷା ତଥା କାଞ୍ଜି ହାଉସ ନିର୍ମାଣ ଦାବିରେ ସୋମବାର ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ କାଶ୍ମୀର ସିଂ, କିଶୋର ବିଭାରଙ୍କ ସମେତ ବଜରଙ୍ଗ ଦଳର କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ ।

# ଆବାସ ଯୋଜନାରୁ ବଁଚିତ୍ ପୂର୍ଣ୍ଣବାସୀ

**କନ୍ଧାପଙ୍କ, ୨୭।୮ (ଡି.ଏନ୍.ଏ.)**

ବୌଦ୍ଧ ଜିଲା ତେଲିବନ୍ଧ ପଁଚେତ୍ ଅଧୀନ ରାମପୁର ଗାଁର ପୂର୍ଣ୍ଣବାସୀ ଦାସ ଗୁଟେ ଭଂଗା ଦଦ୍‌ରା ଘରେ ଜୀବନ୍‌କେ ପାଏନ୍ ଛଡ଼େଇ ରହୁଛନ୍। ଇଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ବାସହୀନ ପରିବାରମାନକୁ ଭିନେ ଭିନେ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ବିଭାଗୀୟ ଅଧିକାରୀମାନକର ଉଦାସିନ୍‌ତା ଲାଗି ଏନ୍‌ତା ଅନେକ ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ୍ ପାଏବାରୁ ବଁଚିତ୍ ହେଉଛନ୍।

ସୂଚନା ଅନ୍‌ସାରେ ରାମପୁର ଗାଁର ପୂର୍ଣ୍ଣବାସୀ ଦାସ ବିପିଏଲ୍ ଶ୍ରେଣୀରେ ରହିଛନ୍। ଆପନେ ୧୦ ବଛର ତଲେ ଆରପାରକେ ଚାଲିଯାଇଛନ୍। ଏନ୍‌ତାଥି ନିସାହା ବିଧବା ପୂର୍ଣ୍ଣବାସୀ ଭିଖ୍ ମାଗି ନିଜର ପେଟ୍ ପାଲୁଛନ୍। ଯେନ୍‌ଦିନ ଭିଖ୍ ମାଗିଯାଇ ନାଇଁପାରବାର ସେଦିନ ଖାଡ଼ା ଉପାସରେ ରହୁଛନ୍। ଇଆଡ଼େ ଜମିବାଡ଼ି ବଲି କିଛି ନାଇଁ। ସରକାରୀ ସାହାଯ୍ କହେଲେ ପୂର୍ଣ୍ଣବାସୀ ମାସିକ ପାଉଥିବାର ୩ଶହ ଟଁକା ବିଧବା ଭତା ଆର ପଁଚେତ୍‌ରୁ ମିଲୁଥିବାର ୧୦କେ.ଜି. ଚାଉଲ ନ ସାହାଭରସା। ଏନ୍‌ତାଥି ସେ ରହୁଥିବାର ଝାଟିମାଟି ଘରଟା ବି ମରାମତି କରି ନାଇଁ ପାରବାର। ଅଲପ୍ ବରଷାରେ ବି ଘରଟା ଦରୋ ଦରୋ ଗଲୁଛେ। ସେ ରହୁଥିବାର ଘରଟା ଗୁଟେ ଗାଈ ଗୁହାଲନୁ ହୀନ ଅବସ୍ତାରେ ରହିଛେ। କେତେବେଲେ ଘରଟା ମାଡ଼ି ବସବା କିଛି କହି ନାଇଁ ହେବାର। ଏନ୍‌ତାଥି ପୂର୍ଣ୍ଣବାସୀ ଉପେ ଶୂଇନ୍ ହେଇ, ଜୀବନ୍‌କେ ପାଏନ୍ ଛଡ଼େଇ ସେ ଭଂଗା ଦଦ୍‌ରା ଘରେ ରହୁଛନ୍। ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପୂର୍ଣ୍ଣବାସୀ ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ମତାମତ ଲାଗି ତେଲିବନ୍ଧ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀକୁଁ ଯୋଗାଯୋଗ କରାଯାଇଥିଲେ ବି କେହେନ୍‌ସି କାରନ୍‌ରୁ ସେ ଫୋନ୍ ନାଇଁ ଉଠେଇ। ଯେନ୍‌ଥିରଲାଗି ତାକର ମତାମତ ନାଇଁ ମିଳିପାରି।


ନିଜର ଦଦ୍‌ରା କୁରିଆ ଆଗେ ପୂର୍ଣ୍ଣବାସୀ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୮ ଅଗଷ୍ଟ, ୨୦୧୯



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



**ସଂକ୍ଷେପରେ**

## ୭ମ ଆର୍ଥିକ ଗଣନା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭବାନୀପାଟଣା,୨୭।୮(ଡି.ଏନ.ଏ.):** ଭବାନୀପାଟଣା ଜିଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସପ୍ତମ ଆର୍ଥିକ ଗଣନା କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ମୋବାଇଲ ଆପ୍ଲିକେସନ ଜରିଆରେ ଆର୍ଥିକ ଗଣନାର ସମସ୍ତ ସର୍ଭେ, କମନ ସର୍ଭିସ ସେଣ୍ଟର ଦ୍ୱାରା ନିୟୋଜିତ ହୋଇଥିବା ଏନୁମିରେଟର୍ସମାନଙ୍କ ଦ୍ୱାରା ପରିଚାଳିତ ହେବ । ସିଏସସି ପରିଚାଳକମାନେ ସୁପରଭାଇଜର ଭୂମିକା ନିର୍ବାହ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଜନା ଓ ସମୀକ୍ଷା ଡେପୁଟି ଡାଇରେକ୍ଟର ବିଜୟ ତ୍ରିପାଠୀ, ଏସଏସଓ ଦିଲୀପ ମିଶ୍ର, ପ୍ରକାଶ ରାଉତ, ସିଏସସି ଜିଲା ମ୍ୟାନେଜର ସୁରଥ ସାହୁଙ୍କ ସମେତ ସୁପରଭାଇଜର ଓ ଏନୁମିରେଟର୍ସମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବସଷ୍ଟାଣ୍ଡ ଯାଏ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

■ ନବନିର୍ମାଣ କୃଷକ ସଙ୍ଗଠନର ସଭା

# ଏକାଠି ହୋଇପାରୁ ନ ଥିବାରୁ କୃଷକ ଅବହେଳିତ

**ବ୍ରହ୍ମାନନ୍ଦ ସଂଯୋଜକ ଚୟନ**

**ବଡ଼ଗାଁ, ୨୭।୮ (ଡି.ଏନ.ଏ)**

ସ୍ୱାଧୀନତାର ୭୩ ବର୍ଷ ମଧ୍ୟରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ନାରା ଜୟ ଯବାନ, ଜୟ କିଷାନ କେବଳ ନାରାରେ ରହିଯାଇଛି। ସେହି ସ୍ୱପ୍ନକୁ ସାକାର କରିବା ପାଇଁ ନବ ନିର୍ମାଣ କୃଷକ ସଙ୍ଗଠନ ବଦ୍ଧପରିକର ବୋଲି ସୁନ୍ଦରଗଡ ଜିଲା ବଡଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ମଙ୍ଗଳବାର ଆୟୋଜିତ ସଭାରେ ସଂଗଠନର ରାଜ୍ୟ ସହସଂଯୋଜକ ଉମାକାନ୍ତ ଭରତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବଡ଼ଗାଁ ବ୍ଲକ ଅଞ୍ଚଳର ଶତାଧିକ ଚାଷୀଙ୍କୁ ନେଇ ହୋଇଥିବା ଏହି ସଭାରେ ରାଜ୍ୟ କମିଟି ସଭ୍ୟ ରବୀନ୍ଦ୍ର ସାହୁ, ସୁନ୍ଦରଗଡ ପ୍ରଭାରୀ ଭରତ ଚନ୍ଦ୍ର ସ୍ୱାଇଁ, ଜିଲା ଉପଦେଷ୍ଟା ଦିଲୀପ କୁମାର ପଣ୍ଡା, ଜିଲା ସହସଂଯୋଜକ ପ୍ରସନ୍ନ ନାୟକ, ମହିଳା ସଂଯୋଜକ ବାସନ୍ତୀ କିଷାନ ଯୋଗଦେଇଥିଲେ । ସୁନ୍ଦରଗଡ ପ୍ରଭାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସଙ୍ଗଠନ କର୍ମକର୍ତ୍ତାମାନେ ଚାଷୀମାନଙ୍କ ବିଭିନ୍ନ ସମସ୍ୟାଗୁଡିକ ଉପସ୍ଥାପନ କରିଥିଲେ। ଚାକିରିଆମାନେ ସରକାରଙ୍କୁ ନାଲି ଆଖି ଦେଖାଇ ଦରମା ବଢ଼ାଇଲେ। କିନ୍ତୁ ଚାଷୀ ଏକାଠି ହୋଇ ପାରୁ ନ ଥିବାରୁ ସର୍ବଦା ଅବହେଳିତ ହେଉଛନ୍ତି। ଏଠାରେ ସରକାର ମଦ ବିକ୍ରେତାଙ୍କୁ ପୁରସ୍କାର ଦେବେ। ଶିଳ୍ପପତିଙ୍କ ବିଜୁଳି ବିଲ ଛାଡ କରିବେ କିନ୍ତୁ ଚାଷୀଙ୍କ ବିଦ୍ୟୁତ ବିଲ ଛାଡ ହେବନି। କୌଣସି ରାଜନୈତିକ ଦଳ ଆମର ନୁହଁନ୍ତି । ସମସ୍ତେ ତାଙ୍କ ସ୍ୱାର୍ଥରେ ଅଛନ୍ତି ଓ କୃଷକଙ୍କ ସହିତ ରାଜନିତିଆମାନେ ଖେଳୁଛନ୍ତି। ସଙ୍ଗଠନ ପ୍ରାଇସ ଓ ପ୍ରେସ୍ଟିଜ ଲଢ଼େଇ ଜାରି ରଖିଛି। ସମସ୍ତେ ଏକାଠି ହୋଇ ହକ୍ ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ଏହା ପରେ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା। ବ୍ଲକ ସଂଯୋଜକ ଭାବେ ବ୍ରହ୍ମାନନ୍ଦ ପାଣିଗ୍ରାହୀ, ସହ ସଂଯୋଜକ ଭାବେ ଏକମାର ସନ୍ତୋଷ ମହାକୁଳ, ଯାଜପୁର ଗ୍ରାମର କୃପାସିନ୍ଧୁ ସା, କୁସୁନା ଗ୍ରାମର ଇନ୍ଦ୍ରମଣୀ ସା, କୁରେଇବଗା ଗ୍ରାମର ତରଣୀସେନ ପୃଷେଟଙ୍କୁ ଚୟନ କରାଯାଇଛି ।



ସଙ୍ଗଠନ କର୍ମକର୍ତ୍ତାଙ୍କ ସହିତ କୃଷକ।

## ହୃଦ୍‌ଘାତରେ କଲେଜ ପିଅନଙ୍କ ମୃତ

**ଲାଞ୍ଜିଗଡ଼,୨୭।୮(ଡି.ଏନ.ଏ.):** ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରସ୍ଥିତ ମା’ ହୀରାନୀଳା ଯୁକ୍ତ ୨ ଜୁନିୟର କଲେଜ ପିଅନ ଧନେଶ୍ୱର ପ୍ରଧାନୀ(୫୫)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି । କଲେଜରେ ସକାଳ ୧୦ଟାରେ ପ୍ରଧାନୀ ବସିଥିବା ବେଳେ ଅସୁସ୍ଥ ହୋଇଥିଲେ। ଚୌକିରୁ ପଡିଯିବା ବେଳେ ପାଖରେ ବସିଥିବା ଆଉ ୨ ଜଣ ପିଅନ ପ୍ରଧାନୀଙ୍କୁ ଜାବୁଡି ଧରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବିଶ୍ୱନାଥପୁର ମେଡିକାଲକୁ ନେଇଥିଲେ। ସେଠାରେ ବିଶ୍ୱନାଥପୁର ସ୍ୱାସ୍ଥ୍ୟାଧିକାରୀ ପ୍ରାଥମିକ ଚିକିତ୍ସା ପରେ ପ୍ରଧାନୀଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଶୁଣି ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ.ଫକୀର ମୋହନ ମାଝି ଡାକ୍ତରଖାନା ଯାଇ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ଡାକ୍ତର ତାଙ୍କୁ ହୃଦଘାତରେ ମୃତ୍ୟୁ ହୋଇଥିବା କହିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନୂଆପଡା ଅଫିସ/ବୋଡେନ,୨୭।୮:** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଫରସରା ସେବାଶ୍ରମ ବିଦ୍ୟାଳୟ ଶିକ୍ଷକଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଶିକ୍ଷକ କମଳ ସିଂ ମାଝିଙ୍କୁ ଶିକ୍ଷକଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

ବଡ଼ଗାଁ ଆଇଟିଆଇରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

## ନାପ୍‌କିନ୍ ଏଟିଏମ ଉଦ୍‌ଘାଟିତ

**ବଡ଼ଗାଁ, ୨୭।୮ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିସି)ରେ ଚଳିତ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଓ ନାପ୍‌କିନ୍ ଏଟିଏମ ଉଦ୍‌ଘାଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ତଲସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟଅତିଥି, ଜିଲା ସଙ୍ଗଠନ ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଭାଜପା କର୍ମକର୍ତ୍ତା ପ୍ରତାପ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଇଟିସି ଗାର୍ଲ୍ସ ହଷ୍ଟେଲ ଓ ଗାର୍ଲ୍ସ କମନ ରୁମରେ ୨ଟି ସେନିଟାରୀ ନାପ୍‌କିନ୍ ଏଟିଏମକୁ ବିଧାୟକ ଓ ଅଧ୍ୟକ୍ଷା ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ବିଧାୟକ ଭୋଇ, ଛାତ୍ରୀମାନଙ୍କୁ ନେପକିନ୍ ବ୍ୟବହାର ଉପରେ ସଚେତନ କରାଇଥିଲେ। ସେ ପ୍ରଧାନମନ୍ତ୍ରୀ ଦକ୍ଷତା ବିକାଶ, କୌଶଳ ବିକାଶ ଉପରେ ଦେଉଥିବା ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ରମାନେ କୁଶଳୀ ହେବାକୁ ବୁଝାଇଥିଲେ। ପ୍ରତ୍ୟେକ ଛାତ୍ର ଜଣେ ସହାୟକ ହେବାକୁ କହିଥିଲେ। ଭାଜପା ଉପସଭାପତି ପାଣିଗ୍ରାହୀ, ଛାତ୍ରୀଛାତ୍ର ଉଚ୍ଚମନା ହୋଇ ଲକ୍ଷ୍ୟ ପୂରଣ ଦିଗରେ ଆଗେଇବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ମିଞ୍ଜ, ଆଇଟିଆଇର ବିଗତ ଛାତ୍ରୀଛାତ୍ରମାନେ ଯେମିତି ପ୍ରତିଭାର ପରିଚୟ ଦେଇଛନ୍ତି। ତାକୁ ନୂତନ ଛାତ୍ରୀଛାତ୍ରମାନେ ବଜାୟ ରଖି ସମୟର ସଦବିନିଯୋଗ କରିବାକୁ ବୁଝାଇଥିଲେ। ଆଇଟିସି ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ ।



ବଡ଼ଗାଁରେ କାର୍ଯ୍ୟକ୍ରମରେ ଉପସ୍ଥିତ ମଞ୍ଚାସୀନ ଅତିଥି।

## ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ ଶିବିର

**ଭବାନୀପାଟଣା,୨୭।୮(ଡି.ଏନ.ଏ.)**

ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବ୍ୟାଙ୍କ ଅଫ୍ ବରୋଦା ମିଳିତ ଉଦ୍ୟମରେ ମହାବିଦ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଅନେକ ବ୍ୟକ୍ତି ଓ ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରି ରକ୍ତ ଭଣ୍ଡାରକୁ ଦାନ କରାଯାଇଥିଲା। ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପିସି ଦଳେଇ, ଅଧ୍ୟାପକ ଜୟଦେବ ସାହୁ ଓ ପଲ୍ଲୀଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଡା. ଅମଳନ କେଶରୀ ନାଏକ, ଡା. ଯୁଧିଷ୍ଠିର ପାତ୍ର ଉପସ୍ଥିତ ରହି ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ଆଖି ଓ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସିନିୟର ବ୍ରାଞ୍ଚ ମ୍ୟାନେଜର ବ୍ୟାଙ୍କ ଅଫ୍ ବରୋଦା ଅମିତ ସାହୁ, ବିରେନ୍ଦ୍ର କୁମାର ମିଶ୍ର, ମେକ୍ସ ବୋପା ହେଲଥ୍ ଇନ୍‌ସୁରେନସ୍ କମ୍ପାନୀ ମନୋରଞ୍ଜନ ଦାସ, ମହାବିଦ୍ୟାଳୟ କେଣ୍ଟିନ ଦାୟିତ୍ୱ ନିର୍ବାହ କରୁଥିବା ବାବା ଅଲ୍ଲୀଖାନ୍ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

■ ଗାଁରେ ପହଞ୍ଚିପାରିଲାନି ମହାପ୍ରୟାଣ ଗାଡ଼ି

# ୫ କି.ମି. ମୃତଦେହ ବୋହିଲେ ଗାଁ ଲୋକେ

**ଭବାନୀପାଟଣା/ମୋହନଗିରି, ୨୭।୮(ଡି.ଏନ.ଏ.)**

ଘାଟି ଓ ଖରାପ ରାସ୍ତା ଯୋଗୁ ମହାପ୍ରୟାଣ ଗାଡି ଗାଁରେ ପହଞ୍ଚି ନ ପାରିବାରୁ ୫ କି.ମି. ଯାଏ ମୃତଦେହକୁ ଖଟିଆରେ ବୋହି ନିଆଯାଇଛି । କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଦେଢସୁଲି ପଞ୍ଚାୟତ ଅନ୍ତର୍ଗତ ବାଗବିଲା ଗାଁରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ ମୋହନଗିରିଠାରୁ ୮ କି.ମି. ଦୂର ପାହାଡ ଉପରେ ଥିବା ବାଗବିଲା ଗ୍ରାମର ଗୋବିନ୍ଦ ମାଝିଙ୍କ ସ୍ତ୍ରୀ ଜେମନ୍ତି ରବିବାର ସକାଳୁ ଚାଷ ଜମିକୁ ଧାନ ରୋଇବାକୁ ଯାଉଥିବା ବେଳେ ଜମିରେ ଥିବା ଏକ ଘାଇରେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ସେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ମୋହନଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାହାରକୁ ନେଇ ଚିକିତ୍ସା କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ପରେ ପରିବାରବର୍ଗ ତାଙ୍କୁ ବଲାଙ୍ଗୀର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ଏକ ମହାପ୍ରୟାଣ ଗାଡିରେ ବଲାଙ୍ଗୀରରୁ ଆଣି ମୋହନଗିରିଠାରୁ ୪ କି.ମି. ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଘାଟି ଓ ରାସ୍ତା ଖରାପ ଯୋଗୁ ଗାଡି ଆଗକୁ ଯାଇ ନ ପାରିବାରୁ ଅଧାବାଟରେ ଛାଡି ଦେଇ ଆସିଥିଲେ। ଗାଁ ଲୋକେ ତାଙ୍କୁ ସେଠାରୁ ବୋହି ନେଇ ଶବ ଶତ୍କାର କରିଥିଲେ। ସୂଚନାଯୋଗ୍ୟ ଯେ, ମୋହନଗିରି ଅଞ୍ଚଳର ପାହାଡ ଉପରେ ଏପରି ଅନେକ ଗାଁ ରହିଛି ଯେଉଁଠିକି ସ୍ଥାୟୀ ରାସ୍ତା ଅଦ୍ୟାବଧି ହୋଇପାରିନାହିଁ। ଫଳରେ ସ୍ଥାନୀୟ ଲୋକେ ଏହଭିଳି ଅସୁବିଧା ସମ୍ମୁଖୀନ ହେଉଛନ୍ତି ।



ଅଧାବାଟରୁ ଲୋକେ ମୃତଦେହକୁ ଖଟିଆରେ ବୋହି ନେଉଛନ୍ତି ।

## ଖଡ଼ିଆଳରେ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ

**ଖଡିଆଳ,୨୭।୮(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଅଞ୍ଚଳରେ ନୂଆଁଖାଇ ପାଇଁ ଉତ୍ସବ ମୁଖର ହୋଇଛି। ନୂଆଁଖାଇ ପାଇଁ ପ୍ରଥମେ ଲଗ୍ନ, ତିଥି, ବାର, ସମୟ ନିର୍ଦ୍ଧାରଣ କରିବାକୁ ପଡିଥାଏ। ଏଥିପାଇଁ ଖଡିଆଳ ରାଜଦରବାରଠାରେ ରାଜା ଜିତାମିତ୍ର ସିଂହଦେଓଙ୍କ ନିର୍ଦ୍ଦେଶରେ ନୂଆଁଖାଇ ପାଇଁ ଲଗ୍ନ ସ୍ଥିର କରିବାକୁ ରାଜ ପୁରୋହିତ ପ୍ରଫୁଲ୍ଲ ରଥ, ଜ୍ୟୋତିଷ ସୁଦର୍ଶନ ଠାକୁର ଓ ତାରା ପ୍ରସାଦ ଆଚାର୍ଯ୍ୟ ଗଣନା କରି ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ କରିଥିଲେ । ଖଡିଆଳ ଅଞ୍ଚଳର ଲୋକମାନଙ୍କ ପାଇଁ ଆସନ୍ତା ଶୁକ୍ଳପକ୍ଷ ପଞ୍ଚମୀରେ ବିଶୁଦ୍ଧ ବୃଶ୍ଚିକ ଲଗ୍ନରେ ସାଢ଼େ ୧୦ଟା ରୁ ୧୧ ଟା ୪୫ ମିନିଟରେ ଭିତରେ ନବାନ୍ନ ଭକ୍ଷଣର ଯୋଗ ରହିଛି। ଲଗ୍ନ ସ୍ଥିର ହେବା ସମୟରେ ଖଡିଆଳ ଯୁବରାଜ ଦେବଦେବ ସିଂଦେଓ, ପ୍ରଦୀପ ସିଂଦେଓ, ଅମିତ ସିଂଦେଓ, ଚିତ୍ତରଞ୍ଜନ ମହାପାତ୍ର, ଶିବରମଣ ସିଂଦେଓ, କ୍ଷୀରପ୍ରସାଦ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।



ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଧିମାଗଡ଼ର ଯୁବକମାନେ ମଙ୍ଗଳବାର ରାସ୍ତା କଡରେ ଚାରା ରୋପଣ କରୁଛନ୍ତି।

# ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ

**ଭବାନୀପାଟଣା,୨୭।୮(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୂଳରାମପୁର ବ୍ଲକ ସିନ୍ଦିପଦର ପଞ୍ଚାୟତ ବାର୍ଷିକୋଣା ନୂତନ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟରତ ପ୍ରଧାନଶିକ୍ଷକ ରୋହିତ ମାଝି ନିୟମିତ ସ୍କୁଲ ଆସୁ ନ ଥିବା ନେଇ ସ୍କୁଲ ସହକାରୀ ଶିକ୍ଷୟିତ୍ରୀ, ପାଚିକା ତଥା ପରିଚାଳନା କମିଟି ସଭାପତି ଅଭିଯୋଗ କରିଥିଲେ। ଫଳରେ ଏହି ସ୍କୁଲରେ ପାଠପଢ଼ା ସହ ମଧ୍ୟାହ୍ନ ଭୋଜନ ପରିଚାଳନାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହି ଘଟଣାକୁ ନେଇ ଗତ ୧୮ ତାରିଖ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥୁଆମୂଳ ରାମପୁର ଭାରପ୍ରାପ୍ତ ଶିକ୍ଷାଧିକାରୀ ସଞ୍ଜୀବ ନାଏକ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ମାଗିଥିବା ଜଣାପଡିଛି।

ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ଦଳଦଳ ହୋଇ ବୁଲୁଛନ୍ତି

# ବିଭିନ୍ନ ସ୍କୁଲରେ ଶିକ୍ଷାଦାନ ବାଧାପ୍ରାପ୍ତ

**କୁଆଁରମୁଣ୍ଡା,୨୭।୮(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟରେ ଦୀର୍ଘ ଏକ ସପ୍ତାହ ହେଲା ଶିକ୍ଷୟିତ୍ରୀ/ଶିକ୍ଷକମାନେ ଦଳଦଳ ହୋଇ ବୁଲୁଥିବାର ଅଭିଯୋଗ ହୋଇଛି। ଶିକ୍ଷାଦାନ ସମୟ ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଥିଲାବେଳେ ପୂର୍ବାହ୍ନ ୧୧ଟା ଠାରୁ ଶିକ୍ଷୟିତ୍ରୀ/ଶିକ୍ଷକମାନେ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଧାଉଁଛନ୍ତି। ଶୁଣାଯାଉଛି ଯେ, ଛାତ୍ରୀଛାତ୍ର ଓ ବିଦ୍ୟାଳୟର ସମସ୍ତ ତଥ୍ୟ ୟୁଡାଇସ୍ ମାଧ୍ୟମରେ କୁଆଡେ ସରକାରଙ୍କ ନିକଟକୁ ପଠାଯାଉଛି। ଏଠାରେ ପ୍ରଶ୍ନ ଉଠୁଛି ଯେ,ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ/ଶିକ୍ଷକମାନେ ଗତ ଏକ ସପ୍ତାହ ଧରି ବ୍ଲକର ଶିକ୍ଷା କାର୍ଯ୍ୟାଳୟକୁ ଏହି କାର୍ଯ୍ୟ କରିବା ପାଇଁ ଆସୁଥିବାରୁ ସ୍କୁଲରେ ଶିକ୍ଷାଦାନ ତଥା ଅନ୍ୟାନ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣଭାବେ ବାଧାପ୍ରାପ୍ତ ହେଉଛି। ଶିକ୍ଷା କାର୍ଯ୍ୟାଳୟର ଅଧିକାରୀମାନେ ବିଭିନ୍ନ ସ୍କୁଲ ବୁଲି ଉକ୍ତ ତଥ୍ୟଗୁଡିକୁ ଯଦି ସଂଗ୍ରହ କରୁଥାଆନ୍ତେ, ତେବେ ଶିକ୍ଷକମାନଙ୍କୁ ଏତେ ପରିଶ୍ରମ କରି ବ୍ଲକ କାର୍ଯ୍ୟାଳୟକୁ ଆସିବାର କୌଣସି ଆବଶ୍ୟକତା ପଡ଼ି ନ ଥାଆନ୍ତା। ମାତ୍ର ଏପରି କରା ନ ଯାଇ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ଶିକ୍ଷା କାର୍ଯ୍ୟାଳୟକୁ ଡକରା ଯିବାର ଭିତିରି ମନ୍ଦ ଉଦ୍ଦେଶ୍ୟ ଅଛି ବୋଲି କେତେ ଜଣ ଶିକ୍ଷକ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ଏପରିକି ଗୋଟିଏ ଗୋଟିଏ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଠାରୁ ୟୁଡାଇସ୍ ଯାଞ୍ଚ ଆଳରେ ଶହେ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଏହି କାର୍ଯ୍ୟ ସର୍ବଶିକ୍ଷା ଅଭିଯାନରେ ଶିକ୍ଷା କାର୍ଯ୍ୟାଳୟରେ ଠିକା କର୍ମଚାରୀଭାବେ କାର୍ଯ୍ୟରତ ଜନୈକ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ଶିକ୍ଷାଦାନ ସମୟରେ ସ୍କୁଲ ଛାଡି ମାଳମାଳ ଶିକ୍ଷୟିତ୍ରୀ/ଶିକ୍ଷକ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଆସୁଥିବା ସମ୍ପର୍କରେ କୁଆଁରମୁଣ୍ଡା ଏବିଇଓ ଗୁରୁଚରଣ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କହିଲେ ଯେ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ଏଠାକୁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏ ବିଷୟରେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନଙ୍କୁ ପଚରାଯିବାରେ ସେ କହିଲେ ଯେ, ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ଏଠାକୁ ସ୍କୁଲ ସମୟ ଭିତରେ ଆସିବାକୁ ମନା କରାଯିବ। ଯେଉଁମାନେ କାମରେ ଆସିବେ ୪ଟା ପରେ ଆସିବେ।

# ମା’ ସମଲେଇ ନୂଆଁଖାଇ ଭେଟ୍‌ଘାଟ ଫୁଟବଲ ପ୍ରତିଯୋଗିତା

**ବ୍ରଜରାଜନଗର, ୨୭।୮ (ଡି.ଏନ.ଏ)**

ରାଜପୁର ପଞ୍ଚାୟତ ଅନ୍ତର୍ଗତ କଟାପାଲି ଫୁଟବଲ ପଡିଆରେ ମା’ ସମଲେଇ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ବୀଣାପାଣି କ୍ଲବ କେଛୋବାହାଲ ଓ ବସୁନ୍ଧରା କ୍ଲବ ସୁନ୍ଦରଗଡ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ କେଛୋବାହାଲ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲେ। ସ୍ଥାନୀୟ ସମିତି ସଭ୍ୟ ଗଣେଷରାମ ବାଗ ମୁଖ୍ୟଅତିଥି, ସାନଘୁମୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ବୁଦ୍ଧଦେବ ଭୋଇ, ଝାରସୁଗୁଡା ଜିଲା କ୍ରୀଡା ସଭାପତି ବିଜୟ ବେହେରା, ସମାଜସେବୀ ବିଶ୍ୱଲୋଚନ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଗଣପତି କ୍ଲବର ସଭାପତି ଈଶ୍ୱର ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚଳିତବର୍ଷ ଏହି ପ୍ରତିଯୋଗିତା ୨୫ ବର୍ଷରେ ପଦାର୍ପଣ କରି ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରୁଛି । ପ୍ରତିଯୋଗିତାରେ ଝାରସୁଗୁଡା ସୁନ୍ଦରଗଡ ଓ ସମ୍ବଲପୁର ଜିଲାର ୮ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି ।



ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ଖେଳାଳିଙ୍କ ସହ ଅତିଥି।